- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 43 ◆ISSUE-15 ◆WEDNESDAY ◆9 JULY 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୫ ◆ବୁଧବାର ◆୯ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ରତ୍ନବେଦୀକୁ ବିଜେ କରୁଛନ୍ତି ମହାପ୍ରଭୁ ବଳଭଦ୍ର

### ସରିଲା ଶ୍ରୀଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା

# ରତ୍ନବେଦୀରେ ତିନିଠାକୁର

### ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କଲେ ଶ୍ରୀଜଗନ୍ନାଥ

### ଆଜିଠୁ ମିଳିବ ନୀଳାଚଳ ଅବଢ଼ା

■ ପୁରୀ, ୮।୭ (ସମିସ): ଶେଷ ହୋଇଛି ଚଳିତବର୍ଷର ଶ୍ରୀଗୁଣ୍ଡିଚା ଯାତ୍ରା। ନୀଳକନ୍ଦରକୁ ବିଜେ କରିଛନ୍ତି ନୀଳାଦ୍ରିନାଥ। ଦେବସ୍ନାନ ପୂର୍ଣ୍ଣିମାଠାରୁ ଅର୍ଥାତ୍ ୨୭ଦିନ ଧରି ଶୂନ୍ୟ ପଡ଼ିଥିବା ରତ୍ନସିଂହାସନ ପୁଣି ପୂରିଉଠିଛି। ବିଜେ କରିଛନ୍ତି ବିଶ୍ୱନିୟନ୍ତା। ଏଥିସହ ଚଳିତବର୍ଷର ରଥଯାତ୍ରା ପରିସମାପ୍ତି ଘଟିଛି। ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବା ପରେ ରତ୍ନବେଦୀକୁ ବିଜେ କରିଛନ୍ତି କାଳିଆ ସାଆନ୍ତ। ବୁଧବାରଠାରୁ ବଡ଼ଦେଉଳରେ ପୁଣି ଆରମ୍ଭ ହେବ ଦାରୁଦିଅଁଙ୍କ ଲୀଳାଖେଳା। ଚଳଚଞ୍ଚଳ ହେବ ରୋଷଶାଳା, ବାହାରିବ ନୀଳାଚଳ ଅବଢ଼ା। ଭକ୍ତ ପାଇବେ ମହାପ୍ରସାଦ, ଆଉ ଶ୍ରୀମନ୍ଦିରରେ ଲାଗିବ ଗହଳ ଚହଳ।

ମଙ୍ଗଳବାର ନୀଳାଦ୍ରିବିଜେ ପାଇଁ ସକାଳ ୭ଟା ୧୦ ସୁଦ୍ଧା ତିନିରଥରେ ମଙ୍ଗଳ ଆଳତି ହୋଇଥିଲା। ଅପରାହ୍ଣ ୨ଟା ୩୦ରୁ ୨ଟା ୪୦ରେ ସନ୍ଧ୍ୟା ଆଳତି ଏବଂ ଅପରାହ୍ଣ ୨ଟା ୫୫ରୁ ୩ଟା ୩୦ ମଧ୍ୟରେ ତିନିରଥରେ ସନ୍ଧ୍ୟା ଧୂପ ନୀତି ବଢ଼ିଥିଲା। ପରେ କୋଠ ସୁଆଁସିଆମାନେ ଠାକୁରଙ୍କ ବିଜେ ପାଇଁ ରତ୍ନସିଂହାସନରେ ଚାର ବାନ୍ଧିଥିଲେ। ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଶ୍ରୀମନ୍ଦିରରେ ପହଞ୍ଚି ରତ୍ନସିଂହାସନ ମାଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ଏତଦ୍‌ବ୍ୟତୀତ ନୀଳଚକ୍ରରେ ମଠ ପ୍ରଦତ୍ତ ପତିତପାବନ ବାନା ତୁନରା ସେବକ ବାନ୍ଧିଥିଲେ। ସନ୍ଧ୍ୟା ୭ଟା ୨୦ରେ ▶ପୃଷ୍ଠା-୭

# ଏଥର ଡିଜିଟାଲ୍ ଜନଗଣନା

### ■ ନାଗରିକଙ୍କ ପାଇଁ ଖୋଲିବ ସ୍ୱତନ୍ତ୍ର ପୋର୍ଟାଲ
### ■ ମୋବାଇଲ ଆପ୍ ଜରିଆରେ ତଥ୍ୟ ସଂଗ୍ରହ
### ■ ଇଂରାଜୀ, ହିନ୍ଦି, ୧୬ଟି ଆଞ୍ଚଳିକ ଭାଷାରେ ତଥ୍ୟ

■ ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଆସନ୍ତା ୨୦୨୭ରେ ହେବାକୁ ଯାଉଥିବା ଜାତୀୟ ଜନଗଣନା ଅନ୍‌ଲାଇନ୍‌ରେ ହେବ। ଭାରତରେ ପ୍ରଥମ ଥର ଲାଗି ହେଉଥିବା ଏହି ଡିଜିଟାଲ ଜନଗଣନା ଲାଗି ସ୍ୱତନ୍ତ୍ର ୱେବପୋର୍ଟାଲ ଖୋଲାଯିବ। ଭାରତୀୟ ନାଗରିକ ନିଜ ମୋବାଇଲରେ ଆପ୍ ଡାଉନଲୋଡ୍ କରି ନିଜର ତଥ୍ୟ ଦେଇପାରିବେ। ଫଳରେ ଜନଗଣନା ତଥ୍ୟ କମ୍ ସମୟ ମଧ୍ୟରେ ଉପଲବ୍ଧ ହୋଇପାରିବ।

ଭାରତର ରେଜିଷ୍ଟ୍ରାର ଜେନେରାଲ ଏଣ୍ଡ ସେନ୍‌ସସ୍ କମିସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଦୁଇଟି ପର୍ଯ୍ୟାୟରେ ଡିଜିଟାଲ ସେନସସ୍ ହେବ ଏବଂ ତଥ୍ୟ ସଂଗ୍ରହ ପାଇଁ ପ୍ରଥମ ଥର ଲାଗି ଏଭଳି ଟେକ୍ନୋଲୋଜିର ବ୍ୟବହାର କରାଯିବ। ଭରତୀୟ ନାଗରିକମାନେ ନିଜର ତଥ୍ୟ ଦାଖଲ କରିବା କ୍ଷଣି ଏହା ସେଂଟ୍ରାଲ ସର୍ଭରକୁ ଚାଲିଯିବ। ଜନଗଣନା ପ୍ରକ୍ରିୟା ସମାପ୍ତ ହେବାର ଗୋଟିଏ ବର୍ଷ ଭିତରେ ଚୂଡାନ୍ତ ତଥ୍ୟ ଉପଲବ୍ଧ ହୋଇଯିବ। ପୂର୍ବ ଜନଗଣନାମାନଙ୍କରେ ଚୂଡାନ୍ତ ତଥ୍ୟ ପାଇବା ଲାଗି ଦୁଇରୁ ତିନି ବର୍ଷ ଲାଗି ଯାଉଥିଲା। ଏଥର କିନ୍ତୁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

ଭାରତର ରେଜିଷ୍ଟ୍ରାଲ ଜେନେରାଲଙ୍କ ପକ୍ଷରୁ କୁହାଯାଇଛି ଯେ ୨୦୨୭ ଜନଗଣନା ପାଇଁ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ପାଇଁ ଅନ୍ୟତମ ବିକଳ୍ପ ରହିବ। ନାଗରିକମାନେ ଚାହିଁଲେ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ ଜରିଆରେ ନିଜ ଆଡ଼ୁ ତଥ୍ୟ ଦାଖଲ କରିପାରିବେ। ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ନୋଡାଲ ଅଫିସର ନିଯୁକ୍ତ କରିବା ଲାଗି ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ନାଗରିକ ନିଜ ମୋବାଇଲ ଆପ୍ ବ୍ୟବହାର କରି ଇଂରାଜୀ, ହିନ୍ଦି କିମ୍ବା ଆଞ୍ଚଳିକ ଭାଷାରେ ତଥ୍ୟ ଦେଇପାରିବେ। ଏଥିପାଇଁ ୧୬ଟି ଆଞ୍ଚଳିକ ଭାଷା ଚୟନ କରାଯାଇଛି। ଜନଗଣନା ତଥ୍ୟ ସଂଗ୍ରହ ପରେ ତଥ୍ୟର ଯାଞ୍ଚ, ପ୍ରକ୍ରିୟାକରଣ ଓ ବିଶ୍ଳେଷଣ କରାଯିବ। ୧୦ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ମିଳିଯିବ ବୋଲି ଆଶା କରାଯାଉଛି। ଏହି ତଥ୍ୟକୁ ▶ପୃଷ୍ଠା-୭

### ୭ ଦଫା ଦାବିରେ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼

# ସାରା ରାଜ୍ୟରେ ଚକା ବନ୍ଦ



ଆଲୋଚନା ବିଫଳ; ଜାରି ରହିବ ଆନ୍ଦୋଳନ: ସଂଘ

■ ଭୁବନେଶ୍ୱର, ୮।୭ (ସମିସ): ସାରା ରାଜ୍ୟରେ ଡ୍ରାଇଭରମାନଙ୍କ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହୋଇଛି ପରିବହନ ସେବା। ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଓ ସରକାରୀ ବସ୍ ସେବାକୁ ଛାଡ଼ି ରାଜ୍ୟରେ ପ୍ରାୟ ସମସ୍ତ ଘରୋଇ ଗାଡ଼ି ଚଳାଚଳ ବନ୍ଦ ରହିଛି। ୭ ଦଫା ଦାବି ପୂରଣ ଉଦ୍ଦେଶ୍ୟରେ ମହାସଂଘ ପକ୍ଷରୁ ଦିଆଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସଂଘ ଓ ସରକାରଙ୍କ ମଧ୍ୟରେ ହୋଇଥିବା ▶ପୃଷ୍ଠା-୭

### ଡାଏଲିସିସ୍ ପାଇଁ ଭୁବନେଶ୍ୱର ଯାଇପାରିଲେନି

## ଚାଲିଗଲା ଜୀବନ

**ପରିବାର ପୁରୁଷଶୂନ୍ୟ**

■ କୁଣ୍ଢେଇ, ୮।୭ (ସମିସ): ଡ୍ରାଇଭର୍ ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଠିକ୍ ସମୟରେ ଚିକିତ୍ସା ସେବା ନ ପାଇ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ, କାକଟପୁର ବ୍ଲକ୍ ବାଜପୁର କୃଷ୍ଣନଗରପାଟଣା ଗ୍ରାମର ରାଜକିଶୋର ବେହେରା। ରାଜକିଶୋର ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟରେ ରୋଷେଇ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବାରୁ ରୋଜଗାର ହରାଇ ବସିଲେ। ▶ପୃଷ୍ଠା-୭

# ଗଛ ଉପରେ ୨୬ଘଣ୍ଟା

### ବନ୍ୟାରେ ଭାସିଗଲେ ବୃଦ୍ଧା





■ ସମ୍ବଲପୁର, ୮।୭(ସମିସ): ବନ୍ୟାରେ ଭାସିଯାଉଥିବା ୬୨ବର୍ଷୀୟ ଜଣେ ବୃଦ୍ଧା ଏକ ଗଛରେ ୨୬ଘଣ୍ଟା ବିତାଇବା ଭଳି ଏକ ଘଟଣା ସମ୍ବଲପୁର ଜିଲ୍ଲାରେ ଆଜି ଚର୍ଚ୍ଚାର ବିଷୟ ହୋଇଛି। ବୃଦ୍ଧାଜଣଙ୍କ ହେଲେ, ରେଙ୍ଗାଲି ବ୍ଲକ୍ ଅନ୍ତର୍ଗତ ମାଝିପାଲି ଚମାରପଡ଼ାରର ଅହଲ୍ୟା ସିଂ। ଆଜି ତାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଇଛି।

ସୂଚନାନୁସାରେ, ଅହଲ୍ୟା ସୋମବାର ଦିନ ୧୧ଟା ବେଳେ ହରଡ ଯୋର (ନାଳ)କୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପ୍ରଖର ସ୍ରୋତରେ ବନ୍ୟାପାଣି ମାଡ଼ି ଆସିବାରୁ ସେ ଭାସିଯାଇଥିଲେ। ତେବେ ଜୀବନ ବିକଳରେ ସେ ଏକ ଗଛମୂଳକୁ ଧରିବା ସହ ସାହସ କରି ଗଛ ଉପରକୁ ଚଢ଼ି ଯାଇଥିଲେ। ଗତକାଲିଠାରୁ ଆଜି ପର୍ଯ୍ୟନ୍ତ ପାଖାପାଖି ୨୬ଘଣ୍ଟା ଧରି ସେ ଗଛ ଉପରେ ସେମିତି ଆଶ୍ରୟ ନେଇଥିଲେ। ଅପରପକ୍ଷେ, ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କ ନାତି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ନ ପାଇବାରୁ ଆଜି ରେଙ୍ଗାଲି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ସହ ନାତି ବୋଟ୍‌ରେ ଯୋରର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ସେହି ସମୟରେ ଅହଲ୍ୟା ଗଛ ଉପରେ ବସିଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇଥିଲା। ବୃଦ୍ଧାଜଣଙ୍କ ସୁସ୍ଥ ଥିବା ଜଣାପଡ଼ିଛି। ଅପରପକ୍ଷେ, ଆଈଙ୍କୁ ପାଇ ବେଶ୍ ଖୁସିଥିବା ତାଙ୍କ ନାତି କହିଛନ୍ତି।

**ସ୍ଥାଣୁ ପାଲଟିଛି ଚିହ୍ନଟ ପ୍ରକ୍ରିୟା**

# ମିଳିଛି ପଟ୍ଟା, ମିଳିନି ଜମି

### ଡିମାର୍କେସନ୍ ବିଭାଗରେ ନାହାନ୍ତି ଅମିନ

### ଏବେ ଆବେଦନ, ୩ ବର୍ଷ ପରେ ପାଳି

■ ଭୁବନେଶ୍ୱର, ୮।୭ (ସମିସ): ପଟ୍ଟା ଅଛି; ହେଲେ ଜମି ମିଳୁନି। ଜମି ଚିହ୍ନଟ କରିବାକୁ ରାଜସ୍ୱ ବିଭାଗ ପାଖରେ କର୍ମଚାରୀ ନାହାନ୍ତି। ବର୍ଷବର୍ଷ ବିତିଯିବା ପରେ ମଧ୍ୟ ଜମି ଚିହ୍ନଟ ହୋଇ ପାରୁନାହିଁ। ଆର୍‌ଆଇ କାର୍ଯ୍ୟାଳୟଠାରୁ ତହସିଲ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ଲୋକ ହତାଶ ହେଲେଣି। ତଥାପି ଜମି ଚିହ୍ନଟ ହୋଇ ପାରୁନାହିଁ। ତାରିଖ ପରେ ତାରିଖ ଗଡ଼ୁଛି, ତଥାପି ଜମି ଚିହ୍ନଟ ହୋଇ ପାରୁନାହିଁ। ଏବେ ଜମି ଚିହ୍ନଟ ଆବେଦନ କଲେ ୩ ବର୍ଷ ପରେ ପାଳି ପଡ଼ିବ ବୋଲି କୁହାଯାଉଛି। ରାଜସ୍ୱ ବିଭାଗରେ ଏ ପ୍ରକାର ଅବ୍ୟବସ୍ଥା ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି।ରାଜଧାନୀରେ ଜମି କିଣାବିକା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଯେତିକି ଜମି କିଣାବିକା ହେଉଛି, ଠକେଇ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। ଭୁବନେଶ୍ୱର ଅଞ୍ଚଳରେ ଥିବା ଥାନା ଗୁଡ଼ିକରେ ପ୍ରତିଦିନ ଜମି ଠକେଇ ନେଇ ଅଭିଯୋଗ ହେଉଛି। ଏମିତିକି ଜମିର ସୀମା ଚିହ୍ନଟ ପାଇଁ ଅପରାଧ ବି ବଢ଼ିବାରେ ଲାଗିଛି। ହେଲେ ସରକାରୀ ଭାବେ ଥିବା ସୀମା ଚିହ୍ନଟ ପ୍ରକ୍ରିୟା ଏକଦମ୍ ସ୍ଥାଣୁ ▶ପୃଷ୍ଠା-୭

# ମନମୋହନଙ୍କ ମଥାରେ ସଭାପତି ଶିରିପା

### ସରକାରଙ୍କ ସହ ଦଳ ଖୁଣ୍ଟ ହୋଇ ଠିଆହେବ: ମନମୋହନ

### ମନମୋହନଙ୍କ ନେତୃତ୍ୱ ଯୋଗୁଁ ରାଜ୍ୟରେ ସରକାର: ମୋହନ



■ ଭୁବନେଶ୍ୱର, ୮।୭ (ସମିସ): ଦୀର୍ଘଦିନର କଳ୍ପନାଜଳ୍ପନାର ଅବସାନ ହୋଇଛି। ରାଜ୍ୟ ବିଜେପି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଦଳର ବରିଷ୍ଠ ନେତା ମନମୋହନ ସାମଲ। ମଙ୍ଗଳବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ବିଧିବଦ୍ଧ ଭାବରେ ଶ୍ରୀ ସାମଲଙ୍କ ନାମ ଘୋଷଣା କରିଛନ୍ତି। ଏହାକୁ ମିଶାଇ ଶ୍ରୀ ସାମଲ ଚତୁର୍ଥ ଥର ପାଇଁ ରାଜ୍ୟ ବିଜେପି ସଭାପତି ପଦ ଅଳଙ୍କୃତ କରିଛନ୍ତି। ଏହି ଅବସରରେ ନବ ନିର୍ବାଚିତ ୩୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ମଧ୍ୟ ଏହି ଅବସରରେ ଘୋଷଣା କରାଯାଇଛି। ▶ପୃଷ୍ଠା-୭

## ଆଗରେ ଆହ୍ୱାନ ଅନେକ

- ସୀମା ଡେଇଁଲାଣି ଦଳୀୟ ନେତାଙ୍କ ମନମାନି, ବିଶୃଙ୍ଖଳା, ଗୋଷ୍ଠୀବାଦ
- ନିଗମ, ବୋର୍ଡ ନିଯୁକ୍ତି ନିଷ୍ପତ୍ତି ବଡ଼ ଚାଲେଞ୍ଜ
- ଆଗକୁ ଛାତ୍ରସଂସଦ ଓ ପଞ୍ଚାୟତ ଉପନିର୍ବାଚନ

■ ଭୁବନେଶ୍ୱର, ୮।୭ (ସମିସ): ମାତ୍ର ବର୍ଷକ ମଧ୍ୟରେ ଏକାଧିକ କାରଣରୁ ସରକାରଙ୍କୁ ବେଶ୍ ଅପଦସ୍ତ ହେବାକୁ ପଡ଼ିଛି। ସାଂଗଠନିକସ୍ତରରେ ମଧ୍ୟ ନେତାଙ୍କ ବିଶୃଙ୍ଖଳିତ ଆଚରଣ ନେତୃତ୍ୱଙ୍କୁ ଅଡ଼ୁଆରେ ପକାଇଛି। ଉଭୟ ସରକାର ଏବଂ ସଂଗଠନରେ ସମନ୍ୱୟ ଅଭାବ ଜଳଜଳ। ଏହି ସମୟରେ ପୁଣିଥରେ ମନମୋହନଙ୍କ ହାତରେ ରାଜ୍ୟ ନେତୃତ୍ୱ ଭାର ଅର୍ପଣ କରିଛନ୍ତି ଶୀର୍ଷ ନେତୃତ୍ୱ। ରାଜ୍ୟ ସଭାପତି ପଦକୁ ନେଇ ବେଶ୍ କିଛି ମାସର ଛକାପଞ୍ଝା ପରେ ଶେଷରେ ମନମୋହନଙ୍କୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ସଭାପତି ଦାୟିତ୍ୱ ମିଳିଛି। ▶ପୃଷ୍ଠା-୭




# ପୁଲଓ୍ୱାମା ଆକ୍ରମଣ ପାଇଁ ଆମାଜନ୍‌ରୁ କିଣାଯାଇଥିଲା ବିସ୍ଫୋରକ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣକୁ ନେଇ ବଡ଼ ତଥ୍ୟ ଆସିଛି। ଏହି ଆକ୍ରମଣରେ ବ୍ୟବହୃତ ବିସ୍ଫୋରକ ଇ-କମର୍ସ ୱେବସାଇଟ ଆମାଜନରୁ କିଣା ଯାଇଥିଲା ବୋଲି ଜଣାପଡ଼ିଛି। ସାରା ବିଶ୍ୱରେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଫଏଟିଏଫ ରିପୋର୍ଟ 'କମ୍ପ୍ରିହେନସିଭ୍ ଅପଡେଟ ଅନ୍ ଟେରରିଷ୍ଟ ଫାଇନାନ୍ସିଂ ରିସ୍କ' ରେ ୨୦୨୨ରେ ଉତ୍ତର ପ୍ରଦେଶ ଗୋରଖପୁର ଗୋରଖନାଥ ମନ୍ଦିରରେ ହୋଇଥିବା ଆକ୍ରମଣ ବିଷୟରେ ମଧ୍ୟ ସୂଚନା ଦିଆଯାଇଛି। ଏହି ଆକ୍ରମଣକାରୀକୁ ପେ' ପାଲ୍ ଆପ୍ ମାଧ୍ୟମରେ ପେମେଣ୍ଟ ହୋଇଥିଲା ବୋଲି କୁହାଯାଇଛି। ଏହି ଦୁଇ ମାମଲାକୁ ଉଦାହରଣ ଭାବେ ନେଇ ଏଫ୍ଏଟିଏଫ୍ ସତର୍କ କରାଇ ଦେଇଛି। ଇ-କମର୍ସ ଏବଂ ଡିଜିଟାଲ ପେମେଣ୍ଟ ସେବା ଖରାପ ବ୍ୟକ୍ତିଙ୍କ ହାତରେ ଲାଗିଗଲେ ଏହା ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବାର ମାଧ୍ୟମ ପାଲଟି ଯାଇପାରେ ବୋଲି କୁହାଯାଇଛି।

**ଗୋରଖନାଥ ମନ୍ଦିର ଆକ୍ରମଣକାରୀକୁ 'ପେ ପାଲ୍'ରେ ହୋଇଥିଲା ପେମେଣ୍ଟ !**

ଅନ୍‌ଲାଇନ ପ୍ଲାଟଫର୍ମଗୁଡ଼ିକୁ କିଭଳି ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଉଛି ତାହାର ସୂଚନା ଏହି ରିପୋର୍ଟରେ ପ୍ରଦାନ କରାଯାଇଛି। କୁହାଯାଇଛି ଯେ ଆତଙ୍କବାଦୀ ସଂଗଠନ ଏବେ ପାରମ୍ପରିକ ଫଣ୍ଡିଂ ସହିତ ଅନ୍‌ଲାଇନ ପେମେଣ୍ଟ, ଗେମିଂ ପ୍ଲାଟଫର୍ମ, ସୋସିଆଲ ମିଡିଆ ଏବଂ ଇ-କମର୍ସ ସାଇଟ୍ସ ଭଳି ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ଏହାକୁ ନେଇ ସରକାର ଏବଂ ଡିଜିଟାଲ କମ୍ପାନୀଙ୍କୁ ଏଫଏଟିଏଫ ଚେତାବନୀ ଦେଇଛି। ଏଭଳି ପ୍ଲାଟଫର୍ମର ଅପବ୍ୟବହାର ରୋକିବା ପାଇଁ କଠୋର ପଦକ୍ଷେପ



ନେବାକୁ କୁହାଯାଇଛି। କାରଣ ଏହା ଏବେ ଆତଙ୍କବାଦୀ ସଂଗଠନଗୁଡିକ ପାଇଁ ନୂଆ ଏବଂ ପ୍ରଭାବଶାଳୀ ମାଧ୍ୟମ ପାଲଟି ଯାଇଛି।

ମିଳିତ ଜାତିସଂଘରର ଆତଙ୍କବାଦୀ ବିରୋଧୀ ଶାଖା (ୟୁଏନ ସିଟିଇଡି) ଏବଂ ଫ୍ରାନ୍ସ ସହ ମିଶି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ ଆତଙ୍କବାଦ ଫଣ୍ଡିଂ ଯାଞ୍ଚ, ଦୋଷ ସାବ୍ୟସ୍ତ କରିବାରେ ୬୯ ପ୍ରତିଶତ ଦେଶ ବିଫଳ ହୋଇଛନ୍ତି। ଆର୍ଥିକ ବ୍ୟବସ୍ଥାର ଅପବ୍ୟବହାର ଅନ୍ତର୍ଜାତୀୟ ଶାନ୍ତିକୁ ଦୁର୍ବଳ କରିପାରେ। ସେଥିପାଇଁ ସବୁ ସଦସ୍ୟ ରାଷ୍ଟ୍ରଙ୍କୁ ଗ୍ଲୋବାଲ ନେଟୱର୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରାଭେଲ, ପେମେଣ୍ଟ, ସୋସିଆଲ ମିଡିଆ ଭଳି ସନ୍ଦେହଜନକ ପ୍ଲାଟଫର୍ମକୁ ଚିହ୍ନଟ କରିବା ପାଇଁ ନୂଆ ବ୍ୟବସ୍ଥା ବିକଶିତ କରିବାକୁ ପରାମର୍ଶ ଦିଆଯାଇଛି। ସରକାରୀ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ଡାଟା ସେୟାର କରିବାକୁ କୁହାଯାଇଛି। ରିପୋର୍ଟରୁ ଜଣାପଡ଼ିଛି ଯେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ସମ୍ବନ୍ଧିତ ରଣନୀତି ସବୁବେଳେ ସମାନ ହୋଇ ନ ଥାଏ। ଏହା ପରିସ୍ଥିତି ହିସାବରେ ଭିନ୍ନ ଭିନ୍ନ ହୋଇଥାଏ।

## ଲୋହିତ ସାଗରରେ ଲେଜର୍ ଆକ୍ରମଣ କରୁଛି ଚୀନ୍

ବର୍ଲିନ, ୮।୭ (ଏଜେନ୍ସି): ଲୋହିତ ସାଗରରେ ଚୀନ୍ ଦାଦାଗିରି ଦେଖାଉଛି। ଏହି କମ୍ୟୁନିଷ୍ଟ ଦେଶ ବିରୋଧରେ ଜର୍ମାନୀ ଗୁରୁତର ଅଭିଯୋଗ ଲଗାଇଛି। ଚୀନ୍ ସାମରିକ ଯୁଦ୍ଧ ଜାହାଜ ଜର୍ମାନୀର ଲଢୁଆ ବିମାନ ଉପରେ ଲେଜର୍ ଆଟାକ କରିଥିବା କୁହାଯାଇଛି। ୟୁରୋପୀୟ ସଂଘ (ଇୟୁ) ନେତୃତ୍ୱରେ ଚାଲିଥିବା ଲୋହିତ ସାଗରରେ 'ସାମୁଦ୍ରିକ ସୁରକ୍ଷା ଅଭିଯାନ'ବେଳେ ଚୀନ୍ ଏପରି କରିଛି। ଏହାକୁ ନେଇ ଜର୍ମାନୀ ଚୀନ୍ ଆମ୍ବାସାଡରଙ୍କୁ ସମନ ଜାରି କରିଛି। ଏହି ଆକ୍ରମଣକୁ ନେଇ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି। ଜର୍ମାନୀ ପକ୍ଷରୁ କୁହାଯାଇଛି ଯେ ସୈନିକଙ୍କ ଜୀବନକୁ ବିପଦରେ ପକାଇବା ଏବଂ ଅଭିଯାନରେ ବାଧା ସୃଷ୍ଟି କରିବାକୁ କଦାପି ଗ୍ରହଣ କରାଯିବ ନାହିଁ।

## ସରକାରଙ୍କୁ ଦିଆଗଲା ଅହମଦାବାଦ ବିମାନ ଦୁର୍ଘଟଣାର ଯାଞ୍ଚ ରିପୋର୍ଟ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ୨୬ ଦିନ ପର ମଙ୍ଗଳବାର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛି। ପ୍ରାରମ୍ଭିକ ଯାଞ୍ଚରୁ ମିଳିଥିବା ପ୍ରମାଣ ଏବଂ ପ୍ରଯୁକ୍ତିବିଦ୍ୟାର ବିଶ୍ଳେଷଣକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ସୂଚନା ମିଳିଛି। ଏହି ସପ୍ତାହ ପରେ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ଅଧିକାରୀ କହିଛନ୍ତି। ଏହି ରିପୋର୍ଟରେ କ'ଣ ରହିଛି ତାହା ଜଣା ପଡ଼ି ନ ଥିବାବେଳେ ଦୁର୍ଘଟଣାର କାରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି ବୋଲି କୁହାଯାଉଛି।

## ରଏଟର୍ସ ଆକାଉଣ୍ଟ ବନ୍ଦ କରିବାକୁ ଭାରତ କହିଥିଲା: ମସ୍କ

ୱାସିଂଟନ, ୮।୭ (ଏଜେନ୍ସି): ବ୍ରିଟେନ ନ୍ୟୁଜ ଏଜେନ୍ସି 'ରଏଟର୍ସ'ର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଭାରତରେ ବ୍ଲକ ହେବାକୁ ନେଇ ଶିଳ୍ପପତି ତଥା 'ଏକ୍ସ' ମାଲିକ ଏଲନ ମସ୍କ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏକ୍ସ ପକ୍ଷରୁ କୁହାଯାଇଛି ଯେ ଭାରତ ସରକାର ଗଣମାଧ୍ୟମ ସ୍ୱାଧୀନତାକୁ ଗୁରୁତ୍ୱ ଦେଉନାହାନ୍ତି। ଗଣମାଧ୍ୟମ ଉପରେ କଠୋର କଟକଣା ଲଗାଯାଉଛି। ଗତ ତିନି ତାରିଖରେ ଭାରତ ସରକାର ୨ ହଜାରରୁ ଅଧିକ ଆକାଉଣ୍ଟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘଣ୍ଟାଏ ମଧ୍ୟରେ କୌଣସି କାରଣ ନ ଦର୍ଶାଇ ରଏଟର୍ସ ସମେତ ଏହି ଆକାଉଣ୍ଟଙ୍କୁ ବନ୍ଦ କରି ଦିଆଯାଇଥିଲା। ସେହିପରି ଭାରତ ପକ୍ଷରୁ କୁହାଯାଇଛି ଯେ ଆକାଉଣ୍ଟ ବ୍ଲକ କରିବାକୁ ନେଇ କୌଣସି ନୂଆ ନିର୍ଦ୍ଦେଶ ଜାରି କରାଯାଇନାହିଁ। ରଏଟର୍ସ ଆକାଉଣ୍ଟଙ୍କୁ ଅନବ୍ଲକ କରିବାକୁ କୁହାଯାଇଛି। ଏଥିପାଇଁ ଏକ୍ସକୁ ୨୧ ଘଣ୍ଟା ଲାଗିଯାଇଛି। ଏକ୍ସ ପକ୍ଷରୁ କୁହାଯାଇଛି ଯେ ଆଦେଶ ମାନିବା ଛଡ଼ା ଆଉ କୌଣସି ବିକଳ୍ପ ନ ଥିଲା।

## ରନଓ୍ୱେରେ ଦୌଡୁଥିଲେ; ବିମାନ ଇଞ୍ଜିନ ଟାଣିନେଲା

ରୋମ୍, ୮।୭ (ଏଜେନ୍ସି): ଇଟାଲୀର ଏକ ବିମାନବନ୍ଦରରେ ମଙ୍ଗଳବାର ସକାଳ ୧୦ଟା ୨୦ରେ ବଡ଼ ଅଘଟଣ ଘଟିଛି। ରନଓ୍ୱେରେ ଦୌଡୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ବିମାନର ଇଞ୍ଜିନ ଟାଣି ନେଇଛି। ଇଞ୍ଜିନରେ ଫସି ରହିବାରୁ ଏହି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ସେହି ବ୍ୟକ୍ତି ରନଓ୍ୱେରେ ଦୌଡୁଥିବାବେଳେ ଏ୩୧୯ ବିମାନ ମାର୍ଗରେ ଆସି ଯାଇଥିଲେ। ଏହି ବିମାନଟି ସ୍ପେନ ଅଭିମୁଖେ ଉଡ଼ାଣ ଆରମ୍ଭ କରୁଥିଲା। ଏହି ଦୁର୍ଘଟଣା ପରେ ବିମାନବନ୍ଦରରୁ ସବୁ ଉଡ଼ାଣ ବନ୍ଦ କରିଦିଆଯାଇଥିଲା।

## ୯୫୩୧ କୋଟି ମିଳିଲେ ଲାଇବେରିଆ ଜାହାଜ ଛଡ଼ାଯିବ

ତିରୁଅନନ୍ତପୁରମ, ୮।୭ (ଏଜେନ୍ସି): ଲାଇବେରିଆ ଜାହାଜ 'ଏମଏସସି ଅକିକେତା-୨'କୁ ଜବତ କରିବା ପାଇଁ କେରଳ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜାହାଜ ଲାଇବେରିଆର 'ଏମଏସସି ଏଲ୍ସା-୩'ର ସହଯୋଗୀ ଥିଲା। ମେ' ୨୫ ତାରିଖରେ ଏହା କୋଚି ଉପକୂଳରେ ବୁଡି ଯାଇଥିଲା। ଉଭୟ ଜାହାଜ ଏମଏସସି ମେଡିଟେରେନିୟନ ସିପିଂ କମ୍ପାନୀର ଥିଲା। ଏଲ୍ସା-୩ ବୁଡିବା ଯୋଗୁଁ ପରିବେଶ ଏବଂ ଆର୍ଥିକ କ୍ଷତି ପାଇଁ ୯୫୩୧ କୋଟି ଟଙ୍କାର କ୍ଷତିପୂରଣ ଦେବା ଦାବିରେ କେରଳ ସରକାର ଆବେଦନ ଦାଏର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଅକିକେତା-୨କୁ ଜବତ କରିବା ପାଇଁ ସୋମବାର ନିର୍ଦ୍ଦେଶ ଦେଇଥିଲେ।

# ଭାରତ ମହାସାଗରରେ ଭାରତକୁ ଘେରୁଛି ଚୀନ୍

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଚୀନ୍ ଏବଂ ଭାରତ ମଧ୍ୟରେ ଶୀତଳ ଯୁଦ୍ଧ ଜାରି ରହିଛି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ସବୁ କ୍ଷେତ୍ରରେ ଭାରତକୁ ଘେରିବା ପାଇଁ ପ୍ରୟାସ କରୁଛି। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଷଡ଼ଯନ୍ତ୍ର ଚଳାଇଛି। ଭାରତର ଅଗଣା କୁହାଯାଉଥିବା ଭାରତ ମହାସାଗରକୁ ବି ଭାରତ ବିରୋଧରେ ବ୍ୟବହାର ପାଇଁ ଚୀନ୍ ଜୋରଦାର ପ୍ରୟାସ ଚଳାଇଛି। ଏହି ମହାସାଗରର ଅତିକମ୍‌ରେ ୯ଟି ପଏଣ୍ଟରେ ନିଜ ସ୍ଥିତ ମଜବୁତ କରିବାରେ ଲାଗିଛି। ବନ୍ଦର, ନୌସେନା ଘାଟୀ, ବିମାନ ବନ୍ଦର ଏବଂ ନିଜ ଜାହାଜ ଗୁଡିକ ପାଇଁ ଠିକଣା ନିର୍ମାଣ କରୁଛି। ଏହା ଭାରତ ପାଇଁ ବଡ଼ ଆହ୍ୱାନ ପାଲଟି ଯାଇଛି। ବିଦେଶ ମାମଲାର ସଂସଦୀୟ କମିଟି ମଧ୍ୟ ଏହା ସ୍ୱୀକାର କରିଛି। ତେବେ ଚୀନ୍‌କୁ ଜବାବ ଦେବା ଲାଗି ଭାରତ ମଧ୍ୟ ଜାଲ୍ ବିଛାଇବା ଆରମ୍ଭ କରିଦେଇଛି।

ଅଷ୍ଟ୍ରେଲିଆରୁ ଆଫ୍ରିକା ଏବଂ ଭାରତରୁ ଦକ୍ଷିଣ ମହାସାଗର ପର୍ଯ୍ୟନ୍ତ ୭.୦୬ କୋଟି ବର୍ଗ କିମିରେ ବ୍ୟାପିଥିବା ଭାରତ ମହାସାଗରର ଉପକୂଳରେ ୩୩ ଦେଶ ଏବଂ ୫୭ ଦ୍ୱୀପ ରହିଛି। ଏଠାରେ ୩ ଅରବ ଲୋକ ରହୁଛନ୍ତି। ଭାରତ ଏହାର କେନ୍ଦ୍ରରେ ରହିଛି। ତେଣୁ ଏହାର ନାମ ଭାରତ ମହାସାଗର ରହିଛି। ଏହି ମହାସାଗର ତଳେ ୪୦ ପ୍ରତିଶତ ପେଟ୍ରୋଲିୟମ ରହିଛି। ବର୍ଷକୁ ଲକ୍ଷେରୁ ଅଧିକ ବାଣିଜ୍ୟିକ ଜାହାଜ ଏହି ମାର୍ଗ ଦେଇ ଯାଉଛି। ଏହା ମାଧ୍ୟମରେ ୮୦ ପ୍ରତିଶତ ସାମୁଦ୍ରିକ ତୈଳ ଯୋଗାଣ ହେଉଛି। ଏହି ମାର୍ଗରେ କୌଣସି ସମସ୍ୟା ସୃଷ୍ଟି ହେଲେ ୟୁରୋପ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଏବଂ ଏସିଆକୁ ବ୍ୟାପାର ବନ୍ଦ ହୋଇଯିବ। ତେବେ ଭାରତ ସହିତ ନିଜ ଶତ୍ରୁ ରାଷ୍ଟ୍ରଙ୍କୁ ଘେରିବା ପାଇଁ ଚୀନ୍ ଏହି ମହାସାଗରରେ ନିଜ ବେସ୍ ବନାଉଛି। ଅନ୍ୟ ଦେଶଗୁଡିକ ସହ ମିଶି କିମ୍ବା ଜମିକୁ ଲିଜ୍ ନେଇ ବନ୍ଦର ଆଦି ନିର୍ମାଣ କରୁଛି। ଚୀନ୍ କମ୍ବୋଡିଆରେ ରିମ୍ ନାଭାଲ ବେସ୍, ମ୍ୟାଁମାରର କୋକୋ ଆଇଲ୍ୟାଣ୍ଡ, କୋକପ୍ୟୁ ବନ୍ଦର ନିର୍ମାଣ କରୁଛି। ସେହିପରି ବାଂଲାଦେଶର ଚିଟଗାଁଓ ବନ୍ଦର, ଶ୍ରୀଲଙ୍କାର ହମ୍ବନଟୋଟା ବନ୍ଦର, ମାଲଦ୍ୱୀପରେ ଭିତ୍ତିଭୂମି ବିକାଶ ସହିତ ସାମରିକ ଘାଟୀ ନିର୍ମାଣ, ପାକିସ୍ତାନ ଗ୍ୱାଦର ବନ୍ଦର ଲିଜ୍‌ରେ ନେଇଛି। ଏହା ବ୍ୟତୀତ ପୂର୍ବ ଆଫ୍ରିକାର ଜିବୁତିରେ ନୌ ଚୀନ୍ ନିଜର ପ୍ରଥମ ନୌସେନା ଘାଟୀ ବନାଇଛି। ସେଚେଲ୍ସର ଭିକ୍ଟୋରିଆ ବନ୍ଦର ନିର୍ମାଣରେ ମଧ୍ୟ ଆର୍ଥିକ ସହାୟତା କରୁଛି। ଦକ୍ଷିଣ ଆଫ୍ରିକା ଉପକୂଳକୁ ନିୟନ୍ତ୍ରଣ କରିବା ପାଇଁ ବେଜିଂ ତାଞ୍ଜାନିଆ ଏବଂ କେନିଆରେ ମଧ୍ୟ ଅନେକ ବନ୍ଦର ନିର୍ମାଣ କରିଛି।

**ପାଲଟା ଜବାବ ପାଇଁ ଭାରତର ରଣନୀତି ପ୍ରସ୍ତୁତ**




ଚୀନ୍‌ର ଏହି 'ଷ୍ଟ୍ରିଙ୍ଗ ଅଫ୍ ପର୍ଲ୍ସ'ର ଜବାବ ଦେବା ଲାଗି ଭାରତ 'ନେକ୍‌ଲେସ୍ ଅଫ୍ ଡାଏମଣ୍ଡ' ରଣନୀତି ଆପଣାଇଛି। ତେବେ ଏ ନେଇ ଭାରତ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ସିଙ୍ଗାପୁରର ଚାଙ୍ଗୀ ନେଭାଲ ବେସ୍ ବ୍ୟବହାର ପାଇଁ ଭାରତ ଚୁକ୍ତି କରିଛି। ଇଣ୍ଡୋନେସିଆର ସବାଙ୍ଗ ବନ୍ଦରରେ ଭାରତ ସାମରିକ କାର୍ଯ୍ୟକଳାପ ବୃଦ୍ଧି କରିଛି। ସେଚେଲ୍ସ ସହ ମିଶି ଭାରତ ଅସମ୍ପସନ ଦ୍ୱୀପରେ ନୌସେନା ଘାଟୀ ନିର୍ମାଣ କରୁଛି। ସେହିପରି ଓମାନର ଦୁକମ ବନ୍ଦର ନିର୍ମାଣ, ଇରାନ ଚାବାହର ବନ୍ଦରକୁ ଲିଜ୍, ଚୀନ୍‌କୁ ଉତ୍ତର ଦେବା ପାଇଁ ମଙ୍ଗୋଲିଆ ସହ ସମ୍ବନ୍ଧ ବୃଦ୍ଧି କରି ଏୟାର କରିଡୋର ନିର୍ମାଣ ଲାଗି ଚୁକ୍ତି, ଜାପାନ ସହ ମିଶି 'ଏସିଆ-ଆଫ୍ରିକା ଗ୍ରୋଥ୍ କରିଡର' ପାଇଁ ଚୁକ୍ତି କରିଛି। ଦକ୍ଷିଣ-ପୂର୍ବ ଏସିଆରେ ଭିଏତନାମା ସହ ଭାରତ ଘନିଷ୍ଠତା ବଢ଼ାଇ ବ୍ରହ୍ମୋସ କ୍ଷେପଣାସ୍ତ୍ର ବିକ୍ରି କରିଛି। ୧.୯ ବିଲିୟନ ଡଲାର ମଧ୍ୟ ନିବେଶ କରିଛି। ସେହିପରି ଆନ୍ଧ୍ରପ୍ରଦେଶର ରାମବିଲିରେ ନୌସେନା ଘାଟୀ 'ଆଇଏନଏସ ବର୍ଷା' ନିର୍ମାଣ କରୁଛି। ମରିସସ୍ ଦ୍ୱୀପରୁ ମଧ୍ୟ ଭାରତ ଚୀନ୍ କାର୍ଯ୍ୟକଳାପ ଉପରେ ନଜର ରଖିଛି।

# ଭାଷା ପାଇଁ ମହାରାଷ୍ଟ୍ର ଅଶାନ୍ତ

ମୁମ୍ବାଇ, ୮।୭: ଭାଷାକୁ ନେଇ ଅଶାନ୍ତ ହୋଇପଡ଼ିଛି ମହାରାଷ୍ଟ୍ର। ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀ ଭାଷାରେ ପାଠପଢ଼ା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଏକାଠି ହୋଇଥିବା ରାଜ ଏବଂ ଉଦ୍ଧବ ଠାକରେଙ୍କ ଦଳ ଏବେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ବିରୋଧ ପରେ ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲେ ମଧ୍ୟ ମରାଠୀ କହିପାରୁ ନଥିବା ଲୋକମାନଙ୍କ ଉପରେ ଆକ୍ରମଣ ଚଳାଇଛନ୍ତି ଦଳୀୟ କର୍ମୀ। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ଭାଷା ନାମରେ ଦୀର୍ଘ ୨୦ ବର୍ଷ ପରେ ଏକାଠି ହୋଇଥିବା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ମୁଖ୍ୟ ରାଜ ଠାକରେ ଏବଂ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଏକାଠି ହେବାପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ରାଜ ଠାକରେଙ୍କ ଏମ୍ଏନ୍ଏସ୍ କର୍ମୀ ବେଶି ଉତ୍ପାତ କରୁଛନ୍ତି। ମହାରାଷ୍ଟ୍ର ବାହାରୁ ଆସି ଏଠାରେ କାମ/ବ୍ୟବସାୟ କରୁଥିବା ଲୋକମାନଙ୍କୁ ସେମାନେ ଟାର୍ଗେଟ କରିଛନ୍ତି। ଗତ ସପ୍ତାହରେ ରାଜଙ୍କ କର୍ମୀମାନେ ଏକ ଦୋକାନରେ ପଶି ବ୍ୟବସାୟୀ ଓ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ସେମାନେ ମରାଠୀ ଭାଷା ଜାଣି ନଥିଲେ ଏବଂ ହିନ୍ଦୀ ଭାଷା କହିବାରୁ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ଆଜି ବ୍ୟବସାୟୀମାନେ ବିକ୍ଷୋଭ ଯାତ୍ରା ବାହାର କରିଥିଲେ। ଏହାକୁ ଭଣ୍ଡୁର କରିବା ଲାଗି

**ଏମଏନଏସ୍ ଟାର୍ଗେଟରେ ଅଣ ମରାଠୀ ଶ୍ରମିକ**



ଏମ୍ଏନ୍ଏସ୍ କର୍ମୀମାନେ ମଧ୍ୟ ଥାନେର ମୀରା ରୋଡ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ସେମାନେ ବ୍ୟବସାୟୀଙ୍କ ବିକ୍ଷୋଭ ରାସ୍ତା ଆଡ଼କୁ ମୁହାଁଇବାରୁ ପୋଲିସ ଅଟକାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏମ୍ଏନ୍ଏସ୍ କର୍ମୀମାନଙ୍କୁ ପୁଲିସ ଉଠାଇନେଇଥିଲା। ପୁଲିସ ଆଗରେ ସେମାନେ ଉତ୍ପାତ ଆରମ୍ଭ କରିଦେଇଥିଲେ। ବ୍ୟବସାୟୀମାନଙ୍କୁ ବିକ୍ଷୋଭ ପାଇଁ କାହିଁକି ଅନୁମତି ଦିଆଗଲା ବୋଲି ପ୍ରଶ୍ନ କରିବା ସହିତ ସେମାନେ ଧମକ ଦେଇଥିଲେ ଯେ ଯେଉଁମାନେ ମରାଠୀ ନଶିଖିବେ, ସେମାନଙ୍କୁ ଆକ୍ରମଣ କରାଯିବ। ସେମାନଙ୍କୁ ସମର୍ଥନ ଜଣାଇ ଶିବ ସେନାର ଜଣେ ମନ୍ତ୍ରୀ ପ୍ରତାପ ସରନାଏକ ଏହି ବିକ୍ଷୋଭରେ ସାମିଲ ହେବାକୁ ଯାଉଥିବା ବେଳେ ଏମ୍ଏନ୍ଏସ୍ କର୍ମୀମାନେ ତାଙ୍କୁ ଘଉଡ଼ାଇ ଦେଇଥିଲେ।

ଇତିମଧ୍ୟରେ ରାଜ ଓ ଉଦ୍ଧବଙ୍କ କର୍ମୀମାନଙ୍କୁ ଧମକ ଦେଇଛନ୍ତି ବିଜେପି ସାଂସଦ ନିଶିକାନ୍ତ ଦୁବେ। ସେ କହିଛନ୍ତି ଯେ ଯଦି ସାହାସ ଅଛି, ତାହାହେଲେ ଏହି କର୍ମୀମାନେ ବିହାର କିମ୍ବା ଉତ୍ତର ପ୍ରଦେଶ ଆସନ୍ତୁ। ସେମାନଙ୍କୁ ଦଉଡ଼ାଇ ଦଉଡ଼ାଇ ମାଡ଼ ମରାଯିବ। କେବଳ ହିନ୍ଦୀ କହିପାରୁଥିବା ସାଧାରଣ ଲୋକଙ୍କୁ କାହିଁକି ଆକ୍ରମଣ କରୁଛନ୍ତି। ଉର୍ଦ୍ଦୁ, ତାମିଲ ଏବଂ ତେଲୁଗୁ କହୁଥିବା ଲୋକମାନଙ୍କୁ କାହିଁକି ସେମାନେ ଆକ୍ରମଣ କରୁ ନାହାନ୍ତି ବୋଲି ଦୁବେ କଟାକ୍ଷ କରିଛନ୍ତି।

## ବ୍ଲାକମେଲ୍ କରି ମାଗିଲେ ୩ କୋଟି; ଆତ୍ମହତ୍ୟା କଲେ ଚାର୍ଟାଡ ଆକାଉଣ୍ଟାଣ୍ଟ

ମୁମ୍ବାଇ, ୮।୭ (ଏଜେନ୍ସି): ନିର୍ଯାତନା ଏବଂ ବ୍ଲାକମେଲିଂ ସହି ନ ପାରି ମୁମ୍ବାଇର ଚାର୍ଟାଡ ଆକାଉଣ୍ଟାଣ୍ଟ (ସିଏ) ରାଜ ଲୀଳା ମୋର (୩୨) ବିଷ ପିଇ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରୁ ତିନି ପୃଷ୍ଠାର 'ସୁଇସାଇଡ ନୋଟ' ମିଳିଛି। ଏଥିରେ ସେ ନିଜ ମୃତ୍ୟୁ ପାଇଁ ଦୁଇ ଜଣଙ୍କୁ ଦାୟୀ କରିଛନ୍ତି। ରାହୁଲ ପରୱାନି ଏବଂ ସାବା କ୍ୟୁରେସି ତାଙ୍କୁ ବ୍ଲାକମେଲିଂ କରୁଥିଲେ। ଗୋପନୀୟ ଭିଡିଓ ଲିକ୍ କରାଇଦେବାର ଧମକ ଦେଇ କିଛି ମାସ ହେଲା ତିନି କୋଟି ଟଙ୍କା ମାଗୁଥିଲେ। ଗତ ୧୮ ମାସ ହେଲା ଉଭୟେ ମୋରଙ୍କଠାରୁ କୋଟି କୋଟି ଟଙ୍କା ମଧ୍ୟ ନେଇ ଯାଇଥିଲେ। ଏହା ସତ୍ତ୍ୱେ ଅଧିକ ଟଙ୍କା ମାଗିବାରୁ ମୋର ଚରମ ପଦକ୍ଷେପ ନେଇଥିଲେ।

ପୁଲିସ ସୂଚନା ଅନୁଯାୟୀ ମୋର ଷ୍ଟକ ମାର୍କେଟରେ ବିପୁଳ ନିବେଶ କରିଥିବା ଅଭିଯୁକ୍ତ ଜାଣି ପାରିଥିଲେ। ସିଏ ହୋଇଥିବାରୁ ଅଧିକ ଟଙ୍କା ଦରମା ପାଉଥିବା ମଧ୍ୟ ଜାଣିଥିଲେ। ଧମକ ଦେଇ କମ୍ପାନୀ ଆକାଉଣ୍ଟରୁ ଉଭୟଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। ଦୁଇ ଅଭିଯୁକ୍ତ ଜୋର ଜବରଦସ୍ତି ଏକ ଦାମୀ କାର୍ ମଧ୍ୟ ତାଙ୍କଠାରୁ



ନେଇ ଯାଇଥିଲେ। ଏଥିପାଇଁ ପୁଅ ଦୀର୍ଘ ଦିନ ହେଲା ଅତ୍ୟଧିକ ଚାପରେ ଥିଲା ବୋଲି ମୋରଙ୍କ ମା' କହିଛନ୍ତି। ସୁଇସାଇଡ ନୋଟ୍‌ର ଗୋଟିଏ ପୃଷ୍ଠାରେ ମୋର ନିଜ ମା'ଙ୍କ ବିଷୟରେ ଲେଖିଛନ୍ତି। ସେ ପରିବାର ଲୋକଙ୍କୁ କ୍ଷମା ମାଗି ମା'ଙ୍କ ଯତ୍ନ ନେବା ପାଇଁ କହିଛନ୍ତି। ଦ୍ୱିତୀୟ ପୃଷ୍ଠାରେ ସହଯୋଗୀଙ୍କୁ କ୍ଷମା ମାଗିଛନ୍ତି। ଆସ୍ଥା ହରାଇଛି ବୋଲି କହିଛନ୍ତି। ଶ୍ୱେତା ଏବଂ ଜୟପ୍ରକାଶଙ୍କୁ ଦୋଷ ନ ଦେବା ପାଇଁ ନିବେଦନ କରିଛନ୍ତି। ତୃତୀୟ ପୃଷ୍ଠାରେ ରାହୁଲ ଏବଂ ସାବାଙ୍କୁ ଦାୟୀ କରିଛନ୍ତି। ରାହୁଲ ଜାଲିଆତି କରି ତାଙ୍କୁ ବ୍ଲାକମେଲ କରିଥିଲେ। ସଞ୍ଚୟ ଟଙ୍କା ଉଠାଇବାକୁ ଏବଂ କମ୍ପାନୀରୁ ଟଙ୍କା ଚୋରି କରିବାକୁ ବାଧ୍ୟ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ।

## ବ୍ୟବସାୟୀ ଗୋପାଳ ଖେମକାଙ୍କ ହତ୍ୟା କରାଇଥିଲେ ବିଲ୍ଡର

ପାଟନା, ୮।୭ (ଏଜେନ୍ସି): ବିହାର ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟାକୁ ନେଇ ଚାଞ୍ଚଲ୍ୟକର ଖୁଲାସା ହୋଇଛି। ବ୍ୟାବସାୟିକ ବିବାଦକୁ ନେଇ ବିଲ୍ଡର ଅଶୋକ ଶାହ ସୁପାରୀ ଦେଇ ଖେମ୍‌କାଙ୍କୁ ହତ୍ୟା କରାଇ ଥିଲେ। ହତ୍ୟା ପାଇଁ ସୁଟର୍ ଉମେଶକୁ ସୁପାରୀ ଦିଆଯାଇଥିଲା। ଏଥିପାଇଁ ୪ ଲକ୍ଷ ଟଙ୍କାରେ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। ଅଗ୍ରୀମ ଭାବେ ୫୦ ହଜାର ଟଙ୍କା ଦିଆଯାଇଥିଲା। ଏହି ଟଙ୍କାରେ ଉମେଶ ନିଜ ପିଲାଙ୍କ ସ୍କୁଲ ଦେୟ ଦେଇଥିଲା। ସେ ହିଁ ଖେମକାଙ୍କ ଘରର ରେକି କରିଥିଲା। ପରେ ଉମେଶ ଏହି ହତ୍ୟା ପାଇଁ ନିଜ ଅଞ୍ଚଳରେ ରହୁଥିବା ବିକାଶକୁ ସୁପାରୀ ଦେଇଥିଲା। କିନ୍ତୁ ସେ ଅଧିକ ଟଙ୍କା ଦାବି କରିବାରୁ ଗତ ଚାରି ତାରିଖରେ ଘର ଫାଟକ ନିକଟରେ ଉମେଶ ଖେମ୍‌କାଙ୍କୁ ଗୁଳି ମାରି ହତ୍ୟା କରିଥିଲା। ଡିଜିପି ବିନୟ କୁମାର ଆଜି ଏହି ସୂଚନା ଦେଇଛନ୍ତି।

ପୁଲିସ ସୋମବାର ବିଲ୍ଡର ଅଶୋକ ଏବଂ ସୁଟର ଉମେଶକୁ ଗିରଫ କରିଛି। ସୁଟର ନିକଟରୁ ୩ ଲକ୍ଷ ଟଙ୍କା ଜବତ କରାଯାଇଛି। ତା ଘରୁ ୫୯ ରାଉଣ୍ଡ ଗୁଳି ଏବଂ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇଛି। ଜେରା ସମୟରେ ଉମେଶ କହିଛି ଯେ ଦେଢ଼ ମାସ ତଳେ ହତ୍ୟାର ଯୋଜନା ହୋଇଥିଲା। ଅଶୋକ ସାହ ମୋବାଇଲରୁ ଜମି ବିବାଦ ସମ୍ବନ୍ଧିତ ଆଲୋଚନାର ଅନେକ ରେକର୍ଡିଂ ମିଳିଛି। ଜମି ବିବାଦ ପାଇଁ ଖେମକାଙ୍କୁ ହତ୍ୟା କରାଯାଇଛି। ଅଶୋକ ଘରୁ ଅନେକ ଜମିର କାଗଜପତ୍ର ମିଳିଛି।

ପୁଲିସ ସୂଚନା ଅନୁଯାୟୀ ଉଦୟଗିରି ଆପାର୍ଟମେଣ୍ଟର ୬୦୧ ଫ୍ଲାଟରୁ ଅଶୋକ ସାହକୁ ଗିରଫ କରାଯାଇଥିଲା।

**ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ**



ସୁଟର ଉମେଶର କଥାରେ ପୁଲିସ ମଙ୍ଗଳବାର ଭୋର ୪ଟାରେ ବନ୍ଧୁକ ଯୋଗାଣକାରୀ ବିକାଶକୁ ଧରିବା ପାଇଁ ପାଟନା ସିଟିର ମାଲସଲାମୀ ଅଞ୍ଚଳରେ ପହଞ୍ଚି ଥିଲା। ଏହି ସମୟରେ ବିକାଶ ପୁଲିସ ଉପରେ ଗୁଳିମାଡ଼ କରିଥିଲା। କିନ୍ତୁ ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ସେ ନିହତ ହୋଇଥିଲା।

## ୬୭ ଜଣଙ୍କ ଜୀବନ ବଞ୍ଚାଇ ଦେଲା କୁକୁର



ମଣ୍ଡି, ୮।୭ (ଏଜେନ୍ସି): ମଣିଷ ତୁଳନାରେ ପଶୁପକ୍ଷୀ ଆଗୁଆ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ପାଇ ଯାଆନ୍ତି ବୋଲି କୁହାଯାଏ। ଏହି ଲୋକକଥାଟି ହିମାଚଳ ପ୍ରଦେଶ ମଣ୍ଡି ଜିଲ୍ଲାର ସିୟାଥି ଗ୍ରାମରେ ସତ ସାବ୍ୟସ୍ତ ହୋଇଛି। ବାଦଲ ଫଟା ବର୍ଷା, ଭୂସ୍ଖଳନ ଏବଂ ଅଚାନକ ବନ୍ୟାରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ଯାଇଥିବାବେଳେ ମଣିଷର ଅତି ବିଶ୍ୱସ୍ତ ପ୍ରାଣୀ କୁକୁର ଦେବଦୂତ ପାଲଟି ଯାଇଛି। ଏହି କୁକୁର ୨୦ ପରିବାରର ୬୭ ଲୋକଙ୍କ ଜୀବନ ବଞ୍ଚାଇ ଦେଇଛି। ଏବେ ସବୁଠି ଏହି କୁକୁରକୁ ନେଇ ଚର୍ଚ୍ଚା ହେଉଛି। ସମୟ ପୂର୍ବରୁ ସତର୍କ କରି ଏହି କୁକୁର ଗ୍ରାମବାସୀଙ୍କୁ ରକ୍ଷା କରି ହିରୋ ପାଲଟି ଯାଇଛି। ସୂଚନା ଅନୁଯାୟୀ ଧରମପୁର ଅଞ୍ଚଳରେ ଥିବା ସିଆଥି ଗ୍ରାମ ଗତ ୩୦ ତାରିଖ ମଧ୍ୟରାତ୍ରୀରୁ ୧ଟା ଭିତରେ ଅବଶେଷରେ ପରିଣତ ହୋଇଯାଇଥିଲା। କିନ୍ତୁ ଏହା ପୂର୍ବରୁ କୁକୁର ପାଇଁ ଗ୍ରାମବାସୀଙ୍କ ଜୀବନ ରକ୍ଷା ପାଇ ଯାଇଥିଲା।


ସିଆଥି ଗ୍ରାମର ନରେନ୍ଦ୍ର କହିଛନ୍ତି ଯେ ଏହି କୁକୁରଟି ତାଙ୍କ ଘରର ଦ୍ୱିତୀୟ ମହଲାରେ ଶୋଇଥିଲା। ପ୍ରବଳ ବର୍ଷା ଜାରି ରହିଥିବାବେଳେ ରାତିରେ କୁକୁର ଜୋର୍‌ରେ ଭୋକିବାରେ ଲାଗିଥିଲା। ଏହା ପରେ ମଧ୍ୟରାତ୍ରିରେ ଚାରିଆଡେ ଖାଲି ଚିତ୍କାର ଶୁଭିଥିଲା। କୁକୁର ଭୋକିବା ଶୁଣି ନରେନ୍ଦ୍ର ନିଦରୁ ଉଠି ଯାଇଥିଲେ। କୁକର ପାଖକୁ ଗଲା ପରେ ସେ ଯାହା ଦେଖିଥିଲେ ତାହାକୁ ବିଶ୍ୱାସ କରିପାରି ନ ଥିଲେ। ଘରର କାନ୍ଥରେ ଏକ ବଡ଼ ଫାଟ ସୃଷ୍ଟି ହୋଇଥିଲା। ଏହା ମଧ୍ୟ ଦେଇ ପାଣି ପ୍ରବେଶ କରି ଚାଲିଥିଲା। ସେ କାଳ ବିଳମ୍ବ ନ କରି କୁକୁର ସହ ତଳକୁ ପଳାଇ ଥିଲେ। ଘରେ ଶୋଇଥିବା ସମସ୍ତଙ୍କୁ ଜଗାଇ ଥିଲେ। ଏହା ପରେ ଅନ୍ୟ ଗ୍ରାମବାସୀଙ୍କୁ ସତର୍କ କରାଇ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ କହିଥିଲେ। ଲୋକେ ଏହା ଶୁଣି ଘରଦ୍ୱାର ଛାଡ଼ି ସୁରକ୍ଷିତ ଆଶ୍ରୟ ସ୍ଥଳକୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ଏକ ବିରାଟ ଭୂସ୍ଖଳନ ସଂସ୍ପର୍ଶରେ ଗାଁ ଆସି ଯାଇଥିଲା। ଏଥିରେ ୧୨ରୁ ଅଧିକ ଘର ମାଟିରେ ମିଶି ଯାଇଛି। ମାତ୍ର ଚାରିରୁ ପାଞ୍ଚଟି ଘର ଏବେ ବାହାରକୁ ଦିଶୁଛି। ଆଉ ବାକି ସବୁ ଅବଶେଷ ତଳେ ଦବି ରହିଛି। ଗ୍ରାମର ୨୦ ପରିବାରର ୬୭ ଜଣ ସଦସ୍ୟ ଗତ ୭ ଦିନ ହେଲା ତ୍ରିୟମବାଲା ଗ୍ରାମର ନୈନା ଦେବୀ ମନ୍ଦିରରେ ଆଶ୍ରୟ ନେଇଛନ୍ତି। ଏଭଳି ସ୍ଥିତି ଦେଖି ଅନେକ ଗ୍ରାମବାସୀଙ୍କ ରକ୍ତଚାପ ବଢ଼ି ଯାଇଛି। କିଛି ଜଣ ଅବସାଦଗ୍ରସ୍ତ ହୋଇଛନ୍ତି। ଅନ୍ୟ ଗ୍ରାମର ଗ୍ରାମବାସୀ ଏମାନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଜୁନ୍ ୨୦ରୁ ଏ ପର୍ଯ୍ୟନ୍ତ ବର୍ଷା ଜନିତ ଘଟଣାରେ ରାଜ୍ୟରେ ୭୮ ଜଣଙ୍କ ଜୀବନ ଗଲାଣି।

# ନୀଳାଦ୍ରିବିଜେ ପୂର୍ବରୁ ରଥାରୂଢ଼ ଶ୍ରୀଜିଉଙ୍କ ବଡ଼ସିଂହାର ବେଶ





# ମହାପ୍ରଭୁଙ୍କୁ ରସଗୋଲା ମଣୋହି



ପୁରୀ,୮।୭(ସମିସ): ନୀଳାଦ୍ରିବିଜେ ଅବସରରେ ଅନେକ ଭକ୍ତ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହୀ କରିଥିଲେ। ରଥ ପାଖରେ ରସଗୋଲା ଭୋଗ କରିଥିଲେ। ଏହି ରସଗୋଲା ମଣୋହୀ ପ୍ରଥାରୁ ଏବେ ପରମ୍ପରାରେ ପରିଣତ ହୋଇଛି। ଏ ସମ୍ପର୍କରେ ଗବେଷକ ମତ ଦିଅନ୍ତି ଯେ ମହାପ୍ରଭୁଙ୍କ ଉପାସନାରେ ଅନେକ ସାମାଜିକ ଓ ପାରିବାରିକ ପରମ୍ପରାର ବାର୍ତ୍ତା ଦେଖିବାକୁ ମିଳିଥାଏ। ଘୋଷଯାତ୍ରାରେ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଚାଲିଯାଇଥିବାରୁ ଅଭିମାନ କରିଥିଲେ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)। ଏଥିଯୋଗୁଁ ଯେଉଁ ପାରିବାରିକ ଅଭିମାନ ମୁଣ୍ଡ ଟେକିଥିଲା, ତାହାକୁ ଗଜପତି ମହାରାଜା ବାହୁଡା ଦିନ ଭେଟ କରାଇ ସମାଧାନର ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଥିଲେ। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲା ବେଳେ ସେହି ଅଭିମାନର ପୁନରାବୃତ୍ତି ଘଟିଥାଏ। ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରର ଦ୍ୱାର ବନ୍ଦ କରିଦିଅନ୍ତି। ସେଠାରେ ଯେଉଁ ନୀତି ହୁଏ, ତାହା ଲକ୍ଷ୍ମୀ-ନାରାୟଣ ବଚନିକା ଭାବେ ପ୍ରସିଦ୍ଧ। ବଚନିକା ହେବା ପରେ ମହାପ୍ରଭୁ ଜଗମୋହନକୁ ବିଜେ କଲେ ସେଠାରେ ଗଇଁଠାଳ ଫିଟା ନୀତି ହୁଏ। ପରେ ଶ୍ରୀବେଦୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ଲକ୍ଷ୍ମୀ ଠାକୁରାଣୀ ଯେତେବେଳେ ଜୟବିଜୟ ଦ୍ୱାର ବନ୍ଦ କରନ୍ତି ସେତେବେଳେ ମହାପ୍ରଭୁ ସାଙ୍ଗରେ ଆଣିଥିବା ମିଷ୍ଟାନ୍ନ (ରସଗୋଲା) ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥା'ନ୍ତି। ଭକ୍ତମାନେ ମହାପ୍ରଭୁଙ୍କୁ ସେହି ସ୍ମୃତି ସ୍ୱରୂପ ନୀଳାଦ୍ରିବିଜେ ପୂର୍ବରୁ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହି କରିଥା'ନ୍ତି। ବିଶ୍ୱାସ ରହିଚି, ମହାପ୍ରଭୁ ଶ୍ରୀଦେବୀଙ୍କୁ ସନ୍ତୁଷ୍ଟ କରିବା ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କୁ ସନ୍ତୁଷ୍ଟ କରିଥା'ନ୍ତି। ଲୋକାଚାର ପ୍ରଥା ଅନୁଯାୟୀ ଏହା ଏବେ ପରମ୍ପରାରେ ପରିଣତ ହୋଇଯାଇଛି।

## ଅଗଷ୍ଟରେ ହୋଇପାରେ ରତ୍ନଅଳଙ୍କାର ଗଣତିମଣତି

ପୁରୀ, ୮।୭ (ସମିସ): ଶେଷ ହୋଇଛି ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ। ଏଏସ୍ଆଇ ଉଭୟ ଭିତର ଏବଂ ବାହାର ରତ୍ନଭଣ୍ଡାର ମରାମତି କାମ ଶେଷ କରି ଶ୍ରୀମନ୍ଦିର ପ୍ରଶାସନକୁ ଚାବି ହସ୍ତାନ୍ତର କରିଛି। ଏବେ ସମସ୍ତଙ୍କ ନଜର ରହିଛି କେବେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି କରାଯିବ। ଏ ପ୍ରସଙ୍ଗରେ ମଙ୍ଗଳବାର ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ବୁଧବାର ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍‌ବିଆଇ)କୁ ଚିଠି ଲେଖାଯିବ। ଆର୍‌ବିଆଇର ଦୁଇଜଣ ବରିଷ୍ଠ ଓ ଅଭିଜ୍ଞ ଅଧିକାରୀ ଆସିବା ପାଇଁ ଏହି ଚିଠିରେ ଉଲ୍ଲେଖ କରାଯିବ। ସ୍ୱତନ୍ତ୍ର ଏସ୍‌ଓପି ଅନୁଯାୟୀ ଉଚ୍ଚସ୍ତରୀୟ କମିଟି ବୈଠକ ବସିବ। ଏହାପରେ ଅସ୍ଥାୟୀ ଖଟଶେଯ ଓ ଫୁଲ ଶେଯ ଘରେ ଥିବା ରତ୍ନଅଳଙ୍କାର ଭିତର ଓ ବାହାର ରତ୍ନଭଣ୍ଡାରକୁ ଅଣାଯିବ। ଅଗଷ୍ଟ ମାସରେ ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା ହୋଇପାରେ ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ୧୯୭୮ମସିହାରେ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ହୋଇ ତାଲିକା ପ୍ରକାଶ ପାଇଥିଲା। ସେହି ତାଲିକା ସହ ମହାପ୍ରଭୁଙ୍କ ଅଳଙ୍କାର ମେଳ କରାଯିବ।

■ ଉତ୍ତରମୁହାଁ ଲଘୁଚାପ

## ଝାଡ଼ଖଣ୍ଡରେ ବର୍ଷିବ, ଓଡ଼ିଶାରେ କମିବ

ଭୁବନେଶ୍ୱର,୮।୭(ସମିସ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଜଳସ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ପଶ୍ଚିମବଙ୍ଗ ଉପରେ ରହିଥିବା ଲଘୁଚାପ କ୍ଷେତ୍ରଟି ଆଗକୁ ଝାଡ଼ଖଣ୍ଡ-ଛତିଶଗଡ଼ ମୁହାଁ ହେବାକୁ ଥିବାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବାର ଆଶଙ୍କା ରହିଛି। ଅନ୍ୟପଟେ ବର୍ତ୍ତମାନ ହୀରାକୁଦରୁ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଥିବା ବେଳେ ମଙ୍ଗଳବାର ସକାଳ ସୁଦ୍ଧା ଏହି ଜଳ ମୁଣ୍ଡଳୀଠାରେ ପହଞ୍ଚିଛି। ବୁଧବାରଠାରୁ ୧୧ ଜୁଲାଇ ମଧ୍ୟରେ ଓଡ଼ିଶାରେ ବର୍ଷାର ପରିମାଣ କମିବାର ସମ୍ଭାବନା ରହିଛି। ମାତ୍ର ଉତ୍ତର ପଶ୍ଚିମ ଜିଲ୍ଲାମାନଙ୍କରେ ବୁଧବାର କିଛି କିଛି ବର୍ଷା ନେଇ ଆଶଙ୍କା ରହିଛି। ତେବେ ଆସନ୍ତା ୧୨/୧୩ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ପୁଣି ବର୍ଷା ବଢ଼ିବାର ଆଶଙ୍କା ରହିଛି।

ଅନ୍ୟପଟେ ବୈତରଣୀ ନଦୀ ଫୁଲିବା ହେତୁ ଉତ୍ତର ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଶିମିଳିପାଳ ଉପର ମୁଣ୍ଡରେ ପ୍ରବଳ ବର୍ଷା ପାଇଁ ଦେଓ ନଦୀରେ ମଧ୍ୟ ଜଳସ୍ତର ବଢ଼ିଛି। ଏବେ ଉଦଳା-ବାଲେଶ୍ୱର ସମେତ ୮ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୈତରଣୀ ଫୁଲିବା ହେତୁ ଆଖୁଆପଦା ନିକଟରେ ଜଳସ୍ତର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ଜଳ ବୃଦ୍ଧି ଭିତରେ ଯାଜପୁର ନିଜାମପୁରରେ ୨୦ରୁ ୩୦ ଫୁଟ୍ ଯାଏଁ ଆଡ଼ିବନ୍ଧ ଧସିଛି। ବାଲି ବସ୍ତା ପକାଇ ଘାଇ ମରାମତି କରାଯାଉଥିବା ବେଳେ ଏଠାରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେବେ ରାଜ୍ୟରେ ବନ୍ୟା ସ୍ଥିତି ଭିତରେ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଲୋକଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟବାସୀଙ୍କ ସହ ସରକାର ଅଛନ୍ତି। ବିଚଳିତ ହେବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଗୁରୁବାରଠାରୁ ବର୍ଷାର ପ୍ରଭାବ କମିବା ସହ ୧୩ ପରେ ପୁଣି ବର୍ଷା ବଢ଼ିବ ବୋଲି କେନ୍ଦ୍ର ଆକଳନ କରିଛି।

## ୪ ଗେଟ୍ ବନ୍ଦ କଲା ହୀରାକୁଦ

ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିବାରେ ଲାଗିଛି। ରବିବାର ୧୨ଟା ବେଳକୁ ଜଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚି ଯାଇଥିଲା। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ସେହିଦିନ ପୂର୍ବାହ୍ଣ ୧୦ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୬.୭୭ ଫୁଟ୍ ଥିବା ବେଳେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିଲା। ସେଥିରୁ ୪ଟି ସ୍ଲୁଇସ୍ ଗେଟ୍ ବନ୍ଦ କରିଦେବାକୁ ସନ୍ଧ୍ୟା ସାଢ଼େ ୬ଟା ବେଳକୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

ଆଜି ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୬.୭୭ ଫୁଟ ରହିଛି। ନଦୀବନ୍ଧର ବାମପଟର ୧୧ଟି ଓ ଡାହାଣ ପଟର ୫ଟି; ଏହିପରି ୧୬ଟି ସ୍ଲୁଇସ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୨,୬୫୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୨୪,୯୩୧ ଘନଫୁଟ ଜଳ ନିଷ୍କାସିତ ହେଉଛି।

**ଡାକ୍ତରବାଞ୍ଜେରି ଗାଁ ବିକ୍ରି ଘଟଣା**

## 'ଜୀବନ ଦେବୁ ପଛେ, ଇଞ୍ଚେ ବି ଜାଗା ଛାଡ଼ିବୁ ନାହିଁ'



ପାରଳାଖେମୁଣ୍ଡି,୮।୭(ସମିସ): ଡାକ୍ତରବାଞ୍ଜେରି ଗାଁ ବିକ୍ରି ଘଟଣାରେ ଆଦିବାସୀ ମହାସଂଘ ହସ୍ତକ୍ଷେପ କରିଛି। ଗ୍ରାମବାସୀଙ୍କ ସହ ଆଦିବାସୀ ମହାସଂଘର ବୈଠକ, ଆନ୍ଦୋଳନ ପାଇଁ ସଜବାଜ ପାଇଁ ପ୍ରସ୍ତୁତ ହେଉଛି ରଣନୀତି। ଆଦିବାସୀ ସଂଘର ଏକ ପ୍ରତିନିଧିଦଳ ଜିଲ୍ଲା ସଂଘ ସଭାପତି ନୀର ଭୂୟାଁଙ୍କ ନେତୃତ୍ୱରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତ ଅନ୍ତର୍ଗତ ଡାକ୍ତର ବାଞ୍ଜେରି ଗାଁକୁ ଯାଇ

■ ହସ୍ତକ୍ଷେପ କଲା ଆଦିବାସୀ ମହାସଂଘ; ଆନ୍ଦୋଳନ ପାଇଁ ସଜବାଜ
■ ଗ୍ରାମବାସୀଙ୍କ ସହ ସଂଘ ସଭାପତିଙ୍କ ଆଲୋଚନା

ଗ୍ରାମବାସୀଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି।

ଚର୍ଚ୍ଚ ପରିସରରେ ଆୟୋଜିତ ଏହି ବୈଠକରେ ଗାଁ ବିକ୍ରି ସମ୍ପର୍କରେ ଆଲୋଚନା ହୋଇଛି। କେବେଠାରୁ ବସବାସ କରୁଛନ୍ତି, କ'ଣ ଦସ୍ତାବିଜ ରହିଛି ଏବଂ ମାଲିକାନା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛନ୍ତି। ତହସିଲଦାର ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ମଧ୍ୟ ତଥ୍ୟ ସଂଗ୍ରହ ପରେ ରାଜ୍ୟ ସଂଘ ସହ ଆଲୋଚନା ହେବ। ଏହାପରେ ପରବର୍ତ୍ତୀ ସମୟରେ ଆଗାମୀ କାର୍ଯ୍ୟପନ୍ଥା ନିଷ୍ପତ୍ତି ନିଆଯିବ। ସଂଘ ଆଦିବାସୀଙ୍କ ଉନ୍ନତି ପାଇଁ ଗଠନ ହୋଇଛି। ଆଦିବାସୀଙ୍କ ପାଇଁ ସର୍ବଦା ଲଢ଼େଇ କରିବ ବୋଲି ଜିଲ୍ଲା ସଂଘ ସଭାପତି କହିଛନ୍ତି। ଅନ୍ୟପକ୍ଷରେ 'ଜୀବନ ଦେବୁ ପଛେ, ଇଞ୍ଚେବି ଜାଗା ଛାଡ଼ିବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନର ସରକାର ଆଦିବାସୀଙ୍କ ସହ ଖେଳୁଛନ୍ତି। ପୂର୍ବ ସରକାର ଏହା କରିବାକୁ ଦେଇନଥିଲେ ବୋଲି କହିଛନ୍ତି ଗ୍ରାମବାସୀ।

ସୂଚନାଯୋଗ୍ୟ, ଡାକ୍ତରବାଞ୍ଜେରି ଗାଁର ନୂଆ ଜନବସତି ଅଞ୍ଚଳ ସମେତ ୪୭ ଏକର ଜମି କିଣାବିକା ହୋଇଛି। ଏହି ୪୭ ଏକର ଜମି ମଧ୍ୟରେ ଦୁଇଟି ଜନବସତି ରହିଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଘର ରହିଛି। ସରକାରଙ୍କ ତରଫରୁ ରାସ୍ତାଘାଟ, ଘରକୁ ଘର ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତୀକରଣ ସହ ଆବାସିକ ଯୋଜନାରେ ଘର ମଧ୍ୟ ଯୋଗାଇ ଦିଆଯାଇଛି। ଏବେ ଏହି ୪୭ ଏକର ଜମିର ମାଲିକ ବ୍ରହ୍ମପୁରର ଜଣେ ମହିଳା ହୋଇଛନ୍ତି। ସେ ସରକାରୀ ଭାବେ ୧.୪୪ କୋଟି ଟଙ୍କା ଓ ୭ ଲକ୍ଷ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଦେଇ ବିକ୍ରେତାଙ୍କ ଠାରୁ କ୍ରୟ କରିନେଇଥିବା ଜଣାପଡ଼ିଛି। ଏତେ ପରିମାଣର ଜମି ମାତ୍ର ୧.୪୪ କୋଟି ଟଙ୍କାରେ ବିକ୍ରି ହେବା କଥାକୁ ନେଇ କାହାକୁ ହଜମ ହେଉନଥିବା ବେଳେ ଗ୍ରାମରେ ଥିବା ଦୁଇ ଜନଭରା ସାହିକୁ ମଧ୍ୟ ବିକ୍ରି କରାଯାଇଥିବାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ହେଲେ ଏନେଇ ଜିଲ୍ଲା ପ୍ରଶାସନ କି ରାଜସ୍ୱ ବିଭାଗର ବାବୁମାନେ ମୁହଁ ଖୋଲୁନାହାନ୍ତି। ଏତେବଡ଼ ଡିଲ୍ ପଛରେ କାହାର ହାତ ରହିଛି, ୪୭ଏକର ଜମିର ମୂଲ୍ୟ ଆଦିକୁ ନେଇ ନାନାଦି ଆଲୋଚନା ହେଉଥିବା ବେଳେ ବର୍ତ୍ତମାନ ସରକାରଙ୍କ ଜଣେ ପ୍ରଭାବଶାଳୀ ନେତାଙ୍କ ପ୍ରଚ୍ଛଦପଟ ହାତ ରହିଥିବା ଚର୍ଚ୍ଚା ହେଉଛି।

## ରଥଚକ ତଳେ ପଡ଼ି ତରଭା ଏନ୍‌ଏସି ଉପନଗରପାଳ ଗୁରୁତର

ତରଭା, ୭।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଏନ୍‌ଏସି ଉପନଗରପାଳ ଗଗନ ଅଗ୍ରୱାଲ ରଥ ଚକ ତଳେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ତରଭାର ଶ୍ରୀ ଦଧିବାବନଙ୍କ ବାହୁଡ଼ା ଯାତ୍ରାର



ଶେଷଦିନରେ ଆଜି ଏହି ଅଘଟଣ ଘଟିଛି। ସନ୍ଧ୍ୟାରେ ସୁନାରୀପଡ଼ାରୁ ରଥ ବାହାରିଥିଲା। ସନ୍ଧ୍ୟା ୭ଟାରେ ରଥପଡ଼ାସ୍ଥିତ ସୁନୀଲ ସାହୁଙ୍କ ଦୋକାନ ସମ୍ମୁଖରେ ଏହି ଘଟଣା ଘଟିଥିଲା। ଉପନଗରପାଳ ଶ୍ରୀ ଅଗ୍ରୱାଲ ଅନ୍ୟ ସ୍ୱେଚ୍ଛାସେବୀଙ୍କ ସହ ରଥ ସମ୍ମୁଖରେ ରହି ଶୃଙ୍ଖଳାର ସହ ରଥଟଣା ବ୍ୟବସ୍ଥା ବୁଝୁଥିଲେ। ସୁନୀଲ ମେହେରଙ୍କ ଦୋକାନ ସମ୍ମୁଖରେ ରଥର ବ୍ରେକ୍ ପକାଯାଇଥିଲା। ଏହି ସମୟରେ ଗଗନଙ୍କ ଡାହାଣ ଗୋଡ଼ ବ୍ରେକ୍ ଓ ରଥଚକ ମଧ୍ୟରେ ପଡ଼ିଯାଇଥିଲା। ଏଥିରେ ତାଙ୍କର ନଳିଗୋଡ଼ ଭାଙ୍ଗିଯାଇଛି। ଗଗନ ରଥଚକ ତଳେ ପଡ଼ିଯିବା ଦେଖି ନିକଟରେ ଥିବା ଜଣେ ସ୍ୱେଚ୍ଛାସେବୀ ରାମ ନାଏକ, ଏଏସ୍‌ଆଇ ଶୁଭେନ୍ଦୁ ସିଂ ବାବୁ, ସୁରେନ୍ଦ୍ର ଦଳବେହେରା, ମଧୁସୂଦନ ପାଣ୍ଡେ, ବିଶ୍ୱରଂଜନ ମିଶ୍ର ତାଙ୍କୁ ଟାଣିଆଣିଥିଲେ। ସଙ୍ଗେସଙ୍ଗେ ଗଗନଙ୍କୁ ବଲାଙ୍ଗୀର ଡାକ୍ତରଖାନା ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ପରେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଆଜି ସର୍ବଭାରତୀୟ ଧର୍ମଘଟ




ଭୁବନେଶ୍ୱର,୮।୭(ସମିସ): ବୁଧବାର ସର୍ବ ଭାରତୀୟ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଫେଡେରେସନ୍‌ସ୍ ଓ ଶିଳ୍ପ ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କର ୪ଟି ଶ୍ରମକୋଡ୍‌କୁ ବିରୋଧ ସହିତ ଘରୋଇ କରଣ, ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା, ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା, ଅଙ୍ଗନବାଡ଼ି, ଆଶା, ପାଚିକା ଆଦି ସ୍କିମ୍‌ରେ କାର୍ଯ୍ୟରତ ମା'ମାନଙ୍କୁ ଶ୍ରମିକର ମାନ୍ୟତା ଦେବା ଆଦି ଦାବି ରହିଛି। ରାଜ୍ୟ ସରକାର ବନ୍ଦର, ଖଣି, ବିମାନ ବନ୍ଦର ଓ ପ୍ରାୟ ସରକାରୀ ସଂସ୍ଥାକୁ ଆଦାନୀ ହାତରେ ଟେକିଦେବା ଓ ଅନ୍ୟାନ୍ୟ ବୃହତ ଶିଳ୍ପକୁ ଶିଳ୍ପପତି ମାନଙ୍କ ହାତରେ ଟେକିଦେବା ବିଶେଷକରି ପରିବହନ ଶ୍ରମିକ ମାନଙ୍କ ଦାବି ତୁରନ୍ତ ପୂରଣ କରିବା ପାଇଁ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଛି।

**ସାମିଲ ହେବ ବିଜୁ ଶ୍ରମିକ ସାମ୍ମୁଖ୍ୟ**

ଏହି ଧର୍ମଘଟରେ ସାମିଲ ହେବାକୁ ଘୋଷଣା କରିଛି ବିଜୁ ଶ୍ରମିକ ସାମ୍ମୁଖ୍ୟ। ହି ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ବିଜୁ ଶ୍ରମିକ ସାମୁଖ୍ୟ ତଥା ବିଏସ୍‌ଏସ୍ ଓଡିଶାର ସମସ୍ତ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଛି। ୯ ଜୁଲାଇ ସକାଳ ୮ ଟା ୩୦ ସମୟରେ ଭୁବନେଶ୍ୱର ରାଜମହଲ ଛକ ଠାରେ ସଂଗଠନର ଉପ ସଭାପତି ନବ କିଶୋର ମହାନ୍ତିଙ୍କ ନେତୃତ୍ୱରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଧର୍ମଘଟରେ ସାମିଲ ହେବେବୋଲି ନିଷ୍ପତି ନିଆଯାଇଛି। ମଙ୍ଗଳବାର ସଂଘଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜୁ ଶ୍ରମିକ ସାମୁଖ୍ୟର ସଭାପତି ପ୍ରଫୁଲ୍ଲ ସାମଲ, ମହାସଚିବ ସୁବାସ ସିଂହ, ଉପସଭାପତି ନବ କିଶୋର ମହାନ୍ତି, ସମ୍ପାଦକ ରାଜୀବ ମହାନ୍ତି ଓ ଅଟୋଚାଳକ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ପଦ୍ମନ ସାମଲ, ରାଜ୍ୟ ପାଚିକା ସାମୁଖ୍ୟର ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରସ୍ମିତା ଜେନା ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତି ଥିଲେ।

**ଆରଆଇ ଅମିନ ନିଯୁକ୍ତି**

## ଅନ୍‌ଲାଇନ୍ ପରୀକ୍ଷା ପ୍ରତିବାଦରେ ଆଶାୟୀଙ୍କ ଧାରଣା

ଭୁବନେଶ୍ୱର,୮।୭(ସମିସ): ଅନ୍‌ଲାଇନ୍‌ରେ ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ମୁଖ୍ୟ ପରୀକ୍ଷା କରିବାକୁ ବିରୋଧ କରିଛନ୍ତି ଆଶାୟୀ। ମଙ୍ଗଳବାର ଶତାଧିକ

■ ଗୋଟିଏ ଦିନ, ଗୋଟିଏ ସିଫ୍ଟ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ପରୀକ୍ଷା ଦାବି
■ ଉନ୍ନତ ଓ ଅଭିଜ୍ଞତାସଂପନ୍ନ କମ୍ପାନୀ ପରିଚାଳନା କରିବ: ଓଏସ୍‌ଏସ୍‌ଏସ୍‌ସି

ପରୀକ୍ଷାର୍ଥୀ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଅଫ୍‌ଲାଇନ୍ ପରୀକ୍ଷା ଦାବି କରିଛନ୍ତି। ଅନ୍‌ଲାଇନ୍‌ରେ ହୋଇଥିବା ପ୍ରିଲିମ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ଫଳରେ ସମସ୍ତଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଛି। ଏଣୁ ମୁଖ୍ୟ ପରୀକ୍ଷାକୁ ଅନ୍‌ଲାଇନ୍ ପରିବର୍ତ୍ତେ ଅଫ୍‌ଲାଇନ୍‌ରେ ଗୋଟିଏ ସିଫ୍ଟରେ




କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଅଗଷ୍ଟ ପହିଲାରୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାୟ ମାସେ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପରୀକ୍ଷା କରିବା ଦ୍ୱାରା ପ୍ରିଲିମ୍ ପରୀକ୍ଷା ପରି ହେରଫେର୍ ଓ ଜାଲିଆତି ଆଶଙ୍କା କରୁଛନ୍ତି ଆଶାୟୀ। ପୁଣି ନର୍ମାଲାଇଜେସନ୍ କରି ପରସେଣ୍ଟାଇଲ୍ ପ୍ରକାଶ କରାଯାଉଥିବାରୁ ବହୁ ଯୋଗ୍ୟ ପ୍ରାର୍ଥୀ ଚାକିରି ପାଇ ପାରୁନାହାନ୍ତି। ତହିଁରେ ସ୍ୱଚ୍ଛତା ନେଇ ମଧ୍ୟ ଆଶାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଣୁ ଗୋଟିଏ ଦିନ, ଗୋଟିଏ ସିଫ୍ଟରେ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ପରୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି।

ଧାରଣାରତ ଆଶାୟୀଙ୍କ ସହ ଓଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ ଆଲୋଚନା କରି ବୁଝାସୁଝା କରିଥିଲେ। ଅନ୍‌ଲାଇନ୍‌ରେ ପରୀକ୍ଷା ହେବ, କିନ୍ତୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଅଭିଜ୍ଞତାସଂପନ୍ନ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଆଶ୍ୱାସନା ଦେଇଛନ୍ତି। ଏପରିକି, ପରସେଣ୍ଟାଇଲ୍ ସମ୍ପର୍କରେ ବିଚାର କରିବାକୁ ମଧ୍ୟ କହିଛନ୍ତି। ଆଶାୟୀଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଧାରଣାରତ ଆଶାୟୀଙ୍କ ମଧ୍ୟରେ ପରମେଶ୍ୱର ବଳ, ତୋଫାନ ପରିଡ଼ା, ପରେଶ କୁମାର ରଏ, ରଞ୍ଜନ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଶତାଧିକ ପରୀକ୍ଷାର୍ଥୀ ସାମିଲ ଥିଲେ।

ସକାଳ THE SAKALA



www.sakalaepaper.com

# ଗଣ୍ଡୁଆଁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



କୋଇଡା, ୮।୭(ସମିସ): ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ୍ ମାଲଦା ପଞ୍ଚାୟତ ଗଣ୍ଡୁଆଁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ସକାଳୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ଏହି କଳସ ଶୋଭାଯାତ୍ରାରେ ମନ୍ଦିର ପୂଜକ ସହ ଅଞ୍ଚଳର ଶତାଧିକ ମହିଳା ପୁରୁଷ ସାମିଲ ହୋଇ ଭଜନ କୀର୍ତ୍ତନ କରିଥିଲେ। ନିକଟସ୍ଥ ଜୟସିଂ ସାହି ନାଳରୁ ଗଙ୍ଗା ମାତା ଆବାହନ ପରେ ପୂଜାର୍ଚ୍ଚନା କରାଯାଇ ଜଳପୂର୍ଣ୍ଣ କଳସକୁ ଏକ ଭବ୍ୟ ଶୋଭାଯାତ୍ରା କରି ଜଗନ୍ନାଥ ନାମ ଯଜ୍ଞ କୁଣ୍ଡଳୀରେ ସ୍ଥାପନ କରାଯାଇଥିଲା। ଏଥିରେ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ରହି ସୁଚାରରୂପେ କାର୍ଯ୍ୟ ତୁଲାଇଥିଲେ। ୪ ଦିନ ଧରି ହେବାକୁ ଥିବା ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟେକ ଦିନ ପୂଜାର୍ଜନା ସହ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ସହ ଆଜି ଶେଷ ଦିନରେ ସୁଦୂର କଟକ ସାଲେପୁରରୁ କଣ୍ଠ ଶିଳ୍ପୀଙ୍କୁ ନେଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା।

## ଆଇଜିଏଚ୍‌ର ଡାକ୍ତରଙ୍କ ସଫଳତା

# ୪ ଜଟିଳ ଅସ୍ତ୍ରୋପଚାର କରି ବଞ୍ଚାଇଲେ ଚାଷୀଙ୍କ ଜୀବନ

ରାଉରକେଲା,୮।୭(ସମିସ)



ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ଦକ୍ଷ ଏବଂ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ସେମାନଙ୍କର ଅସାଧାରଣ ଚିକିତ୍ସା ଦକ୍ଷତାର ପୁନଃପ୍ରଦର୍ଶନ କରି ପାୱାରଟିଲର ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ଜଣେ ୬୫ ବର୍ଷୀୟ ଚାଷୀଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ୪ଟି ଜଟିଳ ଅସ୍ତ୍ରୋପଚାର କରି ଚାଷୀଙ୍କ ଜୀବନ ରକ୍ଷା କରିଛନ୍ତି। ଯାହାକୁ ନେଇ ଡାକ୍ତରୀ ଦଳକୁ ଆହତ ଚାଷୀଙ୍କ ପରିବାର ସାଧୁବାଦ ଜଣାଇଛନ୍ତି।

ସୂଚନାନୁଯାୟୀ, ବଣାଇଁର ଚାଷୀ ପରମ କିଶାନ ଚାଷ ଜମିରେ କାମ କରୁଥିବା ସମୟରେ ତାଙ୍କ ଗୋଡ ପାୱାରଟିଲର ବ୍ଲେଡରେ ଫସିଯାଯାଇଥିଲା। ଫଳରେ ସେ ଦୁର୍ଘଟଣାର ଶିକାର ହୋଇ ଅତ୍ୟନ୍ତ ସଙ୍କଟଜନକ ଅବସ୍ଥାରେ ମେ ୨୨ ତାରିଖରେ ଆଇଜିଏଚରେ ଭର୍ତ୍ତି ହୋଇଥିଲେ। ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ବହୁ କଷ୍ଟରେ ତାଙ୍କୁ ସେହି ମେସିନ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ତାଙ୍କର ଦୁଇ ଗୋଡରେ ଅତ୍ୟନ୍ତ ଗଭୀର ଆଘାତ ଲାଗିଥିବାରୁ ବହୁ ରକ୍ତସ୍ରାବ ହେବାସହିତ ତାଙ୍କର ରକ୍ତଚାପ କମିଯାଇଥିଲା। ତାଙ୍କ ଜୀବନହାନୀ ସହ ଅଙ୍ଗଚ୍ଛେଦ ହେବାର ଆଶଙ୍କା ମଧ୍ୟ ଉପୁଜିଥିଲା। ତାଙ୍କ ଗୁରୁତର ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ୟ ଚିକିତ୍ସାଳୟଗୁଡ଼ିକ ଚିକିତ୍ସା କରିବାରେ ଅସମର୍ଥ ପ୍ରକାଶ କରିବାପରେ ତାଙ୍କୁ ଶେଷରେ ଆଇଜିଏଚକୁ ସ୍ଥାନାନ୍ତର କରାଯାଇଥିଲା।

### ଜମିରେ କାମ କରୁଥିବା ବେଳେ ପାୱାରଟିଲରରେ ଫସି ଗୁରୁତର ହୋଇଥିଲେ

ତାଙ୍କୁ ତୁରନ୍ତ ଆଇଜିଏଚର ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯାଇଥିଲା। ଯେଉଁଠାରେ ତାଙ୍କ ସ୍ଥିତିକୁ ଚାରିଦିନ ପର୍ଯ୍ୟନ୍ତ ନିରୀକ୍ଷଣ କରାଯାଇଥିଲା। ଏକ ବିସ୍ତୃତ ଡାକ୍ତରୀ ପରୀକ୍ଷା ପରେ ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ତଥା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ତିୱାରୀଙ୍କ ନେତୃତ୍ୱରେ ଡାକ୍ତରଙ୍କ ଏକ ବିଶେଷଜ୍ଞ ଦଳ ଏହି ଚିକିତ୍ସା ଆହ୍ୱାନକୁ ଗ୍ରହଣ କରିଥିଲେ। ସେମାନେ ବାମ ଗୋଡର ଗୁରୁତର ଭାବରେ କ୍ଷତିଗ୍ରସ୍ତ ଫେମର ବୋନର ମରାମତି, ସଫ୍ଟ ଟିସୁର ପୁନଃନିର୍ମାଣ ଏବଂ ଅନ୍ୟାନ୍ୟ ଆଘାତପ୍ରାପ୍ତ ଅସ୍ଥିର ଅସ୍ତ୍ରୋପଚାର ସମେତ ଚାରୋଟି ଜଟିଳ ଅସ୍ତ୍ରୋପଚାର କରିଥିଲେ। ଚିକିତ୍ସା ସମୟରେ ରୋଗୀଙ୍କୁ ଛଅ ୟୁନିଟ୍ ରକ୍ତ ଦିଆଯାଇଥିଲା। ଆଇଜିଏଚର ବିଶେଷଜ୍ଞ ଆନାସ୍ଥେସିଆ ଦଳ ଦ୍ୱାରା ଆବଶ୍ୟକ ଆନାସ୍ଥେସିଆ ସହାୟତା ପ୍ରଦାନ କରାଯାଇଥିଲା। ଆଇଜିଏଚର ବରିଷ୍ଠ ପରାମର୍ଶଦାତା (ପ୍ଲାଷ୍ଟିକ୍ ସର୍ଜରୀ) ଡା ରୁବି ସିଂହ ସ୍କିନ ପ୍ରତିରୋପଣ ପାଇଁ ପ୍ଲାଷ୍ଟିକ୍ ସର୍ଜରୀ ସହାୟତା ପ୍ରଦାନ କରିଥିଲେ। ଛଅ ସପ୍ତାହରୁ ଅଧିକ ସମୟ ଧରି ଜଟିଳ ଓ ସତର୍କ ଚିକିତ୍ସା ପରେ ରୋଗୀ ଉଲ୍ଲେଖନୀୟ ଆରୋଗ୍ୟ ପ୍ରଦର୍ଶନ କରିଥିଲେ। ଜୁଲାଇ ୨ ତାରିଖରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା।

ସିଆରପିଏଫରେ କାର୍ଯ୍ୟରତ ଏବଂ ବର୍ତ୍ତମାନ ମଣିପୁରରେ ନିଯୁକ୍ତ ଆହତ ଚାଷୀଙ୍କ ପୁଅ ତାଙ୍କ ପିତାଙ୍କୁ ଏକ ନୂତନ ଜୀବନ ଦେବା ପାଇଁ ଆଇଜିଏଚର ଡାକ୍ତର ଏବଂ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପୁରୁଣା କୋଲ୍ଡ ସିଣ୍ଟର ସ୍କ୍ରିନ୍‌ର ପୁନଃନିର୍ମାଣ

# ଏସ୍‌ପି-୨କୁ ଉପକରଣ ହସ୍ତାନ୍ତର କଲା ଆର୍‌ଏସ୍‌ପି ମେକାନିକାଲ୍ ସପ୍



ରାଉରକେଲା, ୮।୭(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ମେକାନିକାଲ୍ ସପ୍ ସାମୁଦାୟିକ ଏକ ପୁରୁଣା କୋଲ୍ଡ ସିଣ୍ଟର ସ୍କ୍ରିନ୍‌କୁ ସଫଳତାର ସହ ପୁନଃନିର୍ମାଣ କରିଛି। ଯାହା ସିଣ୍ଟର ପ୍ଲାଣ୍ଟ-୨ର ନିରନ୍ତର ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଅଟେ। ଏସ୍‌ପି-୨ ବିଭାଗକୁ ପୁନଃନିର୍ମାଣ ହୋଇଥିବା ଉପକରଣ ହସ୍ତାନ୍ତର କରିବା ପାଇଁ ଜୁନ୍ ୨୮ ତାରିଖରେ ମେକାନିକାଲ୍ ସପ୍‌ରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ମେକାନିକଲ ଓ ସସ୍ପ ବିଭାଗର ତତ୍କାଳୀନ ସିଜିଏମ ଇନଚାର୍ଜ ଆର୍‌ଏନ୍ ରାଜେନ୍ଦ୍ରନ୍ ଏହି ଉତ୍ସବରେ ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣ, ଏସ୍‌ପି-୨ ବିଭାଗର ଜିଏମ୍ ଇନ ଚାର୍ଜ ଏସ୍‌କେ ପାଢ଼ି, ଡିଜାଇନ୍, ସସ୍ପ - ମେକାନିକାଲ୍ ଏବଂ ଫାଉଣ୍ଡ୍ରି ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍‌କେ ଦାସ ତଥା ସସ୍ପ, ଡିଜାଇନ୍ ଏବଂ ମେକାନିକାଲ୍ ସପର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ପୁନଃକଣ୍ଡିସନ୍ ହୋଇଥିବା ସିଣ୍ଟର ସ୍କ୍ରିନ୍ ଉପଭୋକ୍ତା ବିଭାଗକୁ ହସ୍ତାନ୍ତର କରିଥିଲେ। ଏକ୍ସାଇଟର ଗିଅର ବକ୍ସ ସିଟରେ ତ୍ରୁଟି ଏବଂ ଅନ୍ୟାନ୍ୟ ଉପକରଣ କ୍ଷେତ୍ରରେ ମେଳ ନ ଥିବାରୁ କୋଲ୍ଡ ସିଣ୍ଟର ସ୍କ୍ରିନକୁ ପୂର୍ବରୁ କାର୍ଯ୍ୟକ୍ଷମ ସର୍କିଟରୁ ଅପସାରଣ କରାଯାଇଥିଲା। ଯାହା ଏହାକୁ ସେବା ପାଇଁ ଅନୁପଯୁକ୍ତ କରିଥିଲା।

ସିଣ୍ଟର ଉତ୍ପାଦନ ପାଇଁ ଉପକରଣର ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱକୁ ଦୃଷ୍ଟିରେ ରଖି ଏହି ସମସ୍ୟାକୁ ମେକାନିକାଲ୍ ସପ୍ ଦଳକୁ ନ୍ୟସ୍ତ କରାଯାଇଥିଲା। ମେକାନିକାଲ୍ ସପ୍ ଏବଂ ଏସ୍‌ପି-୨ ଦଳ ଦ୍ୱାରା ଏକ ବିସ୍ତୃତ ମିଳିତ ଅଧ୍ୟୟନ କରାଯାଇଥିଲା। ମେକାନିକାଲ୍ ସପ୍ କ୍ଷମତା ମଧ୍ୟରେ ତ୍ରୁଟିକୁ ସମାଧାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏହି ଦଳ ଏକ୍ସାଇଟର ଗିଅର ବକ୍ସର ଡିଜାଇନ୍ ଏବଂ ମାଉଣ୍ଟିଂ ଲେଆଉଟ୍‌କୁ ପୁଙ୍ଖାନୁପୁଙ୍ଖ ଭାବରେ ଅଧ୍ୟୟନ କରିଥିଲା। ପୂର୍ବ ସମସ୍ତ ମାଉଣ୍ଟିଂ ହୋଲ୍ ପ୍ଲଗ୍ କରାଯାଇଥିଲା ଏବଂ ଦକ୍ଷ ମାର୍କିଂ ଦଳ ଦ୍ୱାରା ସଠିକ୍ ମାର୍କିଂ ସହିତ ଗିଅର ବକ୍ସର ପୁନଃସ୍ଥାପନ ଯୋଜନା କରାଯାଇଥିଲା।

ସିଏନସି ସ୍କୋଡା ହରିଜୋଣ୍ଟାଲ୍ ବୋରିଂ ମେସିନ୍ ବ୍ୟବହାର କରି, ଆବଶ୍ୟକୀୟ କୋଣ ଏବଂ ସଠିକ୍ ସ୍ଥିତି ହାସଲ କରିବା ପାଇଁ ଗିଅର ବକ୍ସ ପ୍ୟାଡର ଡ୍ରିଲିଂ ଏବଂ ମେସିନିଂ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଏକ ନୂତନ ସିଣ୍ଟର ସ୍କ୍ରିନ୍ କ୍ରୟ ପାଇଁ ପ୍ଲାଣ୍ଟକୁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାନ୍ତା। ଏହି ସଫଳତା ପୁଣି ଥରେ ମେକାନିକାଲ୍ ସପ୍ ସାମୂହିକଙ୍କ ବୈଷୟିକ ବିଶେଷଜ୍ଞତା ଏବଂ ସମସ୍ୟା ସମାଧାନ କ୍ଷମତାକୁ ଆଲୋକିତ କରିଛି। ଯେଉଁମାନେ ଏହି ସମୟୋଚିତ ହସ୍ତକ୍ଷେପ ମାଧ୍ୟମରେ ଖର୍ଚ୍ଚ ସଞ୍ଚୟ ଏବଂ ପ୍ଲାଣ୍ଟ କାର୍ଯ୍ୟ ନିରନ୍ତରତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି।

# ସୁନା, ରୁପା ଅଳଙ୍କାର ସହ ଟାବଲେଟ୍ ଜବତ; ୨ ଗିରଫ




ରାଉରକେଲା,୮।୭(ସମିସ): ରାଉରକେଲାର ସେକ୍ଟର-୧୯ ଥାନା ପୁଲିସ ଏକ ବଡ଼ ଚୋରି ଘଟଣାରେ ୨ ଜଣ ଚୋରଙ୍କୁ ଗିରଫ କରିବା ସହ ଚୋରି ସୁନା ଓ ରୁପା ଅଳଙ୍କାର ଓ ଟାବଲେଟ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସେକ୍ଟର-୧୬ର ଲିଟୁ ଓରଫ ସୌଭାଗ୍ୟ ନାୟକ (୨୩) ଏବଂ ଦଣ୍ଡିଆପାଲି ଅଞ୍ଚଳର ଭିକି ଯାଦବ (୨୫)। ଏନେଇ ମଙ୍ଗଳବାର ସେକ୍ଟର - ୧୯ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜୋନାଲ ଡିଏସପି ଯୋଗେଶ ପଣ୍ଡା ସୂଚନା ଦେଇ କହିଛନ୍ତି, ସେକ୍ଟର-୨୦ ନିବାସୀ ଯୋଗେନ୍ଦ୍ର ନାଥ ମହାନ୍ତ ଗତ ଏପ୍ରିଲ ୨୨ ତାରିଖରେ ତାଙ୍କ ପରିବାର ସହ ଲହୁଣୀପଡ଼ା ଅଞ୍ଚଳର ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ୨୩ ଏପ୍ରିଲ ରାତିରେ ସେ ଘରକୁ ଫେରିବା ପରେ ତାଙ୍କ ଘରେ ଆଜବେଷ୍ଟସ୍ ଛାତ ଖୋଲି ମୂଲ୍ୟବାନ ଅଳଙ୍କାର ଏବଂ ଏକ ଟାବଲେଟ୍ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ସେକ୍ଟର-୧୯ ଥାନାରେ ଅଭିଯୋଗ କରିଥିଲେ। ସେକ୍ଟର-୧୯ ପୁଲିସ୍ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଜୋନ୍-୧ ଡିଏସ୍‌ପି ଯୋଗେଶ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ୍ ଟିମ୍ ଉଭୟ ବୈଷୟିକ ଏବଂ ପାରମ୍ପରିକ ପଦ୍ଧତି ବ୍ୟବହାର କରି ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତରୁ ମିଳିଥିବା ସୂରାକ ଆଧାରରେ ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ପୁଲିସ୍ ଉଠାଇ ନେଇ ପଚରାଉଚରା କରିଥିଲା। ପଚରାଉଚରା ସମୟରେ ଉଭୟ ସେମାନଙ୍କ ଅପରାଧ ସ୍ୱୀକାର କରିଥିଲେ। ସେମାନଙ୍କ ନିକଟରୁ ୧୬.୪୫ ଗ୍ରାମ୍ ଓଜନର ଏକ ସୁନା ହାର, ୬.୯୦ ଗ୍ରାମ୍ ଓଜନର ଦୁଇ ଯୋଡ଼ା ସୁନା କାନଫୁଲ, ୩.୮୭ ଗ୍ରାମ ଓଜନର ଏକ ସୁନା ଚେନ୍ ଏବଂ ଏକ ଟାବଲେଟ୍ ଜବତ କରିଛି । ଗିରଫ ଅଭିଯୁକ୍ତ ସୌଭାଗ୍ୟ ନାଁରେ ସେକ୍ଟର-୧୫ ଏବଂ ଅନ୍ୟାନ୍ୟ ଥାନାରେ ଆକ୍ରମଣ, ଚୋରି, ହତ୍ୟା ଉଦ୍ୟମ ଏବଂ ଘରୋଇ ହିଂସା ଭଳି ୨୩ଟି ଅପରାଧିକ ମାମଲା ରହିଥିବା ଡିଏସପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତ ଭିକି ବିରୋଧରେ ସହରର ବିଭିନ୍ନ ଥାନାରେ ୧୦ଟି ଗୁରୁତର ମାମଲା ରହିଛି। ଅନ୍ୟ ଚୋରି ମାମଲାରେ ମଧ୍ୟ ଉଭୟଙ୍କ ସମ୍ପୃକ୍ତି ରହିଥିବା ବେଳେ ଏହାର ତଦନ୍ତ ଚାଲିଥିବା ସେ ସୂଚାଇଛନ୍ତି। ପୁଲିସ୍ ଗିରଫ ୨ ଅଭିଯୁକ୍ତଙ୍କ ବିରୋଧରେ ସେକ୍ଟର-୧୯ ଥାନାରେ ବିଏନ୍‌ଏସ୍ ଧାରା ୩୩୧(୪)ଏବଂ ୩୦୫(ଏ)ରେ ମୋକଦ୍ଦମା ନମ୍ବର-୭୫ ରୁଜୁ କରାଯିବା ସହ ବିଏନ୍‌ଏସ୍ ଧାରା ୩୩୧(୪) ଓ ୩୦୫(ଏ) ଧାରାରେ ସେକ୍ଟର-୭ ଥାନାରେ ମୋକଦ୍ଦମା ନମ୍ବର-୮୦, ସେକ୍ଟର-୩ ଥାନାରେ ମୋକଦ୍ଦମା ନମ୍ବର-୧୦୧ ଏବଂ ସେକ୍ଟର-୧୫ ଥାନାରେ ମୋକଦ୍ଦମା ନମ୍ବର-୬୭ ରୁଜୁ କରାଯାଇଛି ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ଟଂଜନ କୁମାର ନାୟକ ଉପସ୍ଥିତ ଥିଲେ।

# ରାହୁଲଙ୍କ ଓଡିଶା ଗସ୍ତ ପାଇଁ ଡିସିସିର ପ୍ରସ୍ତୁତି

ରାଉରକେଲା, ୮।୭(ସମିସ): ଏଆଇସିସିର ବରିଷ୍ଠ କର୍ମକର୍ତ୍ତା ତଥା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଆସନ୍ତା ୧୧ ତାରିଖରେ ଓଡିଶା ଗସ୍ତରେ ଆସୁଛନ୍ତି। ତାଙ୍କ ଗସ୍ତକୁ ସଫଳ କରିବା ପାଇଁ ରାଉରକେଲା ଡିସିସି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ମଙ୍ଗଳବାର ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ସେକ୍ଟର-୨୧ ସ୍ଥିତ କଂଗ୍ରେସ ଭବନଠାରେ ଜିଲ୍ଲା ସଂଯୋଜକ ଜ୍ଞାନେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ରାଷ୍ଟ୍ରୀୟ ପ୍ରବକ୍ତା ଡ. ହମିଦ ହୁସେନ ଏବଂ ଜଗଦାନନ୍ଦ ପ୍ରଧାନ ଯୋଗଦେଇ ଆସନ୍ତା ୧୧ ତାରିଖରେ ରାହୁଲ ଗାନ୍ଧୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ଆସନ୍ତା ୧୧ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ସମ୍ବିଧାନ ବଞ୍ଚାଓ ସଭା କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ ଯୋଗ ଦେବାର କାର୍ଯ୍ୟକ୍ରମ




ରହିଛି। ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲିକାର୍ଜୁନ ଖଡଗେ, ସଂଗଠନ ସମ୍ପାଦକ କେସି ବେଣୁଗୋପାଲ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରାଷ୍ଟ୍ରୀୟ ପ୍ରବକ୍ତା ଡ. ହମିଦ ହୁସେନ ସୂଚନା ଦେଇଛନ୍ତି। ଅନ୍ୟତମ ପ୍ରବକ୍ତା ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ବିଫଳତା ଏବଂ ସମ୍ବିଧାନ ବିରୋଧୀ ନୀତି ବିଷୟରେ ଆଲୋକପାତ କରିଥିଲେ। ଉକ୍ତ ସମ୍ବିଧାନ ବଞ୍ଚାଓ ସଭାରେ ଯୋଗଦେବା ପାଇଁ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଶତାଧିକ କର୍ମୀ ଏବଂ ନେତୃବୃନ୍ଦ ବସ୍ ଏବଂ ଟ୍ରେନ୍ ଯୋଗେ ଆସନ୍ତା ୧୦ ତାରିଖରେ ବାହାରିବେ। ଭୁବନେଶ୍ୱରରୁ ଫେରିବା ପରେ କଂଗ୍ରେସ କର୍ମକର୍ତ୍ତାମାନେ ରାହୁଲ ଗାନ୍ଧୀଙ୍କ ବାର୍ତ୍ତାକୁ ବୁଥ୍‌ସ୍ତରରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବେ ବୋଲି ଜିଲ୍ଲା ସଂଯୋଜକ ଶ୍ରୀ ଦାସ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କଂଗ୍ରେସ ସଭାପତି ଗଣେଶ ପ୍ରଧାନ, ରବି ରାଏ, ରାଉରକେଲା ଜିଲ୍ଲା ମିଡ଼ିଆ ସେଲ ଚେୟାରମ୍ୟାନ ନିହାର ଦାସ ଉପସ୍ଥିତ ଥିଲେ।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ

ରାଉରକେଲା, ୮।୭(ସମିସ): ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କର ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିର ଜୁଲାଇ ୩ରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି। ବିରମିତ୍ରପୁର ଓ ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟରତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମ୍ୟୁନିସିପାଲ ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଭୟ ନିର୍ବାଚନ ମଣ୍ଡଳୀର ୪୯୮ ବିଏଲଓ ପ୍ରଶିକ୍ଷଣ ନେଇଥିଲେ। ନିର୍ବାଚନରେ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟି ଶୂନ୍ୟ କରିବା ପାଇଁ ଅଧିକାରୀଙ୍କୁ



ବିଏଲଓର ଭୂମିକା, ଘରେ ଘରେ ବୁଲି ଭୋଟର ତାଲିକା ସଂଶୋଧନ, ନୂତନ ଭୋଟରଙ୍କ ନାମ ପଞ୍ଜିକରଣ, ଫର୍ମ ୬, ୭,୮ ପୂରଣ କରିବା, ବିଏଲଓ ଆପ୍ ସହିତ ଭୋଟର ହେଲ୍ପ ଲାଇନର ବ୍ୟବହାର କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ପରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପାନପୋଷ ଉପଜିଲ୍ଲାପାଳ ଶ୍ରୀ ନାୟକ ପରିଦର୍ଶନ କରି ପ୍ରଶିକ୍ଷଣ କାର୍ଯ୍ୟ ନୀରିକ୍ଷଣ କରିଥିଲେ।

# ପ୍ରତ୍ୟେକ ମା'ଙ୍କ ନାମରେ ଦୁଇଟି ଗଛ ଲଗାନ୍ତୁ




## ରାଉରକେଲା କଲେଜ


ରାଉରକେଲା,୮।୭(ସମିସ): ପାନପୋଷ ବନାଞ୍ଚଳ ଆନୁକୂଲ୍ୟରେ ସ୍ଥାନୀୟ ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ କଲେଜ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଫରେଷ୍ଟ ରେଞ୍ଜର ଜ୍ଞାନେନ୍ଦ୍ର ଲିମା, ମନୋରଞ୍ଜନ ଦାଶ, କୁଞ୍ଜବିହାରୀ ରାଉତ, ଶଶଧର ପାତ୍ର, ସହଯୋଗୀ ରୀତାଞ୍ଜଳୀ ଶତପଥୀ, ଦୁଃଖୁ କିଷାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷ ଚାରାରୋପଣ କରିଥିଲେ। ଅତିଥିମାନେ ବୃକ୍ଷରୋପଣର ଆବଶ୍ୟକତା ଓ ପରିବେଶ ସୁରକ୍ଷା ସମ୍ପର୍କରେ କହିଥିଲେ। ପ୍ରତ୍ୟେକ ଅତି କମ୍‌ରେ ଦୁଇଟି ଗଛ ଲଗାଇବା ଓ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର କରୁଣାକର ପାଟ୍ଟଶାଣୀ, ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନ, ବନ୍ଦନା ସୋରେଙ୍ଗ, ପ୍ରାଧ୍ୟାପକ ରଞ୍ଜିତ ପ୍ରଧାନ, ଅଧ୍ୟାପକ ସନ୍ତୋଷ ରଜାକ, ଅଧ୍ୟାପିକା ପ୍ରିୟଙ୍କା ପଲେଇ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ କଲେଜର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

ରାଉରକେଲା କଲେଜ ପରିସରରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିକି ନାଗ, ରୋହିତ ବେବର୍ତ୍ତା, ଆରସୀ ସେନାପତି, ଦେବସ୍ମିତା ପଟ୍ଟନାୟକ, କରିସ୍ମା ନାୟକ, ବିନୋଦିନୀ ମୁଣ୍ଡା, ପ୍ରୀତି କୁମାର, ଶ୍ରୁତି କୁମାର, ସଞ୍ଜୁ ତିର୍କି, ଇତିଶ୍ରୀ ଦାଶ, ରାନୀ ବାଡ଼ା, ଚନ୍ଦନ ଦାସ, ଭିକି ଯାଦବ, ଜଗନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ବସୁଧୈବ କୁଟୁମ୍ବକମ୍

ସହରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ବସୁଧୈବ କୁଟୁମ୍ବକମ୍ ଓ ଉଦିତନଗର ସରକାରୀ ଉଚ୍ଚବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବନମହୋତ୍ସବ ଓ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବସୁଧୈବ କୁଟୁମ୍ବକମ୍‌ର ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱ, କାର୍ଯ୍ୟକ୍ରମର ଆବାହକ ହରିହର ଶତପଥୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆରଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଇଂ ଅଭୟ କୁମାର ଦାସ, ପ୍ରାଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ, ଆରଏସ୍‌ପିର ପ୍ରାକ୍ତନ ବରିଷ୍ଠ ଅଧିକାରୀ ସୁବାସ ମହାପାତ୍ର, ବାସନ୍ତୀ ପାଠାଗାରର ସଭାପତି ପ୍ରସନ୍ନ ସାବତ, କବି କୁଞ୍ଜବିହାରୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥି ବୃକ୍ଷ କିପରି ମାନବ ସମାଜ ପାଇଁ କଲ୍ୟାଣକାରୀ, ପରିବେଶ ସୁରକ୍ଷା, ଗଛର ବିକଳ୍ପ ନଥିବା, ସମାଜର ବନ୍ଧୁ ଭାବେ ମତ ରଖିଥିଲେ। ପ୍ରତ୍ୟେକ ବ୍ୟକ୍ତି ମା'ଙ୍କ ନାମରେ ଦୁଇଟି ଗଛ ଲଗାଇବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଆଶାଲତା ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓମପ୍ରକାଶ ଲେଙ୍କା, ତନୁଶ୍ରୀ ମହାନ୍ତି, ଅର୍ପିତା ପାଢ଼ୀ, ଓମପ୍ରକାଶ ତରାଇ ବକ୍ତବ୍ୟ ରଖି ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅନିଲ କୁମାର ଦାସ, ସୂର୍ଯ୍ୟ ନାରାୟଣ ପଣ୍ଡା, ସଚ୍ଚିକାନ୍ତ ବିଶ୍ୱାଳ, ବିଦ୍ୟାଳୟ ତରଫରୁ ରାକେଶ ପଟ୍ଟନାୟକ, ଆଶୁତୋଷ ମହାନ୍ତି, ସୁମିତ୍ରା ମିଞ୍ଜ, ପୂର୍ଣ୍ଣିମା ତିୱାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।





# ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ଝାରସୁଗୁଡ଼ା,୮।୭(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ତଥା ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଝାରସୁଗୁଡ଼ା ଜିଲ୍ଲାରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କନିଷ୍ଠ ଓ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଛି। ବରିଷ୍ଠ



ବର୍ଗରେ ପ୍ରବନ୍ଧ ଲିଖନ, ବକ୍ତୃତା, କବିତା ଆବୃତ୍ତି ଓ ଓଡ଼ିଆ ଭାଷା ସମ୍ପର୍କିତ ସାଧାରଣ ଜ୍ଞାନ ଏବଂ ଇଂରାଜୀରୁ ଓଡ଼ିଆ ଅନୁବାଦ ସମ୍ପର୍କରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁମୋଦନ କ୍ରମେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରପାଳିକା ଅଞ୍ଚଳରୁ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତି ବିଭାଗରୁ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସୋମବାର ଅନୁଷ୍ଠିତ ପ୍ରତିଯୋଗିତାକୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ.ଶିବପ୍ରିୟା ମିଶ୍ର ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅଜୟ ଜେନା ପରିଚାଳନା କରିଥଲେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟର କର୍ମଚାରୀ ଆଲିଶ ପଟେଲ, ନିହାଲ ଭୋଇ, ଧିରଜ ପଧାନ, ସମୀର କିଷାନ ଓ କିଙ୍ଗକଙ୍ଗ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଜନ ଅଭିଯୋଗ ଶୁଣାଣି ଶିବିର



ଝାରସୁଗୁଡ଼ା,୮।୭(ସମିସ): ଜିଲ୍ଲା କାର୍ଯ୍ୟାଳୟସ୍ଥ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଆଇଏଏସ ପ୍ରବେସନର ପ୍ରଜ୍ଞାନନ୍ଦ ଗିରି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଆଗତ ମୋଟ ୫୦ଟି ଅଭିଯୋଗ ମଧ୍ୟରୁ ୧୪ଟି ସାମୂହିକ ଓ ୩୬ଟି ବ୍ୟକ୍ତିଗତ ରହିଥିଲା। ଚିକିତ୍ସା ସହାୟତା ବାବଦକୁ ତିନି ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଶିବିରରେ କେଲଡ଼ାମାଲରେ ସୁଭଦ୍ରା ଯୋଜନା ବାବଦକୁ କରାଯାଇଥିବା ଆବେଦନ ଅଗ୍ରାହ୍ୟ, ଅଘରିଆ କଲୋନୀରେ ବିଦ୍ୟୁତ୍ ସଂଯୋଗ ଜନିତ ସମସ୍ୟା, ଭାସ୍କର ସୂତାକଳ ପକ୍ଷରୁ ବକେୟା ପ୍ରାପ୍ୟ ପ୍ରଦାନ, କିର୍ମିରା ବ୍ଲକ୍ ଅଧୀନ ଜାତୀୟ ରାଜପଥରେ ପାଉଁଶ ଗୁଣ୍ଡ ଜନିତ ପ୍ରଭାବିତ ଚାଷଜମି ପାଇଁ କ୍ଷତିପୂରଣ, ସିଆଲରମାରେ ପାଉଁଶ ଜନିତ ପ୍ରଦୂଷଣ, ଆଇଓସିଏଲ୍ ଛକରୁ ଅର୍ଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ତାଳପଟିଆ ସ୍ଥିତ ଜାତୀୟ ରାଜପଥ ୪୯ ରେ ରାସ୍ତା ନିର୍ମାଣ ପାଇଁ ବ୍ୟବହୃତ ଫ୍ଲାଏ ଆସ୍ ସକାଶେ ଚାଷ ଜମି କ୍ଷତିଗ୍ରସ୍ତ ହେବା, ୱାର୍ଡ ନମ୍ବର ୮ ପଞ୍ଚପଡ଼ାରେ ବର୍ଷା ଯୋଗୁଁ ଚାଷ ଜମିରେ ପାଉଁଶ ଗୁଣ୍ଡ ଜନିତ କ୍ଷୟକ୍ଷତି ସମ୍ପର୍କିତ ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗର ମଧ୍ୟ ଶୁଣାଣି ହୋଇଥିଲା। ସମ୍ପୃକ୍ତ ଅଧିକାରୀଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ




ଝାରସୁଗୁଡ଼ା,୮।୭(ସମିସ): ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ନନ୍ଦିନୀ ଶତପଥୀଙ୍କ ତତ୍ତ୍ୱାବଧାନରେ 'ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଚେତନତା' କାର୍ଯ୍ୟକ୍ରମ ହୋଇଛି। ଏଥିରେ ମୁଣ୍ଡଳି କଟକର ତୃତୀୟ ବାଟାଲିୟନ ଏନ୍‌ଡିଆରଏଫ୍ ଇନ୍ସପେକ୍ଟର ସନ୍ତୋଷ ସାହୁ ଓ ସବ୍ ଇନ୍ସପେକ୍ଟର ଏମ୍‌କେ ଚୌଧୁରୀ ଯୋଗଦେଇ ଛାତ୍ରୀ ମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବେ ତଥା ଜୀବନ ରକ୍ଷା କରିବେ ସେ ସମ୍ପର୍କରେ ବିଭିନ୍ନ କୌଶଳ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ କୌଶଳ ଶିକ୍ଷା ଗ୍ରହଣ କରିଥିଲେ। ଗୃହବିଜ୍ଞାନ ଅଧ୍ୟାପିକା ବିଜୟିନୀ ଭୋଇ ସଭା ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନର ମୁଖ୍ୟ ରେଣୁକା ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଝାରସୁଗୁଡ଼ାରେ ବାଂଲାଦେଶୀ

# ୪୪୪ ଅଟକ, ପୁଲିସର ପଚରାଉଚରା

ଝାରସୁଗୁଡ଼ା,୮।୭(ସମିସ)

ଝାରସୁଗୁଡ଼ା ଜିଲ୍ଲାରେ ଥିବା ଅବୈଧ ବାଂଲାଦେଶୀ ନାଗରିକ, ରୋହିଙ୍ଗ୍ୟାମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଝାରସୁଗୁଡ଼ା ପୁଲିସ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରି ଜିଲ୍ଲାରେ ଥିବା ବାଂଲାଦେଶୀ ନାଗରିକ ତଥା ରୋହିଙ୍ଗ୍ୟାମାନଙ୍କୁ ଚିହ୍ନଟ କରୁଛି। ସୋମବାର ରାତିରେ ଏହି ଅଭିଯାନରେ ୪୪୪ ଜଣଙ୍କୁ ଚିହ୍ନଟ କରାଯାଇଛି। ଯାଞ୍ଚ ପାଇଁ ଦୁଇଟି ହୋଲ୍ଡିଂ ସେଣ୍ଟର କରାଯାଇଛି। ଝାରସୁଗୁଡ଼ା ବ୍ଲାକ ଡାଇମଣ୍ଡ ଇଂଜିନିୟରିଂ କଲେଜ ଓ ବ୍ରଜରାଜନଗର ହିଲଟପ୍



କଲ୍ୟାଣ ମଣ୍ଡପରେ ଏହି ୪୪୪ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରିରଖିଛି ପୁଲିସ। ଅଟକ ଥିବା ବ୍ୟକ୍ତି ମାନଙ୍କ ଭାରତୀୟ ନାଗରିକତା ପ୍ରମାଣ ପତ୍ର ଯାଞ୍ଚ କରାଯାଉଛି। ଜାଲ ପ୍ରମାଣ ପତ୍ର ନେଇ ରହୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମ୍ବଲପୁର ଆଇଜି ହିମାଂଶୁ ଲାଲ ଏବଂ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର ସୂଚନା ଦେଇଛନ୍ତି।

ଝାରସୁଗୁଡ଼ା ଏକ ଖଣି ଏବଂ ଶିଳ୍ପ ବହୁଳ ଜିଲ୍ଲା ହୋଇଥିବାରୁ ଏଠାରେ ଦେଶର ବିଭିନ୍ନ ଅଞ୍ଚଳରୁ ଲୋକେ ଆସି କାର୍ଯ୍ୟ କରୁଛନ୍ତି। ଏହାର ସୁଯୋଗ ନେଇ ବାଂଲାଦେଶରୁ ମଧ୍ୟ ବେଆଇନ ଭାବରେ ଶତାଧିକ ଲୋକେ ଆସି ନକଲି ଭାରତୀୟ ପରିଚୟ ପତ୍ର ତିଆରି କରି ଝାରସୁଗୁଡ଼ାର ବିଭିନ୍ନ ଖଣି ଏବଂ ଶିଳ୍ପରେ ଠିକା ଶ୍ରମିକ ଭାବରେ କାର୍ଯ୍ୟ କରୁଥିବାର ଆଶଙ୍କା ରହିଛି। ବାଙ୍ଗାଲାଦେଶରୁ ଝାରସୁଗୁଡ଼ାକୁ ଆସି ଲୁଚିବା ପାଇଁ ଅନେକ ସ୍ଥାନ ରହିଛି। ଏଠାରେ ନକଲି ପରିଚୟ ପତ୍ର ତିଆରି କରି ଦିନ ମଜୁରିଆ ଭାବରେ କିମ୍ବା ଠିକା ଶ୍ରମିକ ଭାବରେ ନିଜକୁ ଅତି ଆରମରେ ଲୁଚାଇ ହେବ। ତେଣୁ ଝାରସୁଗୁଡ଼ା ଜିଲ୍ଲାରେ ଶତାଧିକ ବାଂଲାଦେଶୀ ବେଆଇନ ଭାବରେ ଲୁଚିଥାଇ ପାରନ୍ତି ବୋଲି ସନ୍ଦେହ ରହିଛି। ପୁଲିସ ପକ୍ଷରୁ କରାଯାଇଥିବା ଏହି ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡ଼ିବ ଏବଂ ବେଆଇନ ଭାବରେ ରହୁଥିବା ଲୋକଙ୍କୁ ଦେଶାନ୍ତର କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି।

# ସାତ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଲା ଡ୍ରାଇଭର ମହାସଂଘ

ଦେବଗଡ଼,୮।୭(ସମିସ): ସାତ ଦଫା ଦାବି ନେଇ ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଫଳରେ ଯାତ୍ରୀବାହୀ ଓ ମାଲ ବୋଝେଇ ଯାନବାହାନ ସବୁ ବନ୍ଦ ହୋଇ ଯାତାୟାତ ଠପ୍ ହୋଇଛି। ଫଳରେ ଜନସାଧାରଣ ଭୀଷଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରାଇଭର ମହାସଂଘର ଆନ୍ଦୋଳନରୁ ଜରୁରୀକାଳୀନ ସେବା ଯୋଗାଉଥିବା ଯାନବାହାନକୁ ଆନ୍ଦୋଳନରୁ ବାଦ ଦିଆଯାଇଛି। ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ଶ୍ରମିକ କଲ୍ୟାଣ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଡ୍ରାଇଭରଙ୍କ ପାଇଁ ପ୍ରତି ଏକ ଶହ କିମି ବ୍ୟବଧାନରେ ଗାଡି ପାର୍କିଂ ଓ ଶୌଚଳୟ ବ୍ୟବସ୍ଥା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଓ କାରଖାନା ଗୁଡିକରେ



ଓଡ଼ିଶାର ୭୦ ପ୍ରତିଶତ ଡ୍ରାଇଭରଙ୍କୁ କାମପାଇଁ ଅଗ୍ରାଧିକାର ଦେବା, ସେପ୍ଟେମ୍ବର ପହିଲାକୁ ଜାତୀୟ ଡ୍ରାଇଭର ଦିବସର ମାନ୍ୟତା ପ୍ରଦାନ ଓ ଗାଡିର କାଗଜପତ୍ର ଯାଞ୍ଚ କ୍ଷମତାକୁ ପୁଲିସକୁ ନଦେବା ଆଦି ସାତ ଦଫା ଦାବି ନେଇ ମଙ୍ଗଳବାର ଜିଲ୍ଲା ଡ୍ରାଇଭର ମହାସଂଘ ଆନ୍ଦୋଳନ କରିଛି। ସଭାପତି ଆଦିତ୍ୟ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ମହାସଂଘର ଶତାଧିକ ସଦସ୍ୟ ନୂଆ ବସଷ୍ଟାଣ୍ଡ ନିକଟରେ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଏକତ୍ରିତ ହୋଇ ବିଭିନ୍ନ ସ୍ଲୋଗାନ ଦେଇଛନ୍ତି। ଡ୍ରାଇଭର ଆନ୍ଦୋଳନକୁ ଗାଡି ମାଲିକଙ୍କ ସମର୍ଥନ ଫଳରେ ସମସ୍ତ ଯାତ୍ରୀବାହୀ ବସଷ୍ଟାଣ୍ଡ, ଚାରିଚକିଆ ଯାନ ଷ୍ଟାଣ୍ଡ ଓ ଅଟୋ ଷ୍ଟାଣ୍ଡ ଖାଁ ଖାଁ ପଡ଼ିଛି। ଅନ୍ୟପଟେ ଜରୁରୀ କାମରେ ବାହାରିଥିବା ଅନେକ ଜନସାଧାରଣ ରାସ୍ତାରେ ପରିବାର ସହ ଚାଲିଚାଲି ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି।

# କୁମ୍ଭାରବନ୍ଧରେ ନିଆରା ବାହୁଡ଼ାଯାତ୍ରା

ଇବଥର୍ମାଲ,୮।୭(ସମିସ): ଓଡ଼ିଆଙ୍କ ମଉଡ଼ମଣୀ ଜଗନ୍ନାଥ ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ଗତ ୫ ତାରିଖରୁ ମନ୍ଦିରକୁ ବାହାରିଛନ୍ତି। ୬ ତାରିଖରେ ସୁନାବେଶ ଓ ୭ ତାରିଖରେ ଅଧରପଣା ନୀତି ସମ୍ପନ୍ନ ହୋଇ ଆଜି ପ୍ରଭୁ ନୀଳାଦ୍ରିବିଜେ କରିବା ଦିନ ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମଙ୍ଗଳବାର ବାହୁଡା ଯାତ୍ରା



କରାଯାଏ। ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଏଠାରେ ରଥଯାତ୍ରା ହୋଇଥାଏ ହେଲେ ବାହୁଡା ତ୍ରୟୋଦଶୀ ଦିନ କରାଯାଏ। ସମ୍ବଳ ଅଭାବରୁ ଠାକୁରଙ୍କ ସୁନାବେଶ ସହ ଅଧରପଣା ବିଧି ରଥରେ ରଖି କରିବା ସମ୍ଭବ ହୋଇନଥାଏ। ଏଣୁ ଠାକୁରମାନେ ୧୩ ଦିନ ମାଉସୀମା ମନ୍ଦିରରେ ରହି ପୂଜିତ ହୁଅନ୍ତି। ପ୍ରତ୍ୟେକ ଦିନ ସଂଧ୍ୟା ଆଳତି ପରେ ନାମ କୀର୍ତ୍ତନ କରାଯାଏ ଏବଂ ନୀଳାଦ୍ରିବିଜେ ଦିନ ଠାକୁର ମାନଙ୍କୁ ବାହୁଡ଼ାରେ ଆଣି ମନ୍ଦିରରେ ନୀଳାଦ୍ରି ବିଜେ ପର୍ବ ଅନୁଷ୍ଠିତ ହୋଇଥାଏ। ଆଜି ସକାଳେ ଠାକୁର ମାନଙ୍କ ନୀତିକାନ୍ତି ପରେ ମଧ୍ୟାହ୍ନରେ ଠାକୁର ମାନଙ୍କ ବେଶ କରାଯାଇ ପହଣ୍ଡି କରାଯାଇଥିଲା। ଉମାକାନ୍ତ ପଣ୍ଡା, ତପନ ପାଟଯୋଷୀ, ନୃସିଂହନାଥ ବଗାର, ସୁରେନ୍ଦ୍ର ମିଶ୍ର, ବେଣୁଧର ପୁରୋହିତ ପହଣ୍ଡି କାର୍ଯ୍ୟ କରିଥିବା ବେଳେ ବିମଳ ପଣ୍ଡା ଛେରାପହଁରା କରିଥିଲେ। ସୁବୋଧ ପଣ୍ଡା, ଶ୍ୟାମଳ ପଣ୍ଡା, ସୌମ୍ୟରଞ୍ଜନ ପାଣ୍ଡିଆ, ସମିତି ସଭ୍ୟ ରମାକାନ୍ତ ମିର୍ଦ୍ଧା, ପ୍ରେମାନନ୍ଦ ଭୋଇ ଶ୍ରୀକାନ୍ତ ପାଣ୍ଡେ, ଆନନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

■ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ

# ବଡ଼ଦାଣ୍ଡ ସଫା କଲେ ପୌରାଧ୍ୟକ୍ଷ ଓ ପୌର କର୍ମଚାରୀ



ଦେବଗଡ଼,୮।୭(ସମିସ): ଦେବଗଡ଼ ବାହୁଡା ରଥଯାତ୍ରା ମଙ୍ଗଳବାର ଅନ୍ତିମ ଦିବସରେ ପହଞ୍ଚିଛି। ତେବେ ପୌର ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ବଡ଼ଦାଣ୍ଡରେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମ୍ମୁଖ ଅଳିଆମୟ ହୋଇ ପଡିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜନ ଅସନ୍ତୋଷକୁ ଦୃଷ୍ଟିରେ ରଖି ପୂର୍ବାହ୍ନରେ ପୌରାଧ୍ୟକ୍ଷ ପ୍ରଜିତ ଭୋଜ, ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଓ ପୌର କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ନେଇ ବଡ଼ଦାଣ୍ଡରେ ଅଳିଆ ସଫା କରୁଥିବା ଦେଖିବାକୁ ମିଳିଛି। ପୌର କର୍ମଚାରୀ ଓ ଅଧିକାରୀଙ୍କ ସଫେଇ ପରେ ବଡ଼ଦାଣ୍ଡ ସଫା ହୋଇଥିଲା। ପରେ ବଡଦାଣ୍ଡରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀତିକାନ୍ତି କରାଯାଇଥିଲା। ପୂର୍ବରୁ ପୌର ପରିଷଦ ପକ୍ଷରୁ ସଫେଇ ଦାୟିତ୍ୱ ଘରୋଇ ଠିକା ସଂସ୍ଥାକୁ ପ୍ରଦାନ କରାଯାଇଥିଲା। ହେଲେ ସଫେଇ କର୍ମଚାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଏବଂ ଇପିଏଫ ଜମା ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଉ ନଥିବାରୁ ସେମାନେ ବିଭିନ୍ନ ସମୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିବାରୁ ପୌର ପରିଷଦର ମୁଣ୍ଡବିନ୍ଧା କାରଣ ସାଜିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଆଗାମୀ ଦିନରେ ପୌର ପରିଷଦ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଚେତାବନୀ ଦେଇଛନ୍ତି।

# ଢୁନଢୁନ ଛକ ମୁଖ୍ୟ ରାସ୍ତାରେ ଗଦାଗଦା ଆସ୍

ଇବଥର୍ମାଲ,୮।୭(ସମିସ): ଓପିଜିସି ଦ୍ୱାରା ପାଉଁଶ ପରିବହନ ଯୋଗୁ ବର୍ଷ ସାରା ସ୍ଥାନୀୟ ପଞ୍ଚାୟତବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ ଓ ପିପିଲିକାନି ପଞ୍ଚାୟତର ଜନସାଧାରଣ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ପରିସ୍ଥିତି ସୁଧୁରିବା ନାଁ ଧରୁନାହିଁ। ଲୋକଙ୍କ ଦାବିକୁ ବେଖାତିର କରାଯାଇ ବେଧଡ଼କ ଆସ୍ ପରିବହନ ଚାଲିଛି। ଦିନରାତି ଭାରିଯାନ ଯୋଗେ ଏହି ଦୁଇଟି ପାୱାରପ୍ଲାଣ୍ଟରୁ ତେଲେନପାଲି ଠାରୁ ରମ୍ପେଲା ସେତୁ ଯାଇଥିବା ଅଞ୍ଚଳର ମୁଖ୍ୟରାସ୍ତା ଦେଇ ଗାଡ଼ି ଓଭରଲୋଡ୍ ହୋଇ ଆସ୍ ପରିବହନ କରାଯାଉଛି।



ଆସ୍ ଯୋଗୁ ଅନ୍ୟ ସମୟରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିବା ବେଳେ ବର୍ଷାଦିନ ହୋଇଥିବାରୁ ରାସ୍ତା ମରଣଯନ୍ତା ପାଲଟିଛି। ଏପରିକି ବେପରୁଆ ଭାବେ ଗାଡ଼ି ଚଳାଚଳ କରୁଥିବାରୁ ରାସ୍ତାରେ ଗଦାଗଦା ଆସ୍ ପଡୁଛି। ଏଣୁ ଗମନାଗମନ ସହ ପରିବେଶ ବ୍ୟାପକ ଭାବେ ପ୍ରଦୂଷିତ ହେଉଛି। ଗତ ସୋମବାର ରାତିରେ ଢୁନଢୁନ ଛକ ନିକଟରେ ମୁଖ୍ୟ ରାସ୍ତାରେ ଗାଡିରୁ ପଡିଥିବା ଆସ୍ ଦେଖି ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କାହା ନିର୍ଦ୍ଦେଶରେ ଏଭଳି ସର୍ବସାଧାରଣ ରାସ୍ତାରେ ଆସ୍ ପକାଯାଉଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ବର୍ଷାରେ ସେହି ଆସ୍ ପାଣିରେ ମିଶି ଚାଷ ଜମିକୁ ଯାଉଛି। ସରକାର ଜନସାଧାରଣଙ୍କ ସୁରକ୍ଷା ପ୍ରତି ଯତ୍ନଶୀଳ ବୋଲି କହୁଛନ୍ତି। ମାତ୍ର ପ୍ରଶାସନ ଏ ଦିଗରେ କାହିଁକି ନୀରବଦ୍ରଷ୍ଟା ବୋଲି ଚାରୋଟି ପଞ୍ଚାୟତକୁ ନେଇ ଗଠିତ ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ପକ୍ଷରୁ ପ୍ରଶ୍ନ ଉଠାଇଛି। ଏହାସହ ପ୍ରଭାବିତ ଅଞ୍ଚଳ ପ୍ରତି ଦୃଷ୍ଟି ଦେବା ସହିତ ତୁରନ୍ତ ସମାଧାନ କରିବାକୁ ଦାବି କରାଯାଇଛି।

# ରିଆମାଳ ବ୍ଲକ୍‌ରେ ଚାରାରୋପଣ କାର୍ଯ୍ୟକ୍ରମ





ରିଆମାଳ,୮।୭(ସମିସ)

୭୬ ତମ ବନମହୋତ୍ସବ ପାଳନ ଅବସରରେ ରିଆମାଳ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଉଲିପଡା ପଞ୍ଚାୟତ ଅଧୀନ ଭିତରପଦ ପ୍ରାଥମିକ ବିଦ୍ୟାଳୟରେ ସମାଜସେବୀ ଲୋକନାଥ ପ୍ରଧାନଙ୍କ ଆୟୋଜନରେ ଶିକ୍ଷୟିତ୍ରୀ କୁନ୍ତଳା ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସିଆରସିସି ବସନ୍ତ ସୁନା ଯୋଗ ଦେଇ ଉଦ୍‌ଘାଟନ କରି ବୃକ୍ଷରୋପଣ କରିଥିଲେ। କଦଳୀ, ଅମୃତଭଣ୍ଡା, ଗୁଆ, ରାଧାତମାଳୀ, ମଧୁମାଳତୀ, କାଗଜୀ ଫୁଲ, ଟଗର, ଆଲମଣ୍ଡ, ଅଶୋକା, ଏରିକାପାମ୍, ବୋଟଲପାମ୍, ଫକ୍ସଟେଲପାମ୍, ମୁସୁଣ୍ଡା ଇତ୍ୟାଦି ଚାରାରୋପଣ କରାଯାଇଛି।

ସେହିପରି ରେଙ୍ଗାଲବେଡା ସ୍ଥିତ ଗୋହିରା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ଅବସରରେ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇ ଥିଲା। ପ୍ରଧାନଶିକ୍ଷକ କୁମୁଦ ବନ୍ଧୁ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରି ବୃକ୍ଷରୋପଣ କରିଥିଲେ। ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ସେହିପରି ବୁଢ଼ାପାଳ ପଞ୍ଚାୟତ ଅଧୀନ ଗମ୍ଭାରିପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଲମ୍ବୋଦର ଘଟୁଆଳଙ୍କ ସଭାପତିତ୍ୱରେ ବିଦ୍ୟାଳୟ ଓ କୁଣ୍ଢେଇଗୋଳା ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫରେଷ୍ଟର ମନ୍ମଥ ବେହେରା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସିପି ଅଶ୍ରୁକଣା ମିଶ୍ର ତଥା ସଦସ୍ୟାମାନେ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ବୃକ୍ଷରୋପଣ କରିଥିଲେ। ଶିକ୍ଷକ ଧରଣୀଧର ନାଏକ କାର୍ଯ୍ୟକ୍ରମ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ। ବନବିଭାଗର ରୋହିତ ନାୟକ, ବାଙ୍ଗୁରୁ ଦୀପ୍, ନରୋତ୍ତମ ବେହେରା, ଗୋଲେଖ ଥପା ଉପସ୍ଥିତ ରହି ସହଯୋଗ କରିଥିଲେ।

ଗୁଣ୍ଡିଆପାଲି ଗାଁ ପଞ୍ଚାୟତର ବୁଢ଼ିକୁଟୁଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିପିନ ବିହାରୀ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସଭାପତି ହିରାମଣି ମୁଣ୍ଡା ଓ ବିଶାଖା ପ୍ରଧାନ ଯୋଗ ଦେଇଥିଲେ। ସିନିସ୍ମିତା ମୋରାଇ, ନାରାୟଣ ମହାକୁଳଙ୍କ ସମେତ ଅନ୍ୟାନ୍ୟ ବନ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଓ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲେମ୍ବୁ, ସଜନା, ଡାଳିମ୍ବ, ଆତ, ଓଉ, ଅଁଳା, ପିଜୁଳି, ପାଟୋଳି, ବାଉଁଶ ଇତ୍ୟାଦି ଚାରାରୋପଣ କରାଯାଇ ଥିଲା।

'ମାଁଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂର୍ବରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ବକ୍ତୃତା ଓ କୁଇଜ୍ କାର୍ଯ୍ୟକ୍ରମ କରାଯାଇ ଥିଲା। ସହକାରୀ ଶିକ୍ଷକ ରାଜେଶ ବାଘ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।


# ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବନ ମହୋତ୍ସବ

ଦେବଗଡ଼,୮।୭(ସମିସ): ବାରକୋଟ ବ୍ଲକ୍ ଅଧୀନ କେଲଡା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବନମହୋତ୍ସବ ଅନୁଷ୍ଠିତ ହୋଇଛି। ବାରକୋଟ ବନବିଭାଗର ଅଧିକାରୀ ଲଣ୍ଡୋ କିରେଇଙ୍କ ତତ୍ତ୍ୱାବଧାନ ଏବଂ ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେଲଡା ସରପଞ୍ଚ ରଞ୍ଜନ ସେଠି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ବିଦ୍ୟାଳୟର ପଡ଼ିଆରେ ଅମୃତଭଣ୍ଡା, ଡାଳିମ୍ବ, ଲେମ୍ବୁ, ପିଜୁଳି ଆଦି ଚାରାରୋପଣ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ରେବତୀ ମୋହନ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ସଂସ୍କୃତ ଶିକ୍ଷକ ସୁଧୀର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ଗଣେଶ ମେଳା ଆୟୋଜନ ପାଇଁ କର୍ମକର୍ତ୍ତା ମନୋନୟନ

ଦେବଗଡ଼,୮।୭(ସମିସ): ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳା ଆୟୋଜନ ପାଇଁ ମଙ୍ଗଳବାର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ଆଜି ଜିଲ୍ଲା ବଣିକ ସଂଘ ସଭାପତି ଉମାଶଙ୍କର ସାହୁଙ୍କ ଆବାହକତ୍ୱରେ ସଂସ୍କୃତି ଭବନ ପରିସରରେ ଜିଲ୍ଲା ବଣିକ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚଳିତ ବର୍ଷ ଗଣେଶ ମେଳାକୁ ଅଧିକ ଆକର୍ଷଣୀୟ ଭାବେ ଆୟୋଜନ ପାଇଁ ସଦସ୍ୟ ମାନେ ଆଲୋଚନା କରିବା ସହ ନୂତନ କର୍ମକର୍ତ୍ତା ମନୋନୟନ ହୋଇଥିଲା। ଏଥିରେ ସଭାପତି ଭାବେ ଉମା ଶଙ୍କର ସାହୁ, ଉପସଭାପତି ଭାବେ ସୁବାଷ ଚନ୍ଦ୍ର ଭୋଇ, ସମ୍ପାଦକ ଭାବେ ସୁରଞ୍ଜିତ ମହାପାତ୍ର, ସହ ସମ୍ପାଦକ ଭାବେ ରାଜେଶ ନାୟକ, କୋଷାଧ୍ୟକ୍ଷ ଭାବେ ପବନ ଗୋଏଲ, ସହ ସମ୍ପାଦକ ଭାବେ କୃଷ୍ଣ ଚନ୍ଦ୍ର ମେହେର, ସାଂସ୍କୃତିକ ସମ୍ପାଦକ ଭାବେ ଉପେନ୍ଦ୍ର ଭଞ୍ଜ ଓ ଆଇନ ପରାମର୍ଶ ଦାତା ଭାବେ ବିକାଶ ପ୍ରଧାନଙ୍କୁ ମନୋନୀତ କରାଯାଇଛି।



ଗଣତନ୍ତ୍ରରୁ ହିଁ ସ୍ୱାଭାବିକ ଭାବରେ ଏକଛତ୍ରବାଦୀ ଶାସନ ସୃଷ୍ଟି ହୁଏ । ସେହିପରି ମାତ୍ରାଧିକ ସ୍ୱାଧୀନତାରୁ ହିଁ ଦାସତ୍ୱ ଓ ଅତ୍ୟାଚାର ଜନ୍ମ ନିଏ ।
-ପ୍ଲାଟୋ

ସକାଳ
THE SAKALA

# ସାର ସଙ୍କଟ

ଚଳିତ ବର୍ଷ ଆଗୁଆ ମୌସୁମୀ ଆସିବା ସହିତ ସାରାଦେଶରେ ବେଉଷଣ ଓ ରୁଆ କାମ ପ୍ରାୟତଃ ସରିଯାଇଛି । ଓଡ଼ିଶା ସମେତ ଆମ ଦେଶର ଚାଷୀମାନଙ୍କର ମୁଖ୍ୟ ସମସ୍ୟା ହେଲା ଜଳସେଚନ, ବିହନ ଓ ସାର । ସୌଭାଗ୍ୟବଶତଃ ଏଥର ବିହନ ସମସ୍ୟା ପ୍ରାୟତଃ ନାହିଁ। ମନୁଆ ମୌସୁମୀ ଯଦି ତା'ର ମତିଗତି ଅନୁକୂଳ ରଖିଲା ତେବେ ଜଳସେଚନ ସମସ୍ୟା ମଧ୍ୟ ସେତେ ଉତ୍କଟ ହେବ ନାହିଁ। ତେବେ ଏ ପର୍ଯ୍ୟନ୍ତ ସାର ସମସ୍ୟାର ସମାଧାନ ହୋଇପାରିନାହିଁ। ଓଡ଼ିଶା ଚାଷୀମାନଙ୍କ ଏ ସମସ୍ୟା ଏବର୍ଷ ଶୀଘ୍ର ଦୂର ହୋଇଥିବା ବେଳେ ଅନ୍ୟାନ୍ୟ କୃଷିପ୍ରଧାନ ରାଜ୍ୟରେ ବଢ଼ିବାରେ ଲାଗିଛି ।

ଭାରତୀୟ କୃଷିରେ ଡିଏପି ଓ ୟୁରିଆର ଚାହିଦା ଅଧିକ । ଠିକ୍ ସମୟରେ ଏହି ଦୁଇ ସାର ନ ମିଳିଲେ ସ୍ୱାଭାବିକ ମୌସୁମୀର ଲାଭ ଚାଷୀକୁଳ ପାଇପାରିବେ ନାହିଁ । କୃଷିଋଣ ମଧ୍ୟ ପାଇବାରେ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଅଥଚ ହରିଆଣା, ପଞ୍ଜାବ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଦି ରାଜ୍ୟର ଚାଷୀମାନେ ସାର ପାଇଁ ରାତି ଅଧରୁ ଲମ୍ବା ଧାଡ଼ିରେ ଠିଆ ହେଉଥିଲେ ମଧ୍ୟ ଖାଲି ହାତରେ ଫେରୁଥିବା ଦେଖିବାକୁ ମିଳୁଛି । କେତେକ ସ୍ଥାନରେ ପୁଲିସ୍ ଉପସ୍ଥିତିରେ ସାର ବିତରଣ ହେଉଛି । ଆଉ କେତେକ ରାଜ୍ୟରେ ସାରର କଳାବଜାରୀ ଓ ବର୍ଦ୍ଧିତ ମୂଲ୍ୟରେ ବିକ୍ରି ହେଉଥିବା ଅଭିଯୋଗମାନ ଆସିଛି । କେତେକ ସ୍ଥାନରେ ପରିସ୍ଥିତିର ଫାଇଦା ଉଠାଇ ଅସାଧୁ ବ୍ୟବସାୟୀମାନେ ୟୁରିଆ ସହିତ ଅନ୍ୟ କେତେକ ଉତ୍ପାଦ ବାଧ୍ୟତାମୂଳକ ଭାବେ ବିକ୍ରି କରୁଥିବା ଦେଖାଯାଉଛି । ଡିଏପିର ଅଭାବରେ କାମ ଚଳିବା ପାଇଁ ସିଙ୍ଗଲ ସୁପରଫସଫେଟ୍ ବ୍ୟବହାର କରିବାକୁ କୃଷି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । କିନ୍ତୁ ଏହା ଫଳରେ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ବହୁଗୁଣା ବୃଦ୍ଧି ପାଇବାକୁ ଥିବାରୁ ଚାଷୀମାନେ ଅମଙ୍ଗ ହେଉଛନ୍ତି । ଏଭଳି ପରିସ୍ଥିତିରେ ସାର ସଙ୍କଟର ଶୀଘ୍ର ସମାଧାନ ନ ହେଲେ ଦେଶର ବିଶାଳ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି ।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି । ବିଡ଼ମ୍ବନା ହେଉଛି ସବୁଜ ବିପ୍ଳବ ପରେ ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡୁଛି । ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି । ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡୁଛି । ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ । ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି । କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି । ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି । ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି । ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି । ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍ । ଭାରତୀୟ କୃଷି ପାଇଁ ଆଶ୍ୱସ୍ତିର କଥା ଯେ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ମାତ୍ର ୧୨ ଦିନ ପରେ ବିରାମ ଲାଗିଲା । ଯୁଦ୍ଧ ଅଧିକ ଦିନ ଲାଗି ରହିଥିଲେ ଅଶୋଧିତ ତୈଳ ତୁଳନାରେ ଭାରତର ସାର ସଙ୍କଟ ଅଧିକ ଉତ୍କଟ ହୋଇଥା'ନ୍ତା ଏବଂ ଡିଏପି ଓ ୟୁରିଆ ଆମଦାନୀ ୨୫% ପର୍ଯ୍ୟନ୍ତ ହ୍ରାସ ପାଇଥା'ନ୍ତା ।

ସାର ସଙ୍କଟ ସମାଧାନ ଦିଗରେ ସରକାର ମଧ୍ୟ ନିରୂପାୟ । ରାସାୟନିକ ସାର ଯୋଗାଣ ପାଇଁ ସମସ୍ତ ରାଜ୍ୟ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ । ଏଥିପାଇଁ ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ରାଜ୍ୟ ନିମନ୍ତେ ମାସିକ କୋଟାର ବ୍ୟବସ୍ଥା କରାଯାଇଛି । ଆମଦାନୀ ପରେ ଭାରତ ସରକାର ଚାହିଦା ଓ କୋଟା ଭିତ୍ତିରେ ରାଜ୍ୟମାନଙ୍କୁ ସାର ଯୋଗାଇ ଦେଇ ଆସୁଛନ୍ତି । ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ । ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ ।

ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ । କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ । ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ । ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ । ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ । ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ । ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି । ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ । ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି । ବିଶେଷକରି ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ । ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି ।

ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ । ଓଡ଼ିଶା ସରକାର ଭଳି ସାରକୁ ଅନ୍ୟ ରାଜ୍ୟ ସରକାରମାନେ ଅତ୍ୟାବଶ୍ୟକ ସାମଗ୍ରୀ ବର୍ଗରେ ତାଲିକାଭୁକ୍ତ କଲେ ବେଆଇନ ମହଜୁଦ, କୃତ୍ରିମ ଅଭାବ ଏବଂ କଳାବଜାରୀ ଆଇନତଃ ଦଣ୍ଡନୀୟ ହୋଇପାରିବ ଏବଂ ଚାଷୀଙ୍କ ସାର କଷଣ କେତେକାଂଶରେ ଦୂର ହୋଇପାରିବ ।

# ଡାହାଣୀ ହତ୍ୟା: ଏକ ସାମାଜିକ ମହାମାରୀ!

ଡକ୍ଟର ଅବଶ ପରିଡ଼ା

ଆମ ଦେଶରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା ଏକ ସାମାଜିକ ସମସ୍ୟା । ପ୍ରାୟ ତିନିଶହ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଆଜିର କୃତ୍ରିମ ବୁଦ୍ଧିମତ୍ତା ଓ ଅନ୍ତରୀକ୍ଷ ବିଜ୍ଞାନ ଯୁଗରେ ମଧ୍ୟ ଲାଗି ରହିଛି । ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ପରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ହତ୍ୟା ଘଟଣାରେ ଓଡ଼ିଶାର ସ୍ଥାନ ଜାତୀୟସ୍ତରରେ ଦ୍ୱିତୀୟ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରଦତ୍ତ ତଥ୍ୟରେ ଉଲ୍ଲେଖ ଅଛି ଯେ ଗତ ଦଶନ୍ଧିରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ନିର୍ଯାତିତ ଏବଂ ପ୍ରଭାବିତ ସଂଖ୍ୟା ତିନି ହଜାରରୁ ଅଧିକ । ସେଥିମଧ୍ୟରୁ ସତୁରିରୁ ଅଧିକ ଜଣଙ୍କୁ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ନିର୍ମମ ହତ୍ୟା କରାଯାଇଥିଲା । କିନ୍ତୁ ପରିସଂଖ୍ୟାନ ସରକାରଙ୍କ ପ୍ରଦତ୍ତ ତଥ୍ୟ ଠାରୁ ଢେର୍ ଅଧିକ ବୋଲି କିଛି ନାଗରିକ ସମାଜ ଦାବି କରନ୍ତି । ସେହିପରି କିଛି ହେତୁବାଦୀ ସଂଗଠନ ଦୃଢ଼ୋକ୍ତି କରନ୍ତି ଯେ ପ୍ରତିବର୍ଷ ଓଡ଼ିଶାରେ ୭୫ରୁ ଅଧିକ ଲୋକଙ୍କୁ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା କରାଯାଉଛି ।

ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ଗଜପତି ଓ ନୂଆପଡ଼ା ଜିଲ୍ଲାରେ ହେଉଥିବା ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ହତ୍ୟା ମାମଲା ସମଗ୍ର ଓଡ଼ିଶାରେ ହେଉଥିବା ଘଟଣାର ଶତକଡ଼ା ୮୩ ଭାଗ । ଏବେ କିଛି ବର୍ଷ ହେଲାଣି ଗଞ୍ଜାମ ଓ ବାଲେଶ୍ୱର ପରି ଦୁଇଟି ଉପକୂଳବର୍ତ୍ତୀ ଜିଲ୍ଲାରେ ମଧ୍ୟ ଏହି ଭଳି ହତ୍ୟାକାଣ୍ଡ ନିୟମିତ ବ୍ୟବଧାନରେ ଦେଖିବାକୁ ମିଳୁଛି । ଗୁଣିଗାରେଡ଼ିକୁ ନେଇ ଘଟୁଥିବା ସମସ୍ତ ହିଂସକ ଘଟଣାରେ ତିରିଶ ପ୍ରତିଶତ ହତ୍ୟାର ଶିକାର ହୁଅନ୍ତି ଏବଂ ବାକି ସତୁରି ଭାଗ ଲୋକ ନିଜ ବାସସ୍ଥାନ ବା ନିଜ ଗାଁ ଛାଡ଼ି ଦେଉଛନ୍ତି ବୋଲି ଓଡ଼ିଶା ମହିଳା ଆୟୋଗର ଏକ ରିପୋର୍ଟରେ ଉଲ୍ଲେଖ ଅଛି ।

ସମାଜବିଜ୍ଞାନର ଏକ ଅଧ୍ୟୟନ କୁହେ ଯେ ଡାଇନି, ଡାହାଣୀ ବା ଡାୟନ ଏକ ପୁରୁଣା ଲିଙ୍ଗ - ନିରପେକ୍ଷ ଶବ୍ଦ । ଯାହା କେବଳ ମହିଳା ନୁହେଁ ବରଂ ପୁରୁଷମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ଏବେ ମଧ୍ୟ ଭାରତର ଅନେକ ସ୍ଥାନରେ ପୁରୁଷଙ୍କୁ ଡାହାଣୀ ରୂପେ ପରିଚୟ ଦିଆଯାଏ ଓ ହତ୍ୟା ମଧ୍ୟ କରାଯାଏ । ଭାରତର ପୁରୁଷ ଡାହାଣୀମାନେ 'ଡୋହାନା' ନାମରେ ବେଶ୍ ପରିଚିତ । ଗୁଣିଗାରେଡ଼ି କିମ୍ବା ଡାହାଣୀର ନାମକରଣ, ଚୟନ ଓ ଦଣ୍ଡ ପ୍ରକ୍ରିୟା ତିନୋଟି ସୋପାନ ଦେଇ ଗତିକରେ । ପ୍ରଥମ, ନାମକରଣ ପ୍ରକ୍ରିୟାରେ ଗପସପ ମାଧ୍ୟମରେ କଳାଯାଦୁ କିମ୍ବା ଡାହାଣୀ ବିଦ୍ୟା ହେଉଥିବାର ଚର୍ଚ୍ଚା ଆରମ୍ଭ ହୁଏ । ସମ୍ପୃକ୍ତ ପୁରୁଷ କିମ୍ବା ମହିଳା ହେଉଛନ୍ତି ଭୟଙ୍କର, ବିନାଶକାରୀ ଓ ନକାରାତ୍ମକ ଶକ୍ତି ଏବଂ ସେମାନେ ଶିଶୁ ମୃତ୍ୟୁ, ହଇଜା, ମହାମାରୀ, କୂଅ ଓ ପୋଖରୀ ଶୁଖିଯିବା, ମରୁଡ଼ି କିମ୍ବା ଅପମୃତ୍ୟୁ ପାଇଁ ସିଧାସଳଖ ଦାୟୀ ବୋଲି ଧରି ନିଆଯାଏ । ଅନେକଯାଗାରେ ଦେଖା ଯାଇଛି ଯେ ପଡ଼ୋଶୀ(ଗାଁରେ ପଡ଼ୋଶୀ ସାଧାରଣତଃ କୁଟୁମ୍ବ), ଗାଁ ପୂଜକ ବା ଗୁଣିଆ, ଉଚ୍ଚ ଜାତି ଓ ସମ୍ପର୍କୀୟମାନେ ଏହି ନାମକରଣ କରନ୍ତି । ଏପରି କିଛି ଉଦାହରଣ ଅଛି ଯେଉଁଠି ସ୍ୱାଧୀନ, ସଶକ୍ତ ମହିଳା ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଲଢୁଥିବା ସମାଜସେବୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ ଡାହାଣୀ ନାମକରଣ କରଯାଇଛି ।

ଦ୍ୱିତୀୟ ପ୍ରକ୍ରିୟାଟି ହେଉଛି ଡାହାଣୀ ବା କଳା ଯାଦୁକରକୁ ଚୟନ କରିବା । ପ୍ରାୟତଃ ଏହି ଚୟନର ଦାୟିତ୍ୱ ଓ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି ଗାଁ ପୂଜକ ଯେଉଁମାନେ ଗୁଣିଆ କିମ୍ବା ଭୋପା କିମ୍ବା ଓଝା ନାଁ ରେ ପରିଚିତ । ଭାରତରେ ଅନ୍ଧବିଶ୍ୱାସରେ ଭରପୂର ଅସଂଖ୍ୟ ଚିହ୍ନଟ ପ୍ରକ୍ରିୟା ଅଛି । ଏଠାରେ କିଛି ଲୋକପ୍ରିୟ ଡାହାଣୀ ଚୟନ ପ୍ରକ୍ରିୟା କଥା ଆଲୋଚନା କରିବା । ଓଡ଼ିଶା ଓ ଛତିଶଗଡ଼ର କିଛି ଆଦିବାସୀ ଅଞ୍ଚଳରେ ସନ୍ଦିଗ୍ଧ ଡାହାଣୀଙ୍କ ନାଁରେ ଓଝା ଏକ ପାଣିପାତ୍ରରେ ମସୁର ଡାଲିକୁ ପକାଏ । ଯଦି ଡାଲି ପାଣିରେ ବୁଡ଼ିଯାଏ ତେବେ ସମ୍ପୃକ୍ତ ବ୍ୟକ୍ତିକୁ ଡାହାଣୀ ଭାବେ ଚୟନ କରାଯାଏ । ସେହିପରି ଅନ୍ୟ କିଛି ଗୋଷ୍ଠୀରେ ଓଝାମାନେ କିଛି ଗଛର ପତ୍ରରେ ସନ୍ଦିଗ୍ଧ ନାମଗୁଡ଼ିକ ଲେଖନ୍ତି, ଯାହା ନାଁ ପତ୍ରରୁ ଲିଭିଯାଏ, ସେ ବ୍ୟକ୍ତିଙ୍କୁ ଡାହାଣୀ ଭାବେ ଚିହ୍ନଟ କରାଯାଏ ।

ତୃତୀୟ ବା ଶେଷ ପ୍ରକ୍ରିୟା ହେଉଛି ଦଣ୍ଡବିଧାନ । ଗୁଣିଗାରେଡ଼ି ସନ୍ଦେହ ଅଭିଯୁକ୍ତଙ୍କ ପାଇଁ ଚରମ ଦଣ୍ଡ ହେଉଛି ମୃତ୍ୟୁ । ଏହାର ମଧ୍ୟ ପ୍ରକାରଭେଦ ଅଛି । ଯେପରିକି ଅଭିଯୁକ୍ତକୁ ପଥରରେ ଛେଚି କରି ହତ୍ୟା କରିବା, ନିଆଁରେ ଫିଙ୍ଗିଦେବା କିମ୍ବା ଉପର ତଳକୁ ଝୁଲାଇ ମୃତ୍ୟୁ ଦଣ୍ଡ ଦେବା ଇତ୍ୟାଦି । ଏପରି ଅନେକ ଉଦାହରଣ ଅଛି, ଯେଉଁଠି ପୀଡ଼ିତଙ୍କ ବ୍ୟତୀତ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ନିର୍ଯାତନା ଦିଆଯାଏ କିମ୍ବା ହତ୍ୟା କରାଯାଏ । ଦଣ୍ଡ ଦେବା ସମୟରେ ମହିଳାମାନଙ୍କୁ ବଳାତ୍କାର ଓ ନିର୍ଯାତନା ମଧ୍ୟ ଦିଆଯାଉଥିବାର ବହୁଳ ଅଭିଯୋଗମାନ ପ୍ରମାଣିତ ହୋଇଛି । ଡାହାଣୀ ସନ୍ଦେହରେ ବିଚାର ପ୍ରକ୍ରିୟାକୁ ନେଇ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି ଯେ ଗୁଣିଗାରେଡ଼ି ବା ଡାହାଣୀ ବିଚାରରେ ଶତକଡ଼ା ୭୩ ଭାଗ ଅଭିଯୁକ୍ତଙ୍କୁ ହତ୍ୟା କରାଯାଉଛି, ୮% ଅଭିଯୁକ୍ତଙ୍କୁ ଗାଁରୁ ବାହାର କରି ଦିଆଯାଉଛି ଏବଂ ୧୯ % ଲୋକ ଆକ୍ରମଣ କିମ୍ବା ହିଂସାର ଶିକାର ହେଉଛନ୍ତି ।

ଗୁଣିଗାରେଡ଼ି, କଳା ଯାଦୁ ଓ ଡାହାଣୀ ପ୍ରସଙ୍ଗର ଅନେକ ସାମାଜିକ ଦିଗ ଅଛି । ଯେପରିକି ଦାରିଦ୍ର୍ୟ, ସମ୍ପତ୍ତି ଲୋଭ, ଅର୍ଥ, ଜମି, ଜାତି, ଲିଙ୍ଗ ଓ ପ୍ରାଧାନ୍ୟକୁ ନେଇ ଏହା ଏକ ଅଘୋଷିତ ଯୁଦ୍ଧ । ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ଓ ଲିଙ୍ଗଭିତ୍ତିକ ହିଂସାର ଏକ ସାମାଜିକ ଅନୁମୋଦିତ ପ୍ରକ୍ରିୟା । ସମାଜର ଅବହେଳିତ ଗୋଷ୍ଠୀଙ୍କ ଉପରେ ଗୁଣିଗାରେଡ଼ି ସନ୍ଦେହ ହେଉଛି ଏକ ପ୍ରକାର ଅତ୍ୟାଚାର ଓ ପ୍ରାଧାନ୍ୟର ପ୍ରତୀକ । ଅନେକ ସମୟରେ ଏହା ଗୋଷ୍ଠୀ ହିଂସା ଓ ଭିଡ଼ ହତ୍ୟାର ଏକ ଯୋଜନାବଦ୍ଧ ଦିଗ ମଧ୍ୟ ପାଲଟୁଛି । ଅନୁଧ୍ୟାନରୁ ଜଣାପଡ଼େ ଯେ, ଗୁଣିଗାରେଡ଼ି ହତ୍ୟା ଦୁଇଟି ଉପାୟରେ ଘଟିଥାଏ । ପ୍ରଥମଟି ହେଉଛି ମନୁଷ୍ୟ ବଳି, ଯେଉଁଠି କୌଣସି ଅଲୌକିକ ଶକ୍ତି ବା ଆତ୍ମାଙ୍କୁ ସନ୍ତୁଷ୍ଟ କରିବା ନାମରେ ମଣିଷକୁ ହତ୍ୟା କରାଯାଏ, ଯାହା ଗୁଣିଗାରେଡ଼ି ଦ୍ୱାରା ପ୍ରବର୍ତ୍ତିତ । ଏହି ହତ୍ୟାର ଉଭୟ ବ୍ୟକ୍ତିଗତ ଓ ସମ୍ପ୍ରଦାୟର ସ୍ୱାର୍ଥ ଲୁଚି ଥାଏ ।

କିଛିବର୍ଷ ତଳେ ବଲାଙ୍ଗୀରରେ ଏକ ଶିଶୁ ବଳି ଘଟଣା ପୂରା ଓଡ଼ିଶାକୁ ସ୍ତବ୍ଧ କରିଥିଲା । ଗୁଣିଆ କଥାରେ ପ୍ରଲୋଭିତ ହୋଇ ଏକ ଶିଶୁପୁତ୍ରକୁ ତା'ର ନିଜ ଦାଦା ଓ ଭାଇ ବଳି ଦେଇଥିଲେ । କଳା ଯାଦୁ, ବଶୀକରଣ ଏବଂ ଦେବାଦେବୀଙ୍କୁ ସନ୍ତୁଷ୍ଟ ପାଇଁ ଶିଶୁ ବଳି ଓ ନାବାଳିକା ବଳି ଭଳି ଅଘଟଣ ଆମ ସଭ୍ୟ ସମାଜରେ ଏବେ ବି ଘଟୁଛି । ଏଠି ଜାଣି ରଖିବାକୁ ହେବ ଯେ ମନୁଷ୍ୟ ବଳି ପ୍ରଥାକୁ ସାମାଜିକ ସ୍ୱୀକୃତି ମଧ୍ୟ ମିଳିଥିଲା । ଏହି ପ୍ରଥାର ନାଁ ଥିଲା 'ମେରିଆ ବଳି' । ଏହା ପ୍ରାଚୀନ ସମୟର ବଳି ପ୍ରଥା, ଯେଉଁଠି ବଳି ଦେବା ପାଇଁ ବଜାରରେ ମଣିଷ ବିକ୍ରି ହେଉଥିଲେ । ଅବଶ୍ୟ ଏ ପ୍ରଥାଟି ଏବେ ଆଉ ନାହିଁ ।

ଦ୍ୱିତୀୟଟି ହେଉଛି, ବ୍ୟାପକ ରୂପେ ଦେଖାଯାଉଥିବା ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା । ଏ ହତ୍ୟାର କାରଣ କେବଳ ଅନ୍ଧବିଶ୍ୱାସ ନୁହେଁ, ବରଂ ଅନେକ କ୍ଷେତ୍ରରେ ବ୍ୟକ୍ତିଗତ, ସାମାଜିକ ଓ ଅର୍ଥନୈତିକ କାରଣ ମଧ୍ୟ ରହିଥାଏ । ଏହାର ଶିକାର ବିଶେଷତଃ ମହିଳାମାନେ ହିଁ ହୋଇଥା'ନ୍ତି । ଏହା ଏକ ସଂଗଠିତ ଲିଙ୍ଗଭିତ୍ତିକ ହିଂସା । ବିହାର, ଓଡ଼ିଶା ଓ ଛତିଶଗଡ଼ରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ମୃତ୍ୟୁ ଉପରେ ଆଧାରିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ସମୁଦାୟ ଡାହାଣୀ ହତ୍ୟା ଓ ଗୁଣିଗାରେଡ଼ି ନିର୍ଯାତିତଙ୍କ ମଧ୍ୟରେ ମହିଳାମାନଙ୍କ ସଂଖ୍ୟା ନବେ ପ୍ରତିଶତ । ଏ ସମସ୍ତ ମହିଳା ପ୍ରାୟତଃ ଦରିଦ୍ର, ବିଧବା, ନିଃସହାୟ, ଦଳିତ କିମ୍ବା ଗ୍ରାମୀଣ ଆଦିବାସୀ ଶ୍ରେଣୀର । ସବୁଠାରୁ ମୁଖ୍ୟ କଥା ହେଲା ମୁଖ୍ୟତଃ ୫୦ ରୁ ୬୫ ବର୍ଷ ବୟସର ମହିଳାମାନେ ଅଭିଯୁକ୍ତ ହେବାର ସର୍ବାଧିକ ଆଶଙ୍କା ଥାଏ । ଏକ ଜାତୀୟ ସଂସ୍ଥା ଦ୍ୱାରା କରାଯାଇଥିବା ପରିସଂଖ୍ୟାନର ଏକ ତଥ୍ୟରୁ ଜଣାପଡ଼େ ଯେ ଆମ ଦେଶରେ ୨୦୧୦ ମସିହାରୁ ୨୦୨୧ ମସିହା ମଧ୍ୟରେ ପ୍ରାୟ ୧୫୦୦ ବୃଦ୍ଧା ମହିଳାଙ୍କୁ ଡାହାଣୀ ସନ୍ଦେହରେ ହତ୍ୟା କରାଯାଇଛି । ଗୁଣିଗାରେଡ଼ି ସନ୍ଦେହ ହତ୍ୟାର ମଧ୍ୟ ବିବର୍ତ୍ତନ ହେଉଛି । ଏ କିଛି ଦଶନ୍ଧି ହେଲା, ଏହା ମବଲିଂଚିଂ ବା ଭିଡ଼ହତ୍ୟା ସହ ଯୋଡ଼ି ହୋଇଯାଇଛି । ଯେଉଁଠି ଭିଡ଼ ବା ଏକ ଗୋଷ୍ଠୀ ନ୍ୟାୟ ଦେବା ନାମରେ ହତ୍ୟା କରୁଛି ।

ଡାହାଣୀ ହତ୍ୟାକୁ ନେଇ ବଳିଷ୍ଠ ନିୟମ କାନୁନ ଥିବା ସତ୍ତ୍ୱେ ଏହା ଏକ ସାମାଜିକ ସଂକ୍ରମିତ ବ୍ୟାଧି ହୋଇଗଲାଣି । ଓଡ଼ିଶା ସରକାରଙ୍କ ଡାହାଣୀ ହତ୍ୟା ପ୍ରତିରୋଧ ବିଲ୍ ୨୦୧୩ର ପ୍ରୟୋଗ ଅନେକ ମାତ୍ରାରେ ଏ ସାମାଜିକ ବ୍ୟାଧିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରିଛି । କିନ୍ତୁ ଏ ନିୟମରେ କିଛି ସଂଶୋଧନର ଆବଶ୍ୟକତା ଅଛି । ଯେପରିକି, ଅପରାଧୀ ଓ ହତ୍ୟାକାରୀ ଅପେକ୍ଷା ଡାହାଣୀ ହତ୍ୟାର ପ୍ରରୋଚକଙ୍କ ପାଇଁ କଠୋର ଦଣ୍ଡବିଧାନର ଆବଶ୍ୟକତା ଅଛି । ବ୍ୟାପକ ଶିକ୍ଷା, ଆଇନର ଉପଯୋଗିତା, ସମୂହ ଯୋଗଦାନ, ରାଜନୈତିକ ଇଚ୍ଛାଶକ୍ତି ଓ ମହିଳା ସଶକ୍ତୀକରଣ ଇତ୍ୟାଦି ଡାହାଣୀ ହତ୍ୟା ଭଳି ସାମାଜିକ ସମସ୍ୟାକୁ ଓଡ଼ିଶାରେ ରୋକିପାରିବ ବୋଲି ଆଶା । କିନ୍ତୁ ଏହା ମଧ୍ୟରେ ଆଶଙ୍କା ଉପୁଜୁଛି ଯେ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଏକ ରହସ୍ୟମୟ ସାମାଜିକ ମହାମାରୀର ରୂପ ନେଉନାହିଁ ତ ?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବରିଷ୍ଠ ବନାମ ବଳିଷ୍ଠ ନାଗରିକ

ଅନନ୍ତ ଚରଣ ସ୍ୱାଇଁ

ସେପରି କିଛି ଅପ୍ରୀତିକର ସ୍ଥିତି ନ ଆସିଲେ ଜୀବନରେ ବରିଷ୍ଠ ନାଗରିକ ହେବା ନିଶ୍ଚିତ । ବରିଷ୍ଠ ନାଗରିକମାନେ ନିଜର ସ୍ୱାସ୍ଥ୍ୟ, ବିତ୍ତ ଓ ଚିତ୍ତଜନିତ ସମସ୍ୟା ଭିତରେ ଘାଣ୍ଟି ହୁଅନ୍ତି । ଜେଜେ ବାପାଙ୍କଠାରୁ ଶୁଣିଥିଲି, ମନୁଷ୍ୟ, ବଳଦ, କୁକୁର ଓ ପେଚା ପରି ଚାରୋଟି ଜୀବ ଈଶ୍ୱର ସୃଷ୍ଟି କରି ପ୍ରତ୍ୟେକଙ୍କୁ ଚାଳିଶ ବର୍ଷ ଲେଖାଏଁ ଆୟୁଷ ଦେଲେ । ମଣିଷ ଏତିକି ଆୟୁଷରେ ସନ୍ତୁଷ୍ଟ ନଥିଲା । ସେ ଈଶ୍ୱରଙ୍କୁ ଗୁହାରୀ କରି ବଳଦ, କୁକୁର ଓ ପେଚାଠାରୁ କୋଡ଼ିଏ ବର୍ଷ ଲେଖାଏଁ ଆୟୁଷ ମାଗି ନେଲା । ଏହାପରେ ମନୁଷ୍ୟର ଆୟୁ ହେଲା ଶହେବର୍ଷ । ପ୍ରଥମ ଚାଳିଶ ବର୍ଷ ନିଜ ଆୟୁ ହୋଇଥିବାରୁ ଜୀବନ ଭଲ ଭଲରେ କଟେ । ପରବର୍ତ୍ତୀ କୋଡ଼ିଏ ବର୍ଷ ବଳଦଠାରୁ ଆସିଥିବାରୁ ତା' ପରି କଷ୍ଟ ସହେ । ଷାଠିଏରୁ ଅଶୀ ବର୍ଷ କୁକୁରଠାରୁ ଆସିଥିବା ଆୟୁରେ ବଞ୍ଚୁଥିବାରୁ ଜଗୁଆଳିର କାମ କରେ ଏବଂ ଅଶୀରୁ ଶହେ ବର୍ଷ ପେଚାଠାରୁ ଧାର ନେଇଥିବାରୁ ତା' ପରି କବେଳ ନୀରବଦ୍ରଷ୍ଟା ସାଜେ ।

ଜନ୍ମ-ମୃତ୍ୟୁ ମଧ୍ୟରେ ମନୁଷ୍ୟ ଶିଶୁ, କିଶୋର, ଯୌବନ ଓ ବାର୍ଦ୍ଧକ୍ୟ ଅବସ୍ଥା ଦେଇ ଗତି କରେ । ଭିନ୍ନ ଭିନ୍ନ ସମୟର ସମସ୍ୟା ଭିନ୍ନ । ଆଜିର ଶିଶୁ ଆସନ୍ତା କାଲିର ବରିଷ୍ଠ ନାଗରିକ । ଏମାନେ ସମାଜର ଏକ ଅଭିନ୍ନ ଅଂଶ । ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । । ଏକ ଆକଳନ ଅନୁସାରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୨୦୨୨ ମସିହାରେ ସମୁଦାୟ ଜନସଂଖ୍ୟାର ୧୦.୫ ପ୍ରତିଶତ ଥିଲା । ୨୦୫୦ ମସିହା ବେଳକୁ ଏହା ବୃଦ୍ଧି ପାଇ ୨୦.୮ ପ୍ରତିଶତରେ ପହଞ୍ଚିବ ଏବଂ ଶତାବ୍ଦୀ ଶେଷ ବେଳକୁ ମୋଟ ଜନସଂଖ୍ୟାର ୩୬ ପ୍ରତିଶତକୁ ଟପିଯିବ । ଜାତିସଂଘର ଏକ ତଥ୍ୟ ଅନୁଯାୟୀ, ୨୦୪୬ ସୁଦ୍ଧା ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଶିଶୁଙ୍କ (୦ ରୁ ୧୫ ବର୍ଷ) ସଂଖ୍ୟାକୁ ଅତିକ୍ରମ କରିଯିବ । ୨୦୨୨ ରୁ ୨୦୫୦ ମଧ୍ୟରେ ୮୦ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ପ୍ରାୟ ୨୭୯% ବୃଦ୍ଧି ପାଇବ । ଏମାନଙ୍କ ମଧ୍ୟରେ ବିଧବା ଓ ଅତ୍ୟଧିକ ନିର୍ଭରଶୀଳ ବୃଦ୍ଧ ମହିଳାଙ୍କ ସଂଖ୍ୟା ଅଧିକ ରହିବ ।

ସମାଜରେ ବରିଷ୍ଠ ନାଗରିକମାନେ ଅବହେଳିତ । ପାରିବାରିକ ସମସ୍ୟା, ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଓ ଏକାକୀତ୍ୱ ବା ଏକଲାପଣିଆ ସେମାନଙ୍କ ମନୋବଳ ଭାଙ୍ଗିଦିଏ । ବରିଷ୍ଠ ନାଗରିକଙ୍କ ପ୍ରତି ସହାନୁଭୂତି ବଦଳରେ ସେମାନେ ବୃଦ୍ଧାବସ୍ଥାରେ ପ୍ରତାରିତ ହେବା ସହ ବିଭିନ୍ନ ପ୍ରକାରର ଉତ୍ପୀଡ଼ନର ଶିକାର ହେବା ଦୃଷ୍ଟାନ୍ତ ଅନେକ । ବୟସ ବଢ଼ିବା ସହ ସ୍ୱାସ୍ଥ୍ୟଗତ ସମାସ୍ୟା ବୃଦ୍ଧି ପାଏ । ତେଣୁ ପରିଣତ ବୟସରେ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଆବଶ୍ୟକ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ହସ ଖୁସିରେ ଜୀବନ କାଟିବା ଦରକାର । ମନ ଉପରେ ନିୟନ୍ତ୍ରଣ ଜୀବନ ପାଇଁ ସୁଖଦାୟକ । ମନକୁ ସ୍ଥିର ଓ ନିଜ ନିୟନ୍ତ୍ରଣରେ ରଖିବାକୁ ଯୋଗ, ଧ୍ୟାନ, ପ୍ରାଣାୟମ ଅଭ୍ୟାସ ଜରୁରୀ । ମନକୁ ନିଜ ଆୟତ୍ତରେ ରଖିବାକୁ ଚେଷ୍ଟା କରିବା ଦରକାର । କାରଣ ମନର ଅଧୀନକୁ ଚାଲିଗଲେ ନିଜର ବୋଲି କିଛି ନଥାଏ । ଏହାଦ୍ୱାରା ଅନେକପ୍ରକାର ସମସ୍ୟା ଦେଖାଦିଏ ।

ତନ ଓ ମନ ବ୍ୟତୀତ ଧନ ପ୍ରତ୍ୟେକ ବ୍ୟକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିତ୍ତୀୟ ସ୍ୱାଧୀନତା ବା ବିତ୍ତୀୟ ସମ୍ପନ୍ନତା ବ୍ୟକ୍ତିକୁ ବଳିଷ୍ଠ କରିବାରେ ସହାୟକ ହୋଇଥାଏ । ପାଖରେ ଧନ ଥିଲେ ଅନ୍ତତଃ ବୃଦ୍ଧାବସ୍ଥାର ଅବହେଳିତ ହେବାର ଆଶଙ୍କା ହ୍ରାସ ପାଏ । ଆର୍ଥିକ ଅଭାବ ରହିଲେ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ବୃଦ୍ଧାବସ୍ଥାରେ ଯେପରି ଆର୍ଥିକ ଅଭାବ ନ ରହିବ ସେଥିପାଇଁ ବହୁପୂର୍ବରୁ ପ୍ରସ୍ତୁତି ଦରକାର । ରୋଜଗାରକ୍ଷମ ହେବା ସଙ୍ଗେ ସଙ୍ଗେ ସଞ୍ଚୟ ଓ ନିବେଶ ଆରମ୍ଭ କରିବା । ନିଜ ପାଇଁ ବଞ୍ଚିବା । ଅନ୍ୟର ପସନ୍ଦ ଅନୁସାରେ ପିନ୍ଧିବା, ଖାଇବା, ଚଳିବା ଦ୍ୱାରା ଅଯଥାରେ ଅନେକ ଖର୍ଚ୍ଚ ହୋଇଯାଏ । ଆର୍ଥିକ ସଙ୍କଟ ଦେଖାଯାଏ । ବଜେଟ ପ୍ରସ୍ତୁତି କରି ତଦନୁଯାୟୀ ଚାଲିଲେ ଖର୍ଚ୍ଚ ନିୟନ୍ତ୍ରଣ ହେବା ସହ ଆର୍ଥିକ ସମୃଦ୍ଧି ଆସିଥାଏ ।

ଆକସ୍ମିକ କ୍ରୟ ବା ପ୍ରେରଣା କ୍ରୟ(ଇମ୍ପଲ୍ସ ବାଇଂ) ରୁ ଦୂରେଇ ରହିବା ଆବଶ୍ୟକ । ଆକସ୍ମିକ କ୍ରୟ ହେଉଛି ପୂର୍ବଯୋଜନା ନଥିବା କିମ୍ବା ଆବଶ୍ୟକ ନଥିବା ଜିନିଷ ହଠାତ କିଣିବା । ବଞ୍ଚିଥିବା ବେଳେ କିମ୍ବା ମୃତ୍ୟୁ ପରେ ସମ୍ପତ୍ତି ପାଇବା ପାଇଁ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଯେପରି ଅସନ୍ତୋଷ ଓ କଳହ ନହୁଏ ସେଥିପାଇଁ ଇଷ୍ଟେଟ ପ୍ଲାନିଂର ଆବଶ୍ୟକ । ଏହାଦ୍ୱାରା ବରିଷ୍ଠ ନାଗରିକଙ୍କ ନିଜର ମାନସିକ ଶାନ୍ତି ବୃଦ୍ଧି ପାଇବ । ଜୀବିତାବସ୍ଥାରେ ସ୍ୱଅର୍ଜିତ ସମ୍ପତ୍ତିର ସୁରକ୍ଷା, ସୁପରିଚାଳନା ଓ ମୃତ୍ୟୁ ପରେ ସେସବୁର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନର ସୁବ୍ୟବସ୍ଥା କରିବା ହେଉଛି ଇଷ୍ଟେଟ ପ୍ଲାନଂର ଉଦ୍ଦେଶ୍ୟ । ବରିଷ୍ଠ ନାଗରିକମାନେ ନିଜ ଅର୍ଜିତ ଧନସମ୍ପତ୍ତି ଭୋଗ କରିବା ଅଧିକାରରୁ ବଞ୍ଚିତ ନହେବା, ଜୀବନକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଇଷ୍ଟେଟ ପ୍ଲାନିଂହେଉଛି ଏକ ସୁରକ୍ଷିତ ଆୟୁଧ ।

ବରିଷ୍ଠ ନାଗରିକମାନଙ୍କର ଅନେକ ସମସ୍ୟା । ବରିଷ୍ଠ ହେବା ସହ ନିଜକୁ ବଳିଷ୍ଠ କରିପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ । ତେଣୁ ବରିଷ୍ଠ ନାଗରିକଙ୍କ ପାଖରେ ବଳିଷ୍ଠ ହେବାର ସମସ୍ତ ଉପାଦାନ ଥିଲେ ସୁଖ ଶାନ୍ତିରେ ଜୀବନ ବିତିଥାଏ । ଜୀବନକୁ ସରସ ସୁନ୍ଦର କରିବାକୁ ବରିଷ୍ଠ ନାଗରିକମାନେ ନିଜକୁ ବଳିଷ୍ଠ କରିବାର ଆବଶ୍ୟକ ରହିଛି ।

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ଶ୍ରୀମନ୍ଦିର ବେଢ଼ାରେ ଜ୍ୱର ଦେବତା

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଶ୍ରୀମନ୍ଦିର ଦେବଗ୍ରାମରେ କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କ ସହ ଅନେକ ଦେବାଦେବୀ ଆରାଧିତ ହେଉଛନ୍ତି । ସେମାନେ ସମସ୍ତେ ମହାପ୍ରଭୁଙ୍କର କିଛି ନା କିଛି ନିଜ କାନ୍ଧରେ ବହନ କରିଛନ୍ତି । ପ୍ରଭୁ ଲୋକନାଥ ଶ୍ରୀମନ୍ଦିରର ଭଣ୍ଡାରରକ୍ଷକ ଓ ଯମେଶ୍ୱର ମହାଦେବ ସାଆନ୍ତଙ୍କ ହିସାବ ରଖନ୍ତି ବା ମୁନସୀର କାମ କରନ୍ତି । ଈଶାନେଶ୍ୱର ମହାଦେବ ମହାପ୍ରଭୁଙ୍କର ଗୁରୁ ଗୋସେଇଁ । ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡି ଓ ଅଷ୍ଟମହାବୀର କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରୁଛନ୍ତି । ରୋଷ ଗଣେଶ ରୋଷଘରର ଭଣ୍ଡାର ଜଗୁଛନ୍ତି । ଦକ୍ଷିଣ କାଳୀକା ରୋଷଘରର ତତ୍ତ୍ୱାବଧାରିକା । କୁତାମ ଚଣ୍ଡୀ ବା ଶ୍ୱାନ ଭୈରବୀ ଶ୍ରୀକ୍ଷେତ୍ର ପରିସରକୁ କୁକୁରମାନଙ୍କ ଉପଦ୍ରବରୁ ରକ୍ଷା କରୁଛନ୍ତି । ସେହିକ୍ରମରେ ବଡ଼ଦେଉଳ ବେଢ଼ାରେ ଜଣେ ବିଚିତ୍ର ଦେବତା ବିରାଜମାନ କରିଛନ୍ତି । ମହାପ୍ରଭୁଙ୍କ ଭକ୍ତମାନେ ଜ୍ୱର ରୋଗରେ ପୀଡ଼ିତ ହେଲେ ସେ ଦେବତା ତା'ର ଉପଶମ କରନ୍ତି । ତେଣୁ ତାଙ୍କର ନାମ 'ଜ୍ୱର ଦେବତା' ରଖାଯାଇଛି ।

ମହାଲକ୍ଷ୍ମୀଙ୍କ ମନ୍ଦିର ସାମନାରେ ବେଢ଼ାର ଦ୍ୱିତୀୟ ବୃହତ୍ତମ ମନ୍ଦିରରେ ସୂର୍ଯ୍ୟନାରାୟଣ ଦେବ ଆରାଧିତ ହେଉଛନ୍ତି । ସେହି ମନ୍ଦିରର ଜଗମୋହନର ଏକ ଠଣାରେ 'ଜ୍ୱର ଦେବତା' ବିଜେ କରିଛନ୍ତି । ତିନି ପାଦ ଓ ତିନି ମୁଣ୍ଡ ବିଶିଷ୍ଟ ଏହି ବିଚିତ୍ର ଦିଅଁଙ୍କ ବିଗ୍ରହର ଛଅ ଗୋଟି ହାତ ଅଛନ୍ତି । କ୍ଷୀରରେ କଦଳୀ ଚକଟା ହୋଇଥିବା ପଣା ତାଙ୍କର ପ୍ରିୟ ପ୍ରସାଦ । ଜ୍ୱରରେ ପୀଡ଼ିତମାନେ ଏହି ପଣା ଭୋଗ ସହ 'ଜ୍ୱର ଦେବତା'ଙ୍କୁ ଆରାଧନା କରନ୍ତି । ପୂଜକ ରୋଗୀର ନାମ ଓ ଗୋତ୍ର ଉଚ୍ଚାରଣ କରି ପଣା ପ୍ରସାଦ ଦିଅଁଙ୍କୁ ସମର୍ପଣ କଲା ପରେ ପ୍ରସାଦକୁ ମେଘନାଦ ପାଚେରୀ ବାହାରେ ଫିଙ୍ଗି ଦିଆଯାଏ । ଆରାଧନା ପରେ ଦୁରାରୋଗ୍ୟ ଜ୍ୱର ମଧ୍ୟ ଭଲ ହୋଇଯାଏ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅତ୍ୟନ୍ତ ଭଲ ପାଉଥିବା ଅନେକ ଭକ୍ତ କୋଟିବ୍ରହ୍ମାଣ୍ଡର ମାଲିକ ମହାପ୍ରଭୁଙ୍କର ଜ୍ୱରର ଉପଶମ ପାଇଁ ତାଙ୍କର ଅଧସ୍ତନ 'ଜ୍ୱର ଦେବତା'ଙ୍କୁ ପଣା ଭୋଗ ଦେଇ ପୂଜା କରନ୍ତି । ସ୍ନାନପୂର୍ଣ୍ଣିମା ଦିନ ଅଣ୍ଡାପାଣିରେ ପ୍ରତ୍ୟକ୍ଷ ସ୍ନାନ କଲା ପରେ ଜଗନ୍ନାଥ ଜ୍ୱରରେ ପୀଡ଼ିତ ହୋଇ ଅନବସରରେ ରହନ୍ତି । ବୈଦ୍ୟଙ୍କ ପରାମର୍ଶ କ୍ରମେ ପଥିପାଚନ ଖାଆନ୍ତି । ତାଙ୍କର ଏ ଅବସ୍ଥା କଥା ଶୁଣି ଭକ୍ତମାନେ ଦୁଃଖ କରନ୍ତି । କେତେକ ଭକ୍ତ ମହାପ୍ରଭୁଙ୍କର ଆରୋଗ୍ୟ କାମନା କରି ଜ୍ୱର ଦେବତାଙ୍କ ପାଖରେ କାତ୍ୟାୟନ ଗୋତ୍ରୀ ଜଗନ୍ନାଥଙ୍କ ନାମ ନେଇ ପଣା ପ୍ରସାଦ ଭୋଗ କରନ୍ତି ଏବଂ ଭୋଗ ସମର୍ପଣ ପରେ ପାଚେରୀ ବାହାରକୁ ଫିଙ୍ଗି ଦିଅନ୍ତି ।

ଏହି ଦେବତାଙ୍କ ଆବିର୍ଭାବକୁ ନେଇ ଏକ ରୋଚକ ଲୋକକଥା ଶୁଣାଯାଏ । ଦ୍ୱାପର ଯୁଗରେ ବାଣାସୁର ନାମରେ ଜଣେ ପ୍ରବଳ ପ୍ରତାପୀ ଅସୁର ରାଜା ଥିଲା । ସେ ବଡ଼ ଶିବ ଭକ୍ତ ଥିଲା ଏବଂ ବିଷ୍ଣୁ ଅବତାର ଶ୍ରୀକୃଷ୍ଣଙ୍କୁ ହୀନ ଦୃଷ୍ଟିରେ ଦେଖୁଥିଲା । ଉଷା ନାମରେ ତା'ର ଜଣେ ଅନନ୍ୟା ସୁନ୍ଦରୀ କନ୍ୟା ଥିଲା । ସେ କନ୍ୟାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କୃଷ୍ଣଙ୍କ ନାତି (ରୁକ୍ମିଣୀଙ୍କ ବଡ଼ପୁଅ ପ୍ରଦ୍ୟୁମ୍ନଙ୍କ ପୁଅ) ଅନିରୁଦ୍ଧ ତା'କୁ ବିବାହ କରିବା ପାଇଁ ଇଚ୍ଛା କଲା । ଉଷାକୁ ଦେଖା କରିବାକୁ ଯାଇଥିବା ବେଳେ ବାଣାସୁର ତାଙ୍କୁ ବନ୍ଦୀ କରି ରଖିଲା । ଏ ଖବର ପାଇ କୃଷ୍ଣବଳରାମ ଯାଦବ ସେନାବାହିନୀ ସହ ଯୁଦ୍ଧଯାତ୍ରା କଲେ । ଦୁଇ ପକ୍ଷ ଭିତରେ ପ୍ରବଳ ଯୁଦ୍ଧ ହେଲା । ବାଣାସୁର ଯାଦବ ବଳଙ୍କଠାରୁ ପରାଜୟ ଆଶଙ୍କା କରି ମହେଶ୍ୱର ଶିବଙ୍କ ଶରଣାଗତ ହେଲା । ଭୋଳାନାଥ ଶିବ ଭକ୍ତର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ତା' ପକ୍ଷରେ ଯୋଗ ଦେଲେ ଏବଂ କୃଷ୍ଣଙ୍କ ସହ ଯୁଦ୍ଧ କଲେ । ଶ୍ରୀକୃଷ୍ଣଙ୍କ ଶରାଘାତରେ ଶିବ ଜ୍ୱରରେ ପୀଡ଼ିତ ହେଲେ । ତାଙ୍କର ସର୍ବାଙ୍ଗ ଥରିବାକୁ ଲାଗିଲା । ସେ ନିଜର ଶକ୍ତି ପ୍ରୟୋଗ କରି ନିଜ ଶ୍ରୀଅଙ୍ଗରୁ ଜଣେ ଦେବତାଙ୍କୁ ସୃଷ୍ଟି କଲେ । ତିନି ପାଦ, ତିନି ମୁଣ୍ଡ ଓ ଛଅ ହାତ ବିଶିଷ୍ଟ ଏହି ଅଦ୍ଭୁତ ଦେବତା ଶିବଙ୍କ ଆଦେଶମାତ୍ରେ ତାଙ୍କୁ ରୋଗମୁକ୍ତ କରିଦେଲେ । ଏଥିରେ ଖୁସି ହୋଇ ଶିବ ତାଙ୍କୁ କ୍ଷୀର ଓ କଦଳୀର ପଣା ପ୍ରସାଦ ପୁରସ୍କାର ସ୍ୱରୂପ ପ୍ରଦାନ କଲେ । ଶ୍ରୀକୃଷ୍ଣ ଏ କଥା ଜାଣିଥିଲେ । କଳି ଯୁଗରେ ସେ ନୀଳାଚଳରେ ଜଗନ୍ନାଥ ନାମ ବହନ କରି ଦାରୁରୂପେ ଆରାଧିତ ହେଲେ । ଏ ଯୁଗର ମଣିଷମାନେ ବହୁଳଭାବେ ଜ୍ୱରରେ ପୀଡ଼ିତ ହେବେ ବୋଲି ତାଙ୍କୁ ଜଣାଥିଲା । ତେଣୁ ତାଙ୍କ ମନ୍ଦିର ପରିସରରେ ଉପସ୍ଥିତ ରହି ଭକ୍ତମାନଙ୍କୁ ଜ୍ୱର ରୋଗରୁ ମୁକ୍ତି ଦେବା ପାଇଁ ସେ ଜ୍ୱର ଦେବତାଙ୍କୁ ଆଦେଶ ଦେଲେ ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରତ୍ନବେଦୀରେ ତିନିଠାକୁର...

ପୁଷ୍ପାଞ୍ଜଳି ପ୍ରଦାନ ପରେ ବାଜିଥିଲା ବିଜେକାହାଳୀ। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ମୁଦିରସ୍ତ। ପରେ ଡୋରଲାଗି ହୋଇ ସନ୍ଧ୍ୟା ୭ଟା ୨୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର। ନନ୍ଦିଘୋଷ ରଥରୁ ମଦନମୋହନ ଓ ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନ ସେବକମାନେ ହାତରେ ଦକ୍ଷିଣୀ ଘରକୁ ବିଜେ କରାଇଥିଲେ। ପରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ଗୋଟି ପହଣ୍ଡିରେ ରଥରୁ ନୀଳକନ୍ଦର ଅଭିମୁଖେ ବାହାରିଥିଲେ ଠାକୁର।

କାଳିଆ ସାଆନ୍ତ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ସାଆନ୍ତାଣୀ ଚାହାଣୀ ମଣ୍ଡପକୁ ବିଜେ କରିଥିଲେ। ଭେଟ ମଣ୍ଡପରୁ ଭିତରଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ। ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଅଭିମୁଖେ ବାହାରିଥିଲେ। କିନ୍ତୁ ଲକ୍ଷ୍ମୀ ଠାକୁରାଣୀ ଅଭିମାନରେ ସିଂହଦ୍ୱାରକୁ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ସିଂହଦ୍ୱାର ଖୋଲି ଭିତରକୁ ପଳାଇଥିଲେ ମହାଲକ୍ଷ୍ମୀ। ପରେ ଶ୍ରୀମନ୍ଦିର ଭିତରକୁ ବିଜେ କରିଥିଲେ ମହାପ୍ରଭୁ। କିନ୍ତୁ ସେତେବେଳେ ଜୟବିଜୟ ଦ୍ୱାର ବନ୍ଦ ରହିଥିଲା। ସେଠାରେ ବଚନିକା ସରିବା ପରେ ଶ୍ରୀଜଗନ୍ନାଥଙ୍କର ଭଣ୍ଡାର ଘର ନିକଟରେ ଲକ୍ଷ୍ମୀଙ୍କ ସହ ଭେଟ ହାଇଥିଲା। ସେଠାରେ ବିବାହର ଗଇଁଠାଳ ଫିଟାଯାଇଥିଲା। ଏହି ନୀତିକୁ ଭିତରଛ ମହାପାତ୍ର ସମ୍ପାଦନ କରିଥିଲେ। ପରେ ସେଠାରେ ବନ୍ଦାପନା ଏବଂ ରସଗୋଲା ଭୋଗ ହୋଇଥିଲା। ଅର୍ଥାତ୍ କାଳିଆ ସାଆନ୍ତ ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥିଲେ। ଘଷାବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

## ଏଥର ଡିଜିଟାଲ୍...

ଆଧାର କରି ଲୋକସଭା ଏବଂ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାଣ କରାଯିବ ବୋଲି କୁହାଯାଉଛି। ଆସନ୍ତା ସାଧାରଣ ନିର୍ବାଚନ ୨୦୨୯ରେ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି।

ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ କୁହାଯାଇଛି ଯେ ଏପ୍ରିଲ ୨୦୨୬ରୁ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ ଏବଂ ଏହି ପର୍ଯ୍ୟାୟରେ ବାସଗୃହ ଓ ଆସବାବପତ୍ର ସଂପର୍କରେ ତଥ୍ୟ ସଂଗ୍ରହ କରାଯିବ। ଫେବୃଆରୀ ୨୦୨୭ରୁ ଆରମ୍ଭ ହେଉଥିବା ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରାଯିବ। ତେବେ ଜନଗଣନା ପୂର୍ବରୁ ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ପ୍ରଶାସନିକ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଶେଷ କରିବା ଲାଗି ରାଜ୍ୟମାନଙ୍କୁ କୁହାଯାଉଛି। ଏହି ତାରିଖ ପରେ ଆଉ ଜିଲ୍ଲା/ବ୍ଲକ୍ ଗଠନ କିମ୍ବା ନାମକରଣକୁ ଅନୁମତି ମିଳିବ ନାହିଁ। ଜନଗଣନା ପ୍ରକ୍ରିୟା ସଂପନ୍ନ ହେବା ପର୍ଯ୍ୟନ୍ତ ଏହାକୁ ନିଷିଦ୍ଧ କରାଯାଇଥିବା ରେଜିଷ୍ଟ୍ରାର ଜେନେରାଲ ସ୍ପଷ୍ଟ କରିଦେଇଛନ୍ତି।

୨୦୨୧ରେ ହେବାକୁ ଥିବା ଜନଗଣନା ପାଇଁ ନାଗରିମାନଙ୍କ ଠାରୁ ୩୧ଟି ବିଷୟରେ ତଥ୍ୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ବାସଗୃହ, ପରିବାର ସଂପର୍କରେ ତଥ୍ୟ ସହିତ ପାଣି, ପାଇଖାନା, ରୋଷେଇ ପାଇଁ ଇନ୍ଧନ, ରେଡିଓ, ଟିଭି, ଲାପଟପ୍ କଂପ୍ୟୁଟର, କାର, ମୋବାଇଲ ନମ୍ବର ଏବଂ ଖାଦ୍ୟ ସାମଗ୍ରୀ ସଂପର୍କରେ ତଥ୍ୟ ରହିଥିଲା। କିନ୍ତୁ ଏଥର ଜନଗଣନାରେ ଜାତି ସଂପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ। ଏଥିଲାଗି ୩୪ ଲକ୍ଷ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ସେମାନଙ୍କୁ ତାଲିମ ଦେବାଲାଗି ତ୍ରିସ୍ତରୀୟ ବ୍ୟବସ୍ଥା କରାଯାଇଥିବା ରେଜିଷ୍ଟ୍ରାଲ ଜେନେରାଲଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ୨୦୨୧ରେ ହେବାକୁ ଥିବା ଜନଗଣନାକୁ କୋଭିଡ୍ ମହାମାରୀ ପାଇଁ ସ୍ଥଗିତ କରି ଦିଆଯାଇଥିଲା।

## ସାରା ରାଜ୍ୟରେ...

ଆଲୋଚନା ବିଫଳ ହୋଇଛି ଏବଂ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଡ୍ରାଇଭର ସଂଘ ଚରମବାଣୀ ଶୁଣାଇଛି। ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ପୂରା ଠପ୍ କରିଦେଇଛି। ବହୁ ସ୍ଥାନରେ ମଝି ରାସ୍ତାରେ ଆନ୍ଦୋଳନରତ ଡ୍ରାଇଭରମାନେ ସରକାରୀ ବସରୁ ଯାତ୍ରୀଙ୍କୁ ଓହ୍ଲାଇ ଦେଇଛନ୍ତି। ଫଳରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ନ ପାରି ଅନେକ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସଂଘ ପକ୍ଷରୁ ରଖାଯାଇଥିବା ଦାବି ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ କହିଛି। ଗତ ମାସେ ତଳେ ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରାଯାଇଥିବା ବେଳେ ଏହି ଦାବି ପୂରଣ ହୋଇ ନ ଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ହୋଇଛି। ଗାଡ଼ି ଚାଳକମାନଙ୍କ ଦ୍ୱାରା ଡାକରା ଦିଆଯାଇଥିବା ଏହି ଆନ୍ଦୋଳନକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଥିବାରୁ ସାରା ରାଜ୍ୟରେ ଆନ୍ଦୋଳନର ଜୋରଦାର ପ୍ରଭାବ ପଡ଼ିଛି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭରମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇ ନାହାନ୍ତି। ଯାହାଦ୍ୱାରା ଡ୍ରାଇଭରମାନଙ୍କ ମଧ୍ୟର ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ମହାସଂଘ ପକ୍ଷରୁ ରହିଥିବା ଦାବି ମଧ୍ୟରେ ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂ ସ୍ଥଳୀ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଆଦି ଦାବି ରହିଛି।

ଡ୍ରାଇଭର ସଂଘର ଆନ୍ଦୋଳନ ପରେ ସରକାରଙ୍କ ପକ୍ଷରୁ ସଂଘ ସହିତ ଆଲୋଚନା କରାଯାଇଛି। ମାତ୍ର ଏହି ଆଲୋଚନାରେ କୌଣସି ସନ୍ତୋଷ ଜନକ ପ୍ରତିଶ୍ରୁତି ମିଳି ନ ଥିବାରୁ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ଡ୍ରାଇଭର ସଂଘର ସମ୍ପାଦକ ଚଇତନ ପ୍ରଧାନ କହିଛନ୍ତି। ଏହି ଆନ୍ଦୋଳନ ପରେ ମଙ୍ଗଳବାର ସନ୍ଧ୍ୟାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଏସ୍‌ଟିଏ ଅଧ୍ୟକ୍ଷ ଅମିତାଭ୍ ଠାକୁର ପ୍ରମୁଖ ଡ୍ରାଇଭର ସଂଘ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ବିଫଳ ହୋଇଥିବା ଜଣାପଡ଼ିଛି।

## ଚାଲିଗଲା ଜୀବନ...

ପ୍ରତି ସପ୍ତାହରେ ତାଙ୍କର ଦୁଇଥର ଡାଏଲିସିସ୍ ହେଉଥିଲା। ମଙ୍ଗଳବାର ସକାଳୁ ଝିଅ ସହ ସେ ଡାଏଲିସିସ୍ ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଯିବା ପାଇଁ ବାହାରି କାକଟପୁରରେ ପହଞ୍ଚିଥିଲେ। କିନ୍ତୁ ଡ୍ରାଇଭର ସଂଘର ଧର୍ମଘଟ ଯୋଗୁଁ ବସ୍ ସେବା ବନ୍ଦ ଥିଲା ଏବଂ ସେ ଭୁବନେଶ୍ୱର ଯାଇ ପାରିନଥିଲେ। ସେଠାରୁ ଘରକୁ ଫେରିବା ବେଳେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଖବର ପାଇ ସାଙ୍ଗସାଥୀମାନେ ଏକ କାର୍ ଭଡ଼ା କରି ତାଙ୍କୁ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ନାବାଳିକା କନ୍ୟା ଅଞ୍ଜଳି ଓ ପୁତୁରା ମୁଖାଗ୍ନି ଦେଇଥିଲେ। ରାଜକିଶୋରଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ସ୍ତ୍ରୀ ହୃଦ୍‌ରୋଗରେ ପୀଡ଼ିତ ହୋଇ ଅସ୍ତ୍ରୋପଚାର ହେବା ପରେ ରାଜକିଶୋରଙ୍କ କିଡ୍‌ନୀଜନିତ ସମସ୍ୟା ଦେଖାଦେଇଥିଲା। ପ୍ରତି ସପ୍ତାହରେ ଦୁଇଥର ଡାଏଲିସିସ୍ ଯୋଗୁଁ ତାଙ୍କର ସବୁ ସଞ୍ଚିତ ଅର୍ଥ ସେହି ବାଟରେ ଖର୍ଚ୍ଚ ହୋଇଯାଇଥିଲା। ଅପରପକ୍ଷେ, କିଛି ଦିନ ତଳେ ତାଙ୍କ ବାପାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ବର୍ତ୍ତମାନ ତାଙ୍କ ପରିବାରରେ ବୃଦ୍ଧା ରୋଗୀଣା ମା', ହୃଦ୍‌ରୋଗରେ ପୀଡ଼ିତ ସ୍ତ୍ରୀ ଓ ଏକମାତ୍ର ନାବାଳିକା କନ୍ୟା ଅଛନ୍ତି। ରାଜକିଶୋରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ପୁରୁଷଶୂନ୍ୟ ହୋଇପଡ଼ିଛି। ତେଣୁ ଏ ଅସମୟରେ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛନ୍ତି।

## ମିଳିଛି ପଟ୍ଟା...

ପାଲଟିଯାଇଛି। କେବଳ ରାଜଧାନୀ ନୁହେଁ, ରାଜ୍ୟର ଅଧିକାଂଶ ସ୍ଥାନରେ ସମାନ ଅବସ୍ଥା।

ୟୁନିଟ୍-୮ ଅଞ୍ଚଳର ବୈକୁଣ୍ଠନାଥ ସେନାପତି। ୨୦୧୭ ମସିହାରେ ଗାଡ଼କଣ ମୌଜାରେ ବିଲ୍ଡର ସଂସ୍ଥା ଜରିଆରେ ୧୫ଲକ୍ଷ ଟଙ୍କା ଦେଇ ୧୨୦୦ ବର୍ଗଫୁଟ୍‌ର ଜମି ଖଣ୍ଡେ କିଣି ପାଚେରୀ ବୁଲାଇଲେ। ଭୁବନେଶ୍ୱର ତହସିଲ୍ କାର୍ଯ୍ୟାଳୟରୁ ପଟ୍ଟା ବି ପାଇଲେ। ୨୦୨୫ ମସିହାରେ ଘର କରିବା ପାଇଁ ଉକ୍ତ ଜମିକୁ ଗଲାବେଳକୁ ସେଠି ୩ମହଲା କୋଠା ଛିଡ଼ା ହୋଇଛି। ହତବାକ୍ ବୈକୁଣ୍ଠ ଉକ୍ତ ବିଲ୍ଡର ସଂସ୍ଥାକୁ ଯୋଗାଯୋଗ କଲେ; ହେଲେ ସେଠାରୁ କୌଣସି ସହଯୋଗ ମିଳିଲାନି। ଶେଷରେ ପୁଲିସ ନିକଟକୁ ଗଲେ। ଦଲିଲ୍, ପଟ୍ଟା ସବୁ ପୁଲିସକୁ ଦେଖାଇଲେ। ପୁଲିସ ତାଙ୍କୁ ସରକାରୀ ଭାବେ ତହସିଲ୍ କାର୍ଯ୍ୟାଳୟରେ ଜମି ଚିହ୍ନଟ(ଡିମାର୍‌କେସନ୍) ପ୍ରକ୍ରିୟାରେ ଆବେଦନ ପାଇଁ ପ୍ରସ୍ତାବ ଦେଲା।

ବୈକୁଣ୍ଠନାଥ ତହସିଲ୍ କାର୍ଯ୍ୟାଳୟକୁ ଦୌଡ଼ିଲେ, ସେଠି ଆବଶ୍ୟକ ଫି' ଓ କାଗଜପତ୍ର ଜମା କରି ଆବେଦନ ବି କଲେ। ହେଲେ ତାଙ୍କ ଜମି ଚିହ୍ନଟ ପାଇଁ ସରକାରୀ ଅମିନ ଆସିଲେନି। ପ୍ରାୟ ୩ମାସ ଦୌଡ଼ିବା ପରେ ତହସିଲ୍ କାର୍ଯ୍ୟାଳୟର 'ଲ୍ୟାଣ୍ଡ ସର୍ଭେ ବିଭାଗ' କହିଲା, ଆଉ ୩ ବର୍ଷ ପରେ ଜମି ଚିହ୍ନଟ ହେବ। ଏବେ ଆମ ପାଖରେ ୩ହଜାର ଆବେଦନ ପଡ଼ିଛି। ଆମ ପାଖରେ ମାତ୍ର ଦୁଇ ଜଣ ସରକାରୀ ଅମିନ ଅଛନ୍ତି। ସେମାନେ ଦିନକୁ ଅତି ବେଶୀରେ ଦୁଇଟି ଜମି ଚିହ୍ନଟ କରିପାରୁଛନ୍ତି। ଏହାଶୁଣି ବୈକୁଣ୍ଠ ନିଜର ଜୀବନ ଯାକର ଜମା ପୁଞ୍ଜି ଦେଇ କିଣିଥିବା ଜମି ଖଣ୍ଡକ କୋଉଠି ବୋଲି ତାଙ୍କ ଜୀବଦଶାରେ ଚିହ୍ନଟ କରିପାରିବେ ନା ନାହିଁ, ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

ଜମି ଚିହ୍ନଟ ପାଇଁ ରାଜସ୍ୱ ବିଭାଗ ଡିମାର୍‌କେସନ୍ ବ୍ୟବସ୍ଥା ରଖିଛି। ଏହି ପ୍ରକ୍ରିୟାରେ ଜମି ମାଲିକ ଆବେଦନ କଲେ, ସରକାରଙ୍କ ପକ୍ଷରୁ ଜମିର ଚଉହଦୀ ଜମି ଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ପାଖକୁ ଡାକ ଯୋଗେ ଚିଠି ପଠାଇବେ। ଏଥିପାଇଁ ଆବେଦନକାରୀଙ୍କ ଆବେଦନକୁ ଭିତ୍ତିକରି ପ୍ରତିବେଦୀମାନଙ୍କୁ ତହସିଲ୍ କାର୍ଯ୍ୟାଳୟ ତରଫରୁ ଡକାଯିବ। ସେମାନଙ୍କ ଖାତା ନମ୍ବର ଓ ପ୍ଲଟ୍ ନମ୍ବର ଆବେଦନକାରୀଙ୍କ ଖାତା ନମ୍ବର ଓ ପ୍ଲଟ୍ ନମ୍ବର ଉକ୍ତ ମଉଜାରେ କେଉଁଠି ଅଛି ତାକୁ ସରକାରୀ ପ୍ରଦତ୍ତ ମ୍ୟାପ୍ ଅନୁଯାୟୀ ଚିହ୍ନଟ କରି ଜମି ଚିହ୍ନଟ କରାଯିବ। ଏହି ପ୍ରକ୍ରିୟା ଦ୍ୱାରା ଜଣେ ଜମି ମାଲିକ ବାସ୍ତବରେ ନିଜର ଜମି କେଉଁଟା ଜାଣିପାରିବ। ହେଲେ ତହସିଲ୍ କାର୍ଯ୍ୟାଳୟରେ ଆବଶ୍ୟକ ଅମିନ ନାହାନ୍ତି। ୧୦ଟି ମଞ୍ଜୁରପ୍ରାପ୍ତ ଅମିନ ପଦବୀ ଥିବାବେଳେ ଅଛନ୍ତି ମାତ୍ର ୨ଜଣ। ତେଣୁ ଜମି ଚିହ୍ନଟ ପ୍ରକ୍ରିୟା ପୁରା ଧୀମା ଗତିରେ ଚାଲୁଛି। ତେଣୁ ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ମନମୋହନଙ୍କ ମଥାରେ...

ବିଜେପି ସଭାପତି ଘୋଷଣା ହେବା ପରେ ମନମୋହନ ସାମଲଙ୍କ ପାଇଁ ଦଳୀୟ କାର୍ଯ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ, ବିଧାୟକ, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା, ଜିଲାସ୍ତରରୁ ଆସିଥିବା ନବ ନିର୍ବାଚିତ ମଣ୍ଡଳ ଓ ଜିଲ୍ଲା ସଭାପତିମାନେ ଉପସ୍ଥିତ ଥିଲେ।

ଏହି ଅବସର ଶ୍ରୀ ସାମଲ କହିଛନ୍ତି ଯେ ମୋତେ ମିଳିଥିବା ଦାୟିତ୍ୱ ସଂଗଠନ କର୍ମକର୍ତ୍ତାଙ୍କର। ସେମାନଙ୍କର ପରିଶ୍ରମ ପାଇଁ ଆମେ ରାଜ୍ୟରେ ସରକାର କରିପାରିଛୁ। ସରକାର ଆଣିବା ଯେତିକି କଷ୍ଟ, ସଂକଳ୍ପ ପୂରଣ ପାଇଁ ସେତିକି କଷ୍ଟ। ରାଜ୍ୟରେ ବିଜେପି ସରକାର ଲମ୍ବା ସମୟ ଧରି ରହିବ। ଆମ ପାଖରେ ଯୋଗ୍ୟ ମୁଖ୍ୟମନ୍ତ୍ରୀ ଓ ଯୋଗ୍ୟ କର୍ମକର୍ତ୍ତା ଅଛନ୍ତି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଆମର ପ୍ରତିବଦ୍ଧତାକୁ ପୂରଣ କରିବା। ସରକାର ସହ ଦଳ ଖୁଣ୍ଟ ହୋଇ ଠିଆ ହୋଇ ରହିବ। ଓଡ଼ିଶାରେ ଲମ୍ବା ସମୟ ଧରି ଆମର ଶାସନ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ମନମୋହନଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ। ମନମୋହନଙ୍କ ନେତୃତ୍ୱ ଯୋଗୁଁ ରାଜ୍ୟରେ ସରକାର ଗଠନ କରିପାରିଛୁ ଓ ରାଜ୍ୟରେ ୨୧ରୁ ୨୦ ସାଂସଦ ଜିତିବା ମନମୋହନ ଭାଇଙ୍କ ନେତୃତ୍ୱ ପାଇଁ ସମ୍ଭବ ହୋଇଛି। ପୋଷ୍ଟରୁ ଲଗାଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ମନମୋହନ ଦଳର ୪ ଥର ନେତୃତ୍ୱ ନେଇ ଇତିହାସ ରଚିଛନ୍ତି। ଏହି ଅବସରରେ ତାଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ମନମୋହନଙ୍କ ନେତୃତ୍ୱରେ ଦଳ ନିରନ୍ତର ଭାବେ ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆଶା ପ୍ରକାଶ କରିଛନ୍ତି।

## ଆଗରେ ଆହ୍ୱାନ...

ତେବେ ଚଳିତ ଥର ମନମୋହନଙ୍କ ପାଇଁ ଦଳ ପରିଚାଳନା ସହଜ ହେବନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି ରାଜନୈତିକ ବିଶେଷଜ୍ଞ। ନିଗମ ଓ ବୋଡର୍‌ଗୁଡ଼ିକରେ ନିଯୁକ୍ତି ଆଶାରେ ଆତୁର ନେତାଙ୍କୁ ସନ୍ତୁଷ୍ଟ କରିବା ଦଳ ସଭାପତି ଓ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ। ଅନୁରୂପ ଭାବରେ ବିଶୃଙ୍ଖଳିତ ନେତା, ବିଧାୟକଙ୍କ ଉପରେ ଲଗାମ କଷିବା ଏବଂ ସରକାର ଓ ସଂଗଠନ ମଧ୍ୟରେ ତାଳମେଳ ରଖିବା ମନମୋହନଙ୍କ ପାଇଁ କାଠିକର ପାଠ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଲାଣି।

ସରକାରଙ୍କୁ ୧୩ ମାସ ପୂରିବାକୁ ଯାଉଛି। ମାତ୍ର ଏଯାବତ୍ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀ ଏବଂ କମିଶନରେ ନିଯୁକ୍ତି ହୋଇପାରିଲା ନାହିଁ। ଦଳ ମଧ୍ୟରେ ତୀବ୍ର ଗୋଷ୍ଠୀକନ୍ଦଳ ଏବଂ ବରିଷ୍ଠଙ୍କ ମଧ୍ୟରେ ଛକାପଞ୍ଝା କାରଣରୁ ଏହା ସମ୍ଭବ ହୋଇପାରୁ ନାହିଁ। ନିଜ ନିଜ ଅନୁଗତଙ୍କୁ ଥଇଥାନ ପାଇଁ ପ୍ରମୁଖ ନେତାଙ୍କ ମଧ୍ୟରେ ଏକପ୍ରକାର ରେସ୍ ଲାଗିଥିବା ବେଳେ ନେତୃତ୍ୱ ସହମତି ଆଣିପାରୁ ନାହାନ୍ତି। ନିଗମ ନିଯୁକ୍ତି ପାଇଁ ଗତ ବର୍ଷକ ମଧ୍ୟରେ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଶେଷରେ ଏହା ବିଫଳ ସାବ୍ୟସ୍ତ ହୋଇଛି। ଅତଏବ, ପୁନର୍ବାର ସଭାପତି ଦାୟିତ୍ୱ ନେବା ପରେ ଛାମୁଆଙ୍କ ମଧ୍ୟରେ ସହମତି ଆଣି ନିଗମ, ବୋର୍ଡ ନିଯୁକ୍ତିକୁ ସାକାର ରୂପ ଦେବା ମନମୋହନଙ୍କ ପାଇଁ ପ୍ରମୁଖ ଆହ୍ୱାନ ସାଜିବ ବୋଲି କୁହାଯାଉଛି। ପୁନଶ୍ଚ ଦଳରେ ବଢୁଥିବା ବିଶୃଙ୍ଖଳାକୁ ପ୍ରଶମନ କରିବା ମଧ୍ୟ ମନମୋହନଙ୍କ ପାଇଁ କାଠିକର ପାଠ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ନିକଟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏବଂ ଭୁବନେଶ୍ୱର ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନଙ୍କ କ୍ଷେତ୍ରରେ ଦଳର ନିରବତା ସଂଗଠନରେ ରହିଥିବା ଦୁର୍ବଳତାକୁ ପରିପ୍ରକାଶ କରିଛି। ଦଳରେ ଶୃଙ୍ଖଳାର ଅଭାବ ଯୋଗୁଁ କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଯାହାପାଇଁ ନେତାମାନେ ଦିନକୁ ଦିନ ଲଗାମ ଛଡ଼ା ହେବାକୁ ବସିଥିବା ବେଳେ ଦଳକୁ ଏଥିପାଇଁ ସାଧାରଣରେ ଅପଦସ୍ତ ହେବାକୁ ପଡୁଛି। ତୃଣମୂଳସ୍ତରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ବିଜେପି ନେତାମାନେ ଏକପ୍ରକାର ନିଜ କବଜାକୁ ନେଇଥିବା ବେଳେ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନେ ମୁକ୍ତ ଭାବେ କାର୍ଯ୍ୟ କରି ପାରୁନାହାନ୍ତି। ଯାହାର ପ୍ରଭାବ ବିକାଶମୂଳକ କାମ ଉପରେ ସିଧାସଳଖ ପଡୁଛି। ତେଣୁ ଦଳରେ କିପରି ଶୃଙ୍ଖଳା ଫେରାଇ ଅଣାଯିବ, ତାହା ମନମୋହନଙ୍କ ଆଗରେ ଅନ୍ୟତମ ବଡ଼ ଆହ୍ୱାନ ସାଜିବ ବୋଲି ତଥ୍ୟଭିତ୍ତିକ ମହଲ ଯୁକ୍ତି ବାଢ଼ିଛନ୍ତି।

ଅପରପକ୍ଷେ ଗତ ଏକବର୍ଷରେ ସଫଳତା ଅପେକ୍ଷା ବିଭିନ୍ନ କ୍ଷେତ୍ରରେ ବିବାଦ, ବିଶୃଙ୍ଖଳା ଉଭୟ ସରକାର ଏବଂ ସଂଗଠନ ପାଇଁ ବଦନାମ ଆଣିଛି। ଆଉ ଦେଢ଼ ବର୍ଷ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବ। ୨୦୨୪ ସାଧାରଣ ବିଜୟ ଯେ ଆକସ୍ମିକ ନଥିଲା, ଏହାକୁ ପ୍ରମାଣିତ କରିବାକୁ ହେଲେ ଦଳକୁ ପଞ୍ଚାୟତ ଓ ପୌର ନିର୍ବାଚନରେ ଆଖିଦୃଶିଆ ସଫଳତା ହାସଲ କରିବାକୁ ପଡ଼ିବ। ଏଥିପାଇଁ ସରକାରଙ୍କୁ ବିକାଶ ମୂଳକ କାର୍ଯ୍ୟକ୍ରମ ଏବଂ ସଂଗଠନକୁ ସଶକ୍ତ ହେବାର ଆବଶ୍ୟକତା ରହିଛି। ଏହା ମନମୋହନଙ୍କ ପାଇଁ ଅନ୍ୟତମ ଆହ୍ୱାନ ସାଜିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

email- serwsbd2003@yahoo.com

O-381

e- Procurement Notice for Road Work

1 Name of the work : Periodical Renewal work of 5 year post DLP PMGSY Roads (14 Nos)
3 Class of contractor : "B" & "A" Class of (Odisha PWD) or relevant class of other licensing authority .
3 Estimated Cost : Varies from Rs.73.95 Lakhs to Rs. 283.61 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 07/2025-26 | 10.07.2025 at 11.00 A.M. | 30.07.2025 up to 5.00 P.M. | 29.07.2025 up to 2.00 P.M. | 31.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

OIPR-25182/11/0064/2526

Chief Construction Engineer,
Rural Works Circle, Sunabeda

C-618

e-mail: eephbhpt@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002

NATIONAL COMPETITIVE BIDDING THROUGH e-Procurement
Identification No.SEPH-BHPT– 07 of 2025-26/ Dt. 04.07.2025
e-Procurement Notice

01. Name of the Work : 3no Work.
02. Type of Bid. : Single Bid System
03. Estimated Cost : Rs. 6.65 to Rs. 10.44 lakh
04. Period of Completion : 01 (One) Calendar Months
05. Date & Time of availability of bid document in the portal : From 11.00 AM of dt. 08.07.2025 to 5.00 PM of 17.07.2025
06. Last date / time of receipt of bids in the portal : 5.00 PM of 17.07.2025.
07. Date & Time of opening of technical bids : At 11.30 AM of 18.07.2025
08. Name and Address of the Officer Inviting Bid : Superintending Engineer, P.H. Division, Bhawanipatna , Railway Station Road, At/Po- Parmanandpur, 766002 Dist- Kalahandi.

Further details can be seen from the web site http://tenders.ori.nic.in or www.tendersorissa.gov.in

OIPR-13059/11/0028/2526

Superintending Engineer,
P.H. Division, Bhawanipatna

ODISHA LIFT IRRIGATION CORPORATION LTD
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12

CAD-995

Phone : (0674) 2390195,
Fax : (0674)2395844
E-mail : olicltd123@bsnl.com
olicltd@ymail.com

No. 4P-24/2025, 5427/OLIC, Dated: 03.07.2025

NATIONAL COMPETITIVE BIDDING THROUGH e-Procurement

The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Control Panel with DOL Starter in conformity with detail tender call notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | Bid Security Declaration to be submitted for EMD (Rs. In lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-11 (E) 2025-26 | Control panel with DOL starter suitable for 3.0 HP submersible pump sets coupled with induction motor | 19400 | 814.412 | 8.14412 | 11,800/- (inclusive of 18% GST) |

1. Period of Completion :- 60 days from the date of issue of purchase order.
2. Date& Time of availability of bid document in the portal:- From Dt.10.07.2025 to Dt. 08.08.2025
3. Last date/Time for receipt of bids in the portal:-Dt.08.08.2025 upto17.00 hrs.
4. Last date of seeking clarification: Dt. 18.07.2025 up to 17.00 hrs
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer inviting Bid:- M.D , OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Any Addendum/ corrigendum/ Cancellation of tender will be available in the said website. Authority reserves the right to reject any or all the tenders without assigning any reasons thereof .

OIPR-32135/11/0051/2526

EXECUTIVE DIRECTOR

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ସ୍କୋୟାର ନିକଟ, ଭୁବନେଶ୍ୱର - ୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

ଲକର ନୋଟିସ୍

| କ୍ର. ନଂ. | ଲକର ନଂ. | ଗ୍ରାହକମାନଙ୍କ ନାମ ଏବଂ ଠିକଣା |
|---|---|---|
| | | ଭୁବନେଶ୍ୱର ଶାଖା, ସା: ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି.ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨ |
| ୧ | ୬ | ପବିତ୍ର ରାଉତରାୟ, ପ୍ଲଟ୍ ନଂ.: ୧୨୪୮, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୨ | ୩୯ | ପ୍ରତାପ ପଟ୍ଟନାଏକ, ବ୍ଲକ୍-ଏ, କ୍ୱାର୍ଟର ନଂ.: ୬୦୨, କ୍ରୀଷ୍ଣା ଟାୱାର୍ସ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୩ | ୮୬ | ଅଶୋକ କାନୁନ୍‌ଗୋ, ଏମ୍/୫-୨୪, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩ |

ବ୍ୟାଙ୍କ ଦ୍ୱାରା ଉପରଦର୍ଶିତ ଲକରଧାରୀମାନଙ୍କୁ ବ୍ୟାଙ୍କରେ ପଞ୍ଜିକୃତ ଥିବା ସେମାନଙ୍କର ଠିକଣାରେ ବାରମ୍ୱାର ନୋଟିସ୍ ଦିଆଯାଇଥିଲେ ମଧ୍ୟ ସେମାନେ ସେମାନଙ୍କର ଲକର ଫିସ୍ ପୈଠ କରିବାରେ ବିଫଳ ହୋଇଛନ୍ତି ଏବଂ ଶାଖା ସହିତ ଯୋଗାଯୋଗ କରୁନାହାଁନ୍ତି। ତେଣୁ ସେମାନଙ୍କୁ ଜଣାଇ ଦିଆଯାଉଛି କି, ଏହି ନୋଟିସ୍ ତାରିଖ ଠାରୁ ୯୦ ଦିନ ମଧ୍ୟରେ ସେମାନେ ସେମାନଙ୍କର ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରନ୍ତୁ ଏବଂ ବ୍ୟାଙ୍କର ବକେୟା ଦେୟ ସଙ୍ଗେ ସଙ୍ଗେ ପୈଠ କରନ୍ତୁ। ଆପଣମାନେ ବକେୟା ଦେୟ ପୈଠ କରୁନଥିବାରୁ ବ୍ୟାଙ୍କ ପକ୍ଷରୁ ଦେୟ ପୈଠ ନିମନ୍ତେ ବାରମ୍ୱାର ଅନୁରୋଧ କରାଯାଉଛି ତଥାପି ଆପଣମାନେ ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି, ଫଳସ୍ୱରୂପ ଆପଣଙ୍କର ଭଡା ଲକରର ସମସ୍ତ ଅଧିକାର ବାଜ୍ୟାପ୍ତି ହୋଇଯିବ ଏବଂ ଆପଣଙ୍କୁ ଆବଣ୍ଟିତ ଲକରକୁ ବ୍ୟାଙ୍କ ପୁନଃ ଦଖଲ କରିବାରେ ହକଦାର ହେବ।

ବ୍ୟାଙ୍କ ଆପଣଙ୍କ ଲକର ଉପରେ ପୁନଃ ଦଖଲ ଅଧିକାର ପ୍ରୟୋଗ କରି, ତାହାକୁ ତା.୧୩.୧୦.୨୦୨୫ରିଖ (ନୋଟିସ୍ ପ୍ରକାଶନର ୯୦ ଦିନ ଠାରୁ) ମଧ୍ୟାହ୍ନ ୧୨.୦୦ ଘଟିକା (ସମୟ)ରେ ଆପଣଙ୍କ ଖର୍ଚ୍ଚ ଏବଂ ଦାୟରେ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି। ଏଣୁ, ଆପଣଙ୍କୁ ପରାମର୍ଶ କି ଆପଣ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବକେୟା ଦେୟ ବ୍ୟାଙ୍କକୁ ପୈଠ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୯.୦୭.୨୦୨୫ — ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

NOTICE

By virtue of an affidavit sworn before The Notary Public, Bhubaneswar dated- 07.07.2025. I, **HARAN BIBI,** Address: At-Dibyasinghaprasad, Po- Keranga, Ps/Dist- Khordha, Odisha-752055 and presently residing at Dibyasinghaprasad, Po- Keranga, Ps/Dist- Khordha, Odisha-752055 declare that I have changed my name from **HARUN BIBI** to **HARAN BIBI.** Henceforth, she shall be known as **HARAN BIBI** for all purposes.

**(HARAN BIBI)**

AFFIDAVIT

I, Dibyasingha Dash, age about 82 years, S/o- Late Anam Dash, resident of At- Kolar, Po- Desthali, Ps-Kakatpur, Dist- Puri, Pin- 752107, Odisha declared by this affidavit No. 8190, dated- 08.07.2025 that now onwards I Shall be known **DIBYASINHA DASH** for all future purposes.

AFFIDAVIT

I, Saikat Dev, S/o- Samir Deb, resident of At- Gali No.7, Pahadi Mandir, PO- K.M. Road, Ps/Dist- Jharsuguda, PIN- 768202, Odisha declared by this affidavit No. 3234, dtd- 07/07/2025 that now onwards I shall be known as **SAIKAT DEB** for all future purposes.

AFFIDAVIT

I, Bachana Sahoo, S/o- Late Bairagi Sahoo resident of At- Talamal, Po- Gadakokal, PS- Brahmagiri, Dist- Puri, Pin-752011, Odisha declare by this affidavit no-07, dtd-09/05/2025 that now onwards I shall be known as **BACHAN SAHOO** for all future purposes.

ପୂର୍ବ ତଟ ରେଳପଥ

(1) ଟେଣ୍ଡର ସଂ. ELOP-T-06-2025

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ଅନୁଗୁଳ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।

ବିଜ୍ଞାପିତ ମୂଲ୍ୟ : ₹ 1,49,76,774.36, EMD : ₹ 2,24,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 730 ଦିନ।

(2) ଟେଣ୍ଡର ସଂ. ELOP-T-07-2025

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ପାରାଦ୍ୱୀପ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।

ବିଜ୍ଞାପିତ ମୂଲ୍ୟ : ₹ 3,06,70,684.98, EMD : ₹ 3,03,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.10.07.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.07.2025ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍

PR-332/Q/25-26

AFFIDAVIT

I, Bikash Agrawal, S/o- Ramniwas Agrawal, Resident of Ward No.11, Shaktinagar, Bargarh, P.O./P.S./ Dist.- Bargarh, Pin- 768028 (Odisha), declare by this Affidavit No. 92, Dated 07.07.2025, that now onwards I shall be known as **Bikash Agrawala** for all future purposes.

AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dated 05.07.2025 vide C.F.No.01 Dated 05.07.2025, I Rohit Mahakhud (New Name) employed as AAO ZAO, CBDT, Bhubaneswar, Odisha declare that, I have changed my name from Rohita Mahakhuda (Old Name) to Rohit Mahakhud (New Name). Henceforth I shall be known as **Rohit Mahakhud** for all purpose.

AFFIDAVIT

By virtue of an affidavit sworn before Executive Magistrate: Papadahandi, on 26-06-2025. I Daimati Bindhani, W/o Damu Bindhani, residing At/Po: Biriguda Ps: Kodinga Dist: Nabarangpur, declare that I have changed my name from Dayamati Bindhani to Daimati Bindhani. Henceforth I shall be known as **Daimati Bindhani** for all purposes.

AFFIDAVIT

By virtue of an affidavit sworn before Executive Magistrate: Papadahandi, on 07-07-2025. I Durjyan Goud, residing At: SilokgudaPo: Mokia Ps: Papadahandi Dist: Nabarangpur, declare that I have changed my Son's name from Dama Goud to Sripati Goud. Henceforth he shall be known as **Sripati Goud** for all purposes.

AFFIDAVIT

I, Ajay Kumar Pradhan, S/o- Laxmidhar Pradhan, resident of At/Po- Dandamukundapur, Ps- Pipili, Pin-752104, Dist- Puri, Odisha declared by this affidavit No- 8189, dated- 08.07.2025, that now onwards I shall be known as **AJAYA KUMAR PRADHAN** for all future purposes.

AFFIDAVIT

I, Swarnamudra Dev, W/o- Saikat Deb, resident of At- Gali No.7, Pahadi Mandir, PO- K.M. Road, Ps/Dist- Jharsuguda, PIN- 768202, Odisha declared by this affidavit No. 3233, dtd- 07/07/2025 that now onwards I shall be known as **SWARNAMUDRA DEB** for all future purposes.

AFFIDAVIT

By virtue of an affidavit sworn before the Executive Magistrate, Pattamundai on dated- 08/07/2025. I, **Jharana Das,** D/o-Debendra Swain, resident of Village-Chhedara, Po- Gunupur, PS- Pattamundai, Dist. Kendrapada, Odisha. My Name has been recorded as **Matji Jharana Dash** in my postal NSC Ac No- 6275385402 and **Mataji Jharana Dash** in my postal SB Ac No. 6274869013. I declare that **Jharana Das, Matji Jharana Dash & Mataji Jharana Dash** is one and same person for all future purposes.

AFFIDAVIT

By virtue of an affidavit before Notary public, Kantabanji, I, **Bijay Kumar Agrawal,** formally called Bijaya Kumar Agrawal, S/o.: Basanta Lal Agrawal, permanent resident of Kaushalyapara, Bangomunda, Bolangir, Odisha-767040, currently residing at Kaushalyapara, Bangomunda, Bolangir, Odisha-767040 declared for and on behalf of myself I wholly renounce, relinquish and abandon the use of my former name of Bijaya Kumar Agrawal and in place thereof do assume from the date hereof the name of **Bijay Kumar Agrawal** and as that may thereafter be called, known and distinguished not by my former name of Bijaya Kumar Agrawal but by my assumed name of **Bijay Kumar Agrawal.**

### ଚର୍ଚ୍ଚାରେ ବନ ବିଭାଗର ମ୍ୟାନେଜ୍ ପଲିସି

# ବନ ମହୋତ୍ସବ ସପ୍ତାହ ଉଦ୍‌ଯାପନୀ ପରେ ଆଉ ଏକ କାର୍ଯ୍ୟକ୍ରମ

ବଲାଙ୍ଗିର, ୮।୭ (ସମିସ)

ବଲାଙ୍ଗିର ବନ୍ ବିଭାଗ ର ବିଜେଡି ବିଜେପି ମ୍ୟାନେଜ ପଲିସିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଦିନେ ବିଜେପି ମନ୍ତ୍ରୀ ପର ଦିନ ପୁଣି ବିଜେପି ନେତ୍ରୀମାନଙ୍କୁ ଡାକି ବନ୍ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଆଲୋଚନା

**● ଉଦ୍‌ଯାପନୀରେ ଉପମୁଖ୍ୟମନ୍ତ୍ରୀ ଓ ବିଜେପି ନେତା ଅତିଥି**





ଆରମ୍ଭ ହୋଇଛି । ଗୋଟିଏ ପଟେ ଜିଲ୍ଲାରେ ଜନପ୍ରତିନିଧିମାନଙ୍କୁ ଅଣଦେଖା କରୁଥିବା ନେଇ ଅଭିଯୋଗ ହେଉଥିବା ବେଳେ ଅନ୍ୟପଟେ ଜିଲ୍ଲାସ୍ତରୀୟ ବନ୍ ମହୋତ୍ସବ ସପ୍ତାହ ଉଦ୍‌ଯାପିତ ହେବା ପରେ ପୁଣି ବିରୋଧୀ ବିଜେଡିକୁ ଖୁସି କରିବାକୁ ଯାଇ ବନ୍ ମହୋତ୍ସବ କାର୍ଯ୍ୟକ୍ରମ କରି ବୃକ୍ଷ ରୋପଣ କରିଛି ଯାହାକୁ ନେଇ ଏବେ ବନ୍ ବିଭାଗର ଏହିଭଳି ମ୍ୟାନେଜ ପଲିସିକୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି । ସୂଚନା ଅନୁସାରେ ଗତ କିଛି ଦିନ ହେଲା ବଲାଙ୍ଗିର ଜିଲ୍ଲାରେ ଜନପ୍ରତିନିଧିମାନଙ୍କୁ ସରକାରୀ କାର୍ଯ୍ୟକ୍ରମରେ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହୋଇ ଆସୁଛି । ଏମିତିରେ ବନ୍ ବିଭାଗ ପକ୍ଷରୁ ବନ୍ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜନରେ ମ୍ୟାନେଜ ପଲିସିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଜିଲ୍ଲାସ୍ତରୀୟ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଜେପି ମନ୍ତ୍ରୀ ଓ ନେତାଙ୍କୁ ଅତିଥି କରାଯାଇଥିବା ବେଳେ ଦିନକ ପରେ ପୁଣି ଏକ କାର୍ଯ୍ୟକ୍ରମରେ ବିଜେଡି ନେତ୍ରୀମାନଙ୍କୁ ଅତିଥି କରାଯାଇଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ସୋମବାର ସଦର ରେଞ୍ଜ ଅଧିନସ୍ଥ ମିର୍ଦ୍ଧାପାଲି ଗାଁରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଅତିଥିମାନେ ନିଜ ପାଟିରେ ଏହା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଜିଲ୍ଲାପାଳ ଉପସ୍ଥିତ ଥିଲେ । କିନ୍ତୁ ଜିଲ୍ଲା ପରିଷଦ ଅଧକ୍ଷ ଅନୁପସ୍ଥିତ ଥିଲେ । କେବଳ ଉପମୁଖ୍ୟମନ୍ତ୍ରୀ କାହିଁକି ବିଜେପି ବଲାଙ୍ଗିର ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀଙ୍କୁ ମଧ୍ୟ ଅତିଥି ଭାବେ ଡ଼କା ଯାଇଥିଲା । ଯାହାକୁ ନେଇ ଉପସ୍ଥିତ ଗ୍ରାମବାସୀଙ୍କ ମଧ ରେ ଆଲୋଚନା ହୋଇଥିଲା । ତେବେ ମଙ୍ଗଳବାର ବଲାଙ୍ଗିର ନଗରବନ ଠାରେ ଆଉ ଏକ ବନ୍‌ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଡିଏଫଓ ଅଜିତ ବିଶି ସହ ଅନ୍ୟ ବରିଷ୍ଠ ବନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କିନ୍ତୁ ବିଜେପି ନୁହଁ ବିଜେଡି ଦଳର ଦୁଇ ନେତ୍ରୀଙ୍କୁ ଦେଖିବାକୁ ମିଳିଥିଲା । ଜଣେ ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ ଓ ଅନ୍ୟ ଜଣେ ପୌରଧକ୍ଷା ଲିକା ସାହୁ । ତେବେ ସୋମବାର ବନ୍ ମହୋତ୍ସବ ସପ୍ତାହ ଉଦ୍‌ଯାପିତ ହୋଇଥିବା ବେଳେ ମଙ୍ଗଳବାର ପୁଣି ଏକ କାର୍ଯ୍ୟକ୍ରମ ଆୟୋଜନ ପଛରେ କାରଣ କଣ ? ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଅନୁପସ୍ଥିତ ଥିବା ବେଳେ ସଦର ରେଞ୍ଜ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ଅତିଥି କରାଯିବ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ଏହା ବନ୍ ବିଭାଗର ମ୍ୟାନେଜ ପଲିସି ବୋଲି ଆଲୋଚନା ହେଉଛି । ବିଭାଗ ଉଭୟ ବିଜେଡି କି ବିଜେପିକୁ ଅସନ୍ତୋଷ କରିବାକୁ ଚାହୁଁ ନଥିବା ଏଥିରୁ ସ୍ପଷ୍ଟ ହୋଇଛି ।

**■ ପଣ୍ଡ୍ରିଜୋର ଫଡ଼ିରୁ କେନ୍ଦୁପତ୍ର ଚୋରି**

## ଚୋରି ଅଭିଯୋଗରେ ୨ ଅଟକ

କଣ୍ଟାବାଞ୍ଜି, ୮।୭(ସମିସ):ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅନ୍ତର୍ଗତ ପଣ୍ଡ୍ରିଜୋର କେନ୍ଦୁପତ୍ର ଫଡ଼ିରୁ ୯୦ରୁ ଊର୍ଦ୍ଧ୍ୱ ପ୍ୟାକେଟ କେନ୍ଦୁପତ୍ର ଚୋରି ହୋଇଥିବା ବେଲପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଚେରି କେନ୍ଦୁପତ୍ର ମଙ୍ଗଳବାର କଣ୍ଟାବାଞ୍ଜିସ୍ଥିତ ଏଫସିଆଇ ଗୋଦାମ ସାମ୍ନାରେ ଥିବା ମିସଚର ଫ୍ୟାକ୍ଟ୍ରିରେ କେନ୍ଦୁପତ୍ର ଥିବା ଖବର ପାଇ ଚଢ଼ଉ କରି କେନ୍ଦୁପତ୍ର ଜବତ ହୋଇଛି । ଫ୍ୟାକ୍ଟ୍ରିରେ କାମ କରୁଥିବା ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି ପୁଲିସ । ପାଟଣାଗଡ଼ କେନ୍ଦ୍ର ଲିଫ୍ ଡିଭିଜନର ଏସିଏଫ୍ ପ୍ରଭାତୀ ସେଠଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ରେଞ୍ଜର ଓ କଣ୍ଟାବାଞ୍ଜି ବେଲପଡ଼ା ପୁଲିସ ଉକ୍ତ ଫ୍ୟାକ୍ଟ୍ରିରେ ଚଢ଼ଉ କରିଥିଲେ । ୯୦ରୁ ଊର୍ଦ୍ଧ୍ୱ ପ୍ୟାକେଟର କେନ୍ଦୁପତ୍ର ଥିବା ପ୍ୟାକେଟକୁ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି କଣ୍ଟାବାଞ୍ଜି ପୁଲିସ । ହାର ମୂଲ୍ୟ ଲକ୍ଷାଧିକ ଟଙ୍କା ବୋଲି ଅନୁମାନ କରାଯାଉଛି । ସେପଟେ ସୋମବାର ବେଲପଡ଼ା ଥାନା ଅଭିଯୋଗ ହୋଇଥିବା ବେଳେ କଣ୍ଟାବାଞ୍ଜିରୁ ଦୁଇ ଜଣକୁ ନେଇ ବେଲପଡ଼ା ଥାନାକୁ ଗଲାପରେ ତଦନ୍ତ କରି ପୁରା ଘଟଣା ଜଣାପଡ଼ିବ ବୋଲି ଏନେଇ ସୂଚନା ଦେଇଛନ୍ତି ଏସିଏଫ ପ୍ରଭାତୀ ସେଠ ।

## ଅର୍ଥ ଆଦାୟକୁ ନେଇ ଆକ୍ରମଣ; ଦୁଇ ଗିରଫ

ଧର୍ମଗଡ଼, ୮।୭(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ବାଗବାହିଲି ଗ୍ରାମରେ ଅର୍ଥ ଆଦାୟକୁ ନେଇ ଆକ୍ରମଣ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ବାଗବାହାଳୀ ଗ୍ରାମର ଶତ୍ରୁଘ୍ନ ହଂସ ସେହି ଗ୍ରାମର ଚନ୍ଦ୍ରଧ୍ୱଜ ହଂସଙ୍କ ଘରେ କିଛି ଦିନ ତଳେ ଟେଣ୍ଟ କରିଥିଲେ । ଏ ବାବଦକୁ ପଇସା ପାଇଁ ସେ ତାଙ୍କ ନିକଟକୁ ଯାଇଥିଲେ; ହେଲେ ଦେବାନନ୍ଦ ହଂସ ଓରଫ ଠାକୁର ହଂସ ଓ ତାଙ୍କ ବାପା ଚନ୍ଦ୍ରଧ୍ୱଜ ହଂସ ମିଶି ଶତ୍ରୁଘନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଧର୍ମଗଡ଼ ଥାନାରେ ଅଭିଯୋଗ ହୋଇଥିଲା । ଏଡି ଅଭିଯୋଗକୁ ଭିତ୍ତି କରି ଧର୍ମଗଡ଼ ପୁଲିସ ମାମଲା ରୁଜୁ କରିବା ସହ ଦେବାନନ୍ଦ ଓ ଚନ୍ଦ୍ରଧ୍ୱଜଙ୍କୁ ଗିରଫ



କରିଛି । ଆକ୍ରମଣରେ ଗୁରୁତର ଶତ୍ରୁଘନଙ୍କୁ ପରିବାର ଲୋକେ ପ୍ରଥମେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଜଟିଳ ହେବବାରୁ ପରେ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟ ନେଇଥିଲେ । ସେଠାରୁ ପୁଣି ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

**■ ବିଷାକ୍ତ ଖଜୁରୀ ତାଡି ଜବତ**

## ବାଇକ୍ ସହ ୨ ଗିରଫ

ସିନାପାଲି, ୮।୭(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଝାରବନ୍ଧ ପଞ୍ଚାୟତ ତିଳେଇମାଳ ଗ୍ରାମରୁ ବିଷାକ୍ତ ଖଜୁରୀ ତାଡି ଜବତ ହୋଇଛି ।ଏହି ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି । ସିନାପାଲି ଅବକାରୀ ଥାନା ଅଧିକାରୀ ସିଦ୍ଧାନ୍ତ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା । ଅଭିଯୁକ୍ତ ହେଲେ ତେଲେଙ୍ଗାନା ରାଜ୍ୟ ଶାଳୀଗୌରାରମ ଗ୍ରାମର କୋପୁଲ୍ଲା ଭେଙ୍କେୟା ଏବଂ ଅନ୍ୟତମ ଅଭିଯୁକ୍ତ କୋପୁଲ୍ଲା ସୂର୍ଯ୍ୟନାରାୟଣ । ଉଭୟଙ୍କଠାରୁ ଯଥାକ୍ରମେ ୧୨୦ ଓ ୧୫୦ ଲିଟର ବିଷାକ୍ତ ତାଡ଼ି ଜବତ ହୋଇଛି । ଲିଟର ବିଷାକ୍ତ ଖଜୁରୀ ତାଡି ଜବତ ହୋଇଛି । ଏହା ସହ ଏକ ବାଇକ୍ (ଟିଏସ ୦୫ଇପି ୪୮ ୯ ୯) ଜବତ ହୋଇଛି ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

କୋକସରା, ୮।୭(ସମିସ): କଳାହାଣ୍ଡି ଜିଲ୍ଲା ଖୁଣ୍ଟିଆ ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ କୋକସରା ଥାନା ପୁଲିସ



ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଯୁବକ ହେଉଛି ଜୁନାଗଡ଼ ବ୍ଲକ କଲୋପଲା ଗ୍ରାମର ଚନ୍ଦ୍ରକାନ୍ତ ଶବର (୩୦) । ଜୁନ୍ ୨୧ ତାରିଖ ଅପରାହ୍ନରେ ଖୁଣ୍ଟିଆ ଶରଧାପୁର ଗ୍ରାମର ଜଣେ ୧୬ ବର୍ଷର ନାବାଳିକା ନିଖୋଜ ହୋଇଯାଇଥିଲେ । ଏନେଇ ପରିବାର ଲୋକେ ୨୨ ତାରିଖ କୋକସରା ଥାନାରେ ଅଭିଯୋଗ କରିଥିଲେ । ଏହାପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଶେଷରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଚନ୍ଦ୍ରକାନ୍ତକୁ ଗିରଫ କରଛି ।

## ଅବସରପ୍ରାପ୍ତ ଯବାନଙ୍କ ପରଲୋକ

କର୍ଲାମୁଣ୍ଡା, ୮।୭(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗ୍ରାମର ଅବସରପ୍ରାପ୍ତ ଯବାନ ଶରତ ଦଣ୍ଡସେନା (୫୮)ଙ୍କ ପରଲୋକ ହୋଇଯାଇଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପଡ଼ିତ ଥିଲେ । ଆଜି ସକାଳେ ହଠାତ ତାଙ୍କର ବିୟୋଗ ଘଟିଥିଲା । ବଡପୁଅ



ସୂରଜ ଦଣ୍ଡସେନା ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ କର୍ଲାମୁଣ୍ଡା ପ୍ରେସ୍ କ୍ଲବ୍, ରିଷିଡା ଗ୍ରାମ ଉନ୍ନୟନ କମିଟି, କନ୍ଧପଡ଼ା ରାଧାକୃଷ୍ଣ ସାଂସ୍କୃତିକ ସଂସଦ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯାଇଥିଲା ।

# ପଞ୍ଚାୟତ ସଦର ମହକୁମାରେ ବେହାଲ ରାସ୍ତା



ଶଗଡ଼ା, ୮।୭(ସମିସ): ସରକାର ପ୍ରତ୍ୟେକ ଗ୍ରାମକୁ ଗମନା ଗମନର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି । କିନ୍ତୁ ସ୍ଥାନୀୟ ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା ଓ ଗମନାଗମନ ଭଳି ମୌଳିକ ସୁବିଧାରୁ ଲୋକ ବଞ୍ଚିତ ହେଉଛନ୍ତି । ନାମକୁ ପରିଚିତ କରିଛନ୍ତି । ହେଲେ ପଞ୍ଚାୟତ ସଦରମହକୁମାର ମୁଖ୍ୟ ରାସ୍ତାର ଅବସ୍ଥା ନ କହିବା ଭଲ । ଦୀର୍ଘ ବର୍ଷ ହେବ ଗ୍ରାମର ରାସ୍ତା ମରାମତି ହୋଇ ନ ଥିବାରୁ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଗତ କିଛି ମାସ ପୂର୍ବେ ଗ୍ରାମର କେତେକାଂଶରେ କଂକ୍ରିଟ କରାଯାଇ ଥିଲେ ସୁଦ୍ଧା କଂକ୍ରିଟ ବର୍ତ୍ତମାନ ମାଟିରେ ମିଶି ଗଲାଣି । ଗ୍ରାମ୍ୟ ରାସ୍ତା କେବଳ ବର୍ଷା ଦିନ ନୁହେଁ ପ୍ରାୟ ସବୁ ଦିନ ପାଣି କାଦୁଅରେ ଭର୍ତ୍ତି ହୋଇଥାଏ ।

**● ଗାଁ ଦାଣ୍ଡରେ ପୋଖରୀର ଭ୍ରମ,**
**● ପାଣି କାଦୁଅ ସହ ଖାଲଖମାରେ ଭର୍ତ୍ତି**

ଏଭଳି ଅବ୍ୟବସ୍ଥା ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଗୁଡଭେଲି ପଦର ଗ୍ରାମରେ ଦେଖିବାକୁ ମିଳିଛି । ୭ ଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ୩ହଜାରରୁ ଅଧିକ ଲୋକ ବସବାସ କରନ୍ତି । ବାନ୍ଧ କାରିଗରୀ ସହ ଚଳଚ୍ଚିତ୍ର କ୍ଷେତ୍ରରେ ଏହି ଗ୍ରାମର ପ୍ରତିଭାବାନ ବ୍ୟକ୍ତି ରାଜ୍ୟ ତଥା ଦେଶରେ ଗ୍ରାମର ଗ୍ରାମରେ ପାନୀୟ ଜଳ ପାଇଁ ଲାଗିଥିବା ଷ୍ଟାଣ୍ଡ ପୋଷ୍ଟ ଗୁଡିକର ଟ୍ୟାପ ଭାଙ୍ଗି ଯାଇଛି । ସ୍ଥାନୀୟ ଜନପ୍ରତିନିଧିଙ୍କ ଅବହେଳା ଯୋଗୁଁ ପାଣି ଅନବରତ ନିର୍ଗତ ହୋଇ ରାସ୍ତା କାଦୁଅ ହୋଇଯାଏ । ସାମାନ୍ୟ ବର୍ଷା ହେଲେ ଗ୍ରାମର ମୁଖ୍ୟ ରାସ୍ତାଟି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରେ । ଦୈନନ୍ଦିନ ଶହ ଶହ ଲୋକ ଓ ଗାଡି ମୋଟର ଏହି ରାସ୍ତାରେ ଅତ୍ୟନ୍ତ ଦହନୀୟ ଅବସ୍ଥାରେ ଯିବା ଆସିବା କରିଥାନ୍ତି । ପ୍ରତ୍ୟହ ଦିନ ଶହ ଶହ ସ୍କୁଲ ପିଲା ଯିବା ଆସିବା କରିବା ସମୟରେ ଅନେକ ଛୋଟବଡ ଦୁର୍ଘଟଣା ଘଟିବା ସହ ଅନେକ କାଦୁଅ ପାଣିରେ ପଡ୍ଡୁ ବହି ବସ୍ତାନି, ପ୍ୟାଣ୍ଟ ପ୍ୟାଣ୍ଟ ସାର୍ଟ ସହ ଖଣ୍ଡିଆ ଖାବରା ମଧ ହେବାର ନଜିର ରହିଛି । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ବର୍ଷା ପାଣି ଜମି ରହିଥିବାରୁ ଏହି ପାଣି ଉପର ଦେଇ ପିଲାମାନେ ସ୍କୁଲ ଯାଇଥାନ୍ତି । ଗ୍ରାମର ଅନେକ ସ୍ଥାନରେ ଏଭଳି ଖାଲଖମା ହୋଇ ପାଣି ଜମି ରହିଥିବାରୁ ଲୋକେ ଘରୁ ବାହାରିଲେ କାଦୁଅ ପାଣି ସହ ଅସ୍ୱାସ୍ଥ୍ୟକର ପରିବେଶରେ ଯାତାୟତ କରିବା ଯୋଗୁଁ ଅନେକ ଚର୍ମ ରୋଗ ସହ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ରାସ୍ତା ସମସ୍ୟା ନେଇ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ ମଧ କେହି ଶୁଣୁ ନ ଥିବା ପ୍ରକାଶ କରିଛନ୍ତି ।ଗତ ୨ ଗ୍ରା ପୂର୍ବେ ଗ୍ରାମରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ।ଜିଲ୍ଲାପାଳ ନୂତନ ରାସ୍ତା ନିର୍ମାଣ ପାଇଁ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ବର୍ତ୍ତମାନ ସୁଦ୍ଧା ନୂତନ ରାସ୍ତା ନିର୍ମାଣ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ସଫେଇ ପାଇଁ ବରିଷ୍ଠ ନାଗରିକ ସଂଘର ଦାବି

ବୀରମହାରାଜପୁର, ୮।୭(ସମିସ):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଦୈନିକ ପନି ପରିବା ବଜାର ଅସରାଏ ବର୍ଷା ହେଲେ କାଦୁଅ ପଚ୍ ପଚ୍ ସହ ଦୁର୍ଗନ୍ଧମୟ ପାଲଟିଛି । ଏହି ସମସ୍ୟାକୁ ନେଇ ସୋମବାର ବୀରମହାରାଜପୁର ବରିଷ୍ଠ ସଂଘ ତରଫରୁ ସଫେଇ ପାଇଁ ବିଡିଓଙ୍କ ଦାବିପତ୍ର ପ୍ରଦାନ କରାଯାଇଛି । ବୀରମହାରାଜପୁର ଦୈନିକ ବଜାରକୁ ସକାଳ ହେଲେ ଶହ ଶହ ଚାଷୀ ନିଜର ପନିପରିବା ବିକ୍ରୟ କରି ପରିବାର ପୋଷଣ କରିଥାଆନ୍ତି । ପ୍ରତିଦିନ ସକାଳୁ ୬ଟା ରୁ ଅପରାହ୍ନ ୨ଘଣ୍ଟା ଖରା, ବର୍ଷା, ଶୀତରେ ପନିପରିବା ବିକ୍ରୟ କରୁଥିବା ଦେଖିବାକୁ ମିଳିଛି । ଦୈନିକ ବଜାରରେ ମାଛ ମାଂସ, ଲୁଗା ପଟା ବିକ୍ରୀ, କିରଣା ଦୋକାନ, ସାର ମଞ୍ଜି ବିହନ ଦୋକାନ ଆଦି ରହିଛି ।ମାତ୍ର ବଜାର ପରିସର ଅପରିଷ୍କାର ରହୁଥିବା ବେଳେ ପିଇବା ପାଣିର ବ୍ୟବସ୍ଥା ନାହିଁ । ବଜାରକୁ ଆସିଥିବା ଲୋକମାନଙ୍କ ସାଇକଲ, ବାଇକ୍ ଓ ଚାରିଚକିଆ ଯାନ ରଖିବାର ସୁବିଧା ନାହି । ଚାଷୀମାନେ ଅସୁରକ୍ଷିତ ସ୍ଥାନରେ ସାଇକଲ, ବାଇକ୍ ରଖିଥିବାରୁ ଅନେକ ସମୟରେ ଚୋରି ହେଉଛି । ପଞ୍ଚାୟତ କର୍ତ୍ତୃପକ୍ଷ ବିକ୍ରେତା ମାନଙ୍କ ଠାରୁ ପ୍ରତିଦିନ ଟିକସ ଆଦାୟ କରୁଥିବା ବେଳେ ସେମାନଙ୍କ ପାଇଁ ସଫେଇର ବ୍ୟବସ୍ଥା କରୁନାହିଁ କି ପାଇବା ପାଣିର ବ୍ୟବସ୍ଥା କରୁ ନାହିଁ । ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବଜାର ସାରା ଆବର୍ଜନା ମୟ ହୋଇଥିବାରୁ ମଇଳା ଗୁଡ଼ିକ ଜମୀରହି ପଚି ସଡି ଦୁର୍ଗନ୍ଧ ହେଉଛି । ବର୍ଷା ହେଲେ କାଦୁଅ ଓ ପଚା ପାଣି ଲୋକଙ୍କ ଗୋଡ଼ରେ ଲାଗି ବିଭିନ୍ନ ରୋଗ ହେବାର ସମ୍ଭାବନା ରହିଛି । ଏସବୁ ଦେଖି ସ୍ଥାନୀୟଅଧିବାସୀ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ଆଗକୁ ବର୍ଷା ଋତୁ ଆସି ଯାଇଥିବାରୁ ବ୍ଲକ ପ୍ରଶାସନ ପଞ୍ଚାୟତ ତରଫରୁ ଦୈନିକ ବଜାରରେ ପାଣି ନିଷ୍କାସନ ହେଲା ଭଳି କଂକ୍ରିଟ କରି ଡ୍ରେନ ନିର୍ମାଣ କରିବାକୁ ବୁଦ୍ଧିଜୀବି ଓ ଜନସାଧାରଣତଥା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦାବି ହୋଇଛି ।

**● ଚନାବାହାଲ ଗାଁରେ ଧାନ ମିଲ୍‌ରେ ଛତୁଆ**

## ସ୍ୱଚ୍ଛତା ନାହିଁ, କେମିତି ଚାଲିଛି ପ୍ରସ୍ତୁତି



କଣ୍ଟାବାଞ୍ଜି, ୮।୭(ସମିସ): ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ସରକାର ଆସିଡିଏସ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଛତୁଆ ଏବଂ ଅନ୍ୟନ ପୃଷ୍ଟିକର ଖାଦ୍ୟ ଯୋଗାଇ ଦେଉଛି । କିନ୍ତୁ ଛତୁଆ ବଣ୍ଟନ ଦାୟିତ୍ୱ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସରକାରୀ ନିୟମ ଉଲ୍ଲଂନ କରି ଛତୁଆ ପ୍ଲାଣ୍ଟ ବଦଳରେ ଧାନ ମିଲରେ ଛତୁଆ ପ୍ରସ୍ତୁତ କରି ଗର୍ଭବତୀ ମହିଳା ଓ ଶିଶୁଙ୍କୁ ବଣ୍ଟନ କରାଯାଉଛି । ସୂଚନା ଅନୁସାରରେ ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ୧୧ ନଂ ଜୋନର କିଛି ପଞ୍ଚାୟତକୁ ନୂତନ ଭାବରେ ଛତୁଆ ବଣ୍ଟନ କରିବାକୁ ଖୁଟଲୁମୁଣ୍ଡା ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଆସିଡିଏସ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଛି । ହେଲେ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପାଖରେ କୌଣସି ନିଜସ୍ୱ ଛତୁଆ ପ୍ଲାଣ୍ଟ ନାହିଁ ଯାହାଫଳରେ ଏମାନେ ସରକାରୀ ନିୟମ ଉଲ୍ଲଂଘନ କରି ମୁରିବାହାଲ ବ୍ଲକ ଅନ୍ତର୍ଗତ ଚନାବାହାଲ ଗାଁରେ ଥିବା ଧାନ ମିଲ ରେ ଛତୁଆ ପ୍ରସ୍ତୁତ କରୁଥିବା ଦେଖାଯାଇଛି । ସରକାରୀ ନିୟମ ଅନୁଯାଇ ଛତୁଆ ପ୍ରସ୍ତୁତ ସ୍ଥାନ ପରିବେଶ ସଫାସୁତୁର ରହିବା କଥା କିନ୍ତୁ ଏଠାରେ ସଫାସୁତୁର କଥା ନ କହିବା ଭଲ । ଗୋଟିଏ ମେସିନରେ ଛତୁଆ ପ୍ରସ୍ତୁତ କରାଯାଉଥିବା ବେଳେ ମିଲର ଅନେକ ସ୍ଥାନ ଅଳିଆ ଆବର୍ଜନ ପଡ଼ି ରହିଛି । ଯାହାଫଳରେ ଗର୍ଭବତୀ ଓ ଶିଶୁଙ୍କ ଜୀବନ ବିପଦରେ ରହିଛି । ଏଠାରେ ଧାନ ମିଲରେ ଛତୁଆ ପ୍ରସ୍ତୁତ ହେଉଥିବା ବେଳେ ଧାନକୁଣ୍ଡା ଉଡି ପ୍ରଦୁଷଣ ହେଉଛି । ଏମିତି ଧାନ ମିଲରେ ଛତୁଆ ପ୍ରସ୍ତୁତ କରିବାକୁ କେଉଁ ଅଧିକାରୀ ଅନୁମତି ଦେଲେ ବୋଲି ପ୍ରଶ୍ନ ଉଠୁଛି । ଅନ୍ୟପକ୍ଷ ୨୦୧୯, ୨୦୨୦ ମସିହାରେ ଏହି ମିଲରେ ମୁରିବାହାଲ ବ୍ଲକ ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କରି ବଣ୍ଟନ କରୁଥିବା ବେଳେ ସେହି ସମୟର ତତ୍କାଳୀନ ଟିଟିଲାଗଡ଼ ଉପ ଜିଲ୍ଲାପାଳ ଚନାବାହାଲ ଗାଁରେ ଥିବା ଏହି ମିଲ ପରିଦର୍ଶନ କରି ଛତୁଆ ପ୍ରସ୍ତୁତ ପାଇଁ ଉପଯୁକ୍ତ ନୁହେଁ କହି ମିଲକୁ ବ୍ଲାକ୍ ଲିଷ୍ଟ କରି ଦୁଇ ୨ ସ୍ୱୟଂ ସହାୟକ ଗୋଷ୍ଠୀ ଚୁକ୍ତି ନାମା ରଦ୍ଦ କରିଥିଲେ । ଯେଉଁ ମିଲ ଉପରେ ପୂର୍ବରୁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଛି ପୁଣି ଥରେ କାହା ଅନୁମତିରେ ସେହି ମିଲରେ ଛତୁଆ ପ୍ରସ୍ତୁତ କରାଯାଉଛି । ଏନେଇ ତୁରେକେଲା ସିଡିପିଓଙ୍କୁ ପଚାରିବାରୁ ସେମାନେ ନୂଆ ଭାବରେ ପାଇଛନ୍ତି ତାଙ୍କ ପ୍ଲାଣ୍ଟ ନାହିଁ ସେଠାରେ ଏଗ୍ରିମେଣ୍ଟ କରି ଚଳାଉଛନ୍ତି । ଯଦି କିଛି ସେଠାରୁ ଅସୁବିଧା ହେଉଛି ଆମେ ଯିବୁ ଦେଖିବା ସେଠି କଣ ଠିକ ହେବ ବୋଲି କହିଛନ୍ତି । ସେପଟେ ବଲାଙ୍ଗିର ଜିଲ୍ଲାପାଳ ନଜର ଦେଇ ଉପଯୁକ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ମରଣଯନ୍ତା ପାଲଟିଛି ସହରର ମୁଖ୍ୟ ରାସ୍ତା



ପାଟଣାଗଡ଼, ୮।୭(ସମିସ): ପାଟଣାଗଡ଼ରୁ କଣ୍ଟାବାଞ୍ଜିକୁ ଯାଉଥିବା ସହରର ମୁଖ୍ୟ ରାସ୍ତା ତଥା ୪୨ ନମ୍ବର ରାଜ୍ୟ ରାଜପଥ ବ୍ଲକ ଛକ ନିକଟରେ ମରାମତି ଅଭାବରୁ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଏପରିକି ଏହି ରାସ୍ତା ଦେଇ ବିଭିନ୍ନ ବିଭାଗୀୟ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳ ମଧ୍ୟ ଯାତାୟାତ କରିଥାନ୍ତି । କିନ୍ତୁ ଏହି ରାସ୍ତା ଉପରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନଥିବା ଏକ ଅନୁତାପର ବିଷୟ ବୋଲି ସହରବାସୀ ଅଭିଯୋଗ ଆଣିଛନ୍ତି । ମରାମତି ଅଭାବରୁ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଛି । ନିମ୍ନମାନର କାମ ଯୋଗୁଁ ଏହି ରାସ୍ତାର ଅବସ୍ଥା ବାରମ୍ବାର ଶୋଚନୀୟ ହୋଇପଡୁଥିବା ସହରବାସୀ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ବର୍ଷା ଋତୁ ଚାଲିଥିବା ବେଳେ ରାସ୍ତାରୁ ପିଚୁ ଉଠି ଖାଲଖମାରେ ଭର୍ତ୍ତି ହୋଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି । ଅନ୍ୟପଟେ ଉକ୍ତ ରାସ୍ତା ଦେଇ ପ୍ରାୟତଃ ଭାରୀଯାନ ଗୁଡ଼ିକ ମଧ ଚଳାଚଳ କରୁଥିବାରୁ ରାସ୍ତା ଆହୁରି ଶୋଚନୀୟ ହୋଇ ମରଣଯନ୍ତା ପାଲଟିଛି । ରାସ୍ତାର ଏକ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବ୍ରହ୍ମପୁରା ପଟୁ ଆସୁଥିବା ଡ୍ରେନ୍ ପାଣି ରାସ୍ତା ଉପରେ ବୋହିବାରେ ଲାଗିଛି । ଏପଟେ ଡ୍ରେନ ପାଣି ସାଙ୍ଗକୁ ବର୍ଷା ପାଣି ବିଭିନ୍ନ ଖାଲ ସ୍ଥାନ ଗୁଡିକରେ ଜମା ହେବାରୁ ପୁତିମୟ ଗନ୍ଧ ବାହାରୁଛି । ଆଗାମୀ ଦିନରେ ଏହି ଡ୍ରେନ ପାଣି ଯୋଗୁଁ ମଶା ମାଛିଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ସହରରେ ବିଭିନ୍ନ ରୋଗ ବ୍ୟାପିବାର ସମ୍ଭାବନା ରହିଛି । ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି ।


### ମନରେଗାରେ ବ୍ୟାପକ ଅନିୟମିତତା

# ବଙ୍ଗୋମୁଣ୍ଡା ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ପଞ୍ଚାୟତବାସୀ

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୮।୭ (ସମିସ)

କେନ୍ଦ୍ର ସରକାର ମନରେଗା ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ଶ୍ରମିକ ଙ୍କୁ ରୋଜଗାର ଯୋଗାଇ ଦେଉଥିବା ବେଳେ ପଞ୍ଚାୟତ ଅଧିନସ୍ଥ ଅନେକ ଗାଁର ଉନ୍ନତିମୂଳକ କାର୍ଯ୍ୟ ମନରେଗା ଯୋଜନାରେ ମେଟ୍ରିଆଲ କାମ ମଧ କରାଯାଉଛି । ଯେଉଁଥିରେ ପୋଖରୀ କଡରେ ଗାଡୱାଲ

**● କାମ ନ କରି ଟଙ୍କା ଉଠାଣ ଅଭିଯୋଗ**



ନିର୍ମାଣ, ପାହାଚ ନିର୍ମାଣ, କଂକ୍ରିଟ ରାସ୍ତା ସହ ଅନ୍ୟାନ ନିର୍ମାଣ କାର୍ଯ୍ୟ କରାଯାଉଛି । ହେଲେ ସେହି ମେଟ୍ରିଆଲ କାମରେ ଅନେକ ଅନିୟମିତା ହୋଇଥିବା ଅଭିଯୋଗ ହେଉଛି । ଅନିୟମିତା ଅଭିଯୋଗ ନେଇ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଝରିଆଲରୁ ସୋମବାର ଶତାଧିକ ଝରିଆଲ ପଞ୍ଚାୟତବାସୀ ବଙ୍ଗୋମୁଣ୍ଡା ବ୍ଲକ ପ୍ରଶାସନ ଦ୍ୱାରସ୍ଥ ହୋଇ ବିଡ଼ିଓ ବାସନ୍ତୀ ସେଠିଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଝରିଆଲ ପଞ୍ଚାୟତରେ ମନରେଗାର ଯୋଜନାରେ ମେଟ୍ରିଆଲ କାମ ହୋଇଥିବା ତଲରବନ୍ଧ ଟ୍ୟାଙ୍କ ରାଣୀପୁର, ବେହେରାବନ୍ଧ ଟ୍ୟାଙ୍କ ରାଣୀପୁର, ଉପରବନ୍ଧ ଟ୍ୟାଙ୍କ ରାଣୀପୁର, ଝରିଆଲରୁ ଝାକରପଡ଼ା ରାସ୍ତା, ନର୍ଲାବନ୍ଧରୁ ବାଲିଖମାର ରାସ୍ତା, ରାଣୀପୁର ଝରିଆଲ ଆରଡି ରାସ୍ତା ଠାରୁ ରୁରାଲ ପାର୍କ, ପ୍ଲେଗ୍ରାଉଣ୍ଡ ଝରିଆଲ, ନୂଆବନ୍ଧ ଟ୍ୟାଙ୍କ ଝରିଆଲ ଏହି ୮ ଟି କାମ ପଞ୍ଚାୟତରୁ ଚଳିତ ୨୦୨୪-୨୫ ଓ ୨୦୨୫-୨୬ରେ ମନରେଗାର ଯୋଜନାରେ ୨୩ ଲକ୍ଷ ୩ ହଜାର ୭୯୧ ଟଙ୍କା ମେଟ୍ରିଆଲ କାମ କରାଯାଇଥିବା ଜଣାପଡ଼ିଛି । ହେଲେ ବାସ୍ତବରେ କାମ ଠିକ ଭାବେ ନହୋଇ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ଆଣିଛନ୍ତି । ଦିର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ମେଟ୍ରିଆଲ କାମ ମନରେଗା ଯୋଜନା ମାଧ୍ୟମରେ ଏହି ପଞ୍ଚାୟତରେ କରାଯାଇଥିବା ବେଳେ ଅନେକ କାମ ହୋଇନାହିଁ । ଅନେକ କାମ କାଗଜପତ୍ର ରେ ହୋଇଛି ସରକରୀ ନିୟମ ଉଲ୍ଲଂଘନ କରି ମନମୁତାବକ ଭେଣ୍ଡର ନାରେ ଟଙ୍କା ଛଡା ଯାଉଛି ବୋଲି ଅଭିଯୋଗକାରୀମାନେ ଅଭିଯୋଗ ଆଣିଛନ୍ତି । ଏହି କାର୍ଯ୍ୟଗୁଡିକର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି । ବଙ୍ଗୋମୁଣ୍ଡା ବିଡିଓଙ୍କୁ ଅଭିଯୋଗ ପତ୍ର ଦେବା ପରେ ଏହାର ନକଲ ବଲାଙ୍ଗିର ଜିଲ୍ଲାପାଳ, ପିଡି ଡିଆରଡିଏ ବଲାଙ୍ଗିର, ସହ ଟିଟିଲାଗଡ଼ ଉପ ଜିଲ୍ଲାପାଳଙ୍କୁ ମଧ ପ୍ରଦାନ କରାଯାଇଛି । ଏନେଇ ବଙ୍ଗୋମୁଣ୍ଡା ବିଡିଓ ବାସନ୍ତୀ ସେଠିଙ୍କୁ ପଚାରିବାରୁ ଏନେଇ ଝରିଆଲ ପଞ୍ଚାୟତରୁ କିଛି ଲୋକ ଆସିଥିଲେ ଅଭିଯୋଗ ପତ୍ର ଦେଇଛନ୍ତି । ଯେଉଁ କାମରେ ଅନ୍ୟମିତତା ହୋଇଛି ତାର ତଦନ୍ତ କରାଯିବା ଓ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏନେଇ ଝରିଆଲ ପଞ୍ଚାୟତ ସରପଞ୍ଚ ଭରଦ୍ୱାଜ ଗହିରଙ୍କୁ ପଚାରିବାରୁ ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନେ ଜାଣିବେ କେଉଁ ଦୁର୍ନୀତି ହୋଇଛି । ମୋ ମତ କିଛି ହୋଇନାହିଁ କହି ପ୍ରଶ୍ନକୁ ଏଡାଇ ଦେଇଛନ୍ତି । ପୂର୍ବ ମଧ ଝରିଆଲ ପଞ୍ଚାୟତରେ ମନରେଗାରରେ ବ୍ୟାପକ ଅନିୟମିତା ସହ ଅନେକ ସମୟରେ ଶ୍ରମିକ ବଦଳରେ ମେସିନରେ କାମ କରି ଶ୍ରମିକଙ୍କୁ ନେଇ ଜିଓଟେକ କରି ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ମନରେଗା ଟଙ୍କା ଜମା କରାଯାଉଥିବା ଅଭିଯୋଗ ହୋଇ ଆସୁଛି । କିନ୍ତୁ ଏହି ଅନିୟମିତତାରେ ବ୍ଲକ କାର୍ଯ୍ୟାଳୟର କିଛି କର୍ମଚାରୀ ସାମିଲ ରହି ଅନିୟମିତତାକୁ ଚାପି ଦେଉଥିବା ଅଭିଯୋଗ ହେଉଛି । ବଙ୍ଗୋମୁଣ୍ଡ ବ୍ଲକ ପ୍ରଶାସନ ଏହି ଅଭିଯୋଗ ଉପରେ ତଦନ୍ତ କରିବ ନା କାହା ଚାପରେ ଅଭିଯୋଗକୁ ଚାପି ଦେବ ଦେଖିବାକୁ ରହିଲା । ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି ।

କୂଳ ଲଙ୍ଘିଲା ଭେଡେନ ଓ ତେଲେନ ନଦୀ

# ଅନେକଗ୍ରାମ ଜଳଘେରରେ, ଚାଷଜମି ଜଳାର୍ଣ୍ଣବ





କୋଲାବିରା, ୮।୭ (ସମିସ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଭେଡେନ ନଦୀ, ତାର ଶାଖାନଦୀ, ତେଲେନ ଆଦି ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀ ଗୁଡିକ ଫୁଲିବାରେ ଲାଗିଛି। କୋଲାବିରା ବ୍ଲକ ଅଞ୍ଚଳରେ ତିନିଦିନ ଧରି ଅବିଶ୍ରାନ୍ତ ଭାବେ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହେବା ସହିତ ତେଲେନ ଏବଂ ଭେଡେନ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏକଦା ଝାରସୁଗୁଡା ଜିଲ୍ଲାରେ କୋଲାବିରା ବ୍ଲକରେ ଜିଲ୍ଲାର ସର୍ବନିମ୍ନ ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ କେବଳ ୬ ତାରିଖ ରାତିରେ ବ୍ଲକରେ ସର୍ବାଧିକ ୨୩୩ ମିମି ବର୍ଷା ରେକର୍ଡ ହୋଇଛି। ଏହାପୂର୍ବରୁ ଏତେ ପରିମାଣର ବର୍ଷା ଗୋଟିଏ ଦିନରେ କେବେ ହୋଇନଥିବାରୁ ଏହାକୁ ସର୍ବକାଳୀନ ରେକର୍ଡ ବର୍ଷା ବୋଲି କୁହାଯାଉଛି। ଠିକ ୨୪ ବର୍ଷ ତଳେ ୨୦୦୧ ମସିହା ଜୁଲାଇ ୧୬ ଓ ୧୭ ତାରିଖ କୋଲାବିରା ଅଞ୍ଚଳରେ ବନ୍ୟା ବିଭୀଷିକା ଦେଖା ଦେଇଥିଲା। ତା ପରଠାରୁ ପ୍ରଥମଥର ଚଳିତବର୍ଷ ବନ୍ୟା ଜଳ ସେତବେଳର ବିପଦସୀମା ଅତିକ୍ରମ କରିଛି। କୋଲାବିରା ବ୍ଲକ ତେଲେନ ଏବଂ ଭେଡେନ ନଦୀ ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ପଟ୍ଟାପଡ଼ା, ସାହ୍ଲେପାଲି, କୁଲିତା ସମାସିଂହା, ଅମନାପାଲି, ମଙ୍ଗରାପାଲି, ଗାଞ୍ଜେରମାଲ, ଭଦୁଆପଡ଼ା, କୁକିଆଡେରା, ଭିମଯୋର ଆଦି ଗାଁକୁ ବଢ଼ିପାଣି ମାଡି ଆସିଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। କୋଲାବିରାରୁ ଏହି ଅଞ୍ଚଳକୁ ସଂଯୋଗ କରୁଥିବା ତରେଇକେଲା ନାଲା ଉପରେ ୧୦ଫୁଟ ଉପରେ ପାଣି ପ୍ରାବାହିତ ହେଉଥିବା ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି କୋଲାବିରା ଅଞ୍ଚଳରୁ ଝାରସୁଗୁଡା, କୁଚିଣ୍ଡା ଆଦି ସ୍ଥାନକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପଟାପଡ଼ା ଓ ସାହ୍ଲେପାଲିର ଗ୍ରାମବାସୀ ପାଣି ଘେରରେ ରହିଛନ୍ତି। ସେହିପରି ସୋଢାମାଲ ପଞ୍ଚାୟତର ଅମନାପାଲି, ଜଗପଡ଼ା, ମହାଦେବ ପାଲି, ଗୁଛାପାଲି, ମଙ୍ଗରାପାଲି, ଗାଞ୍ଜେରମାଲ, ଭଦୁଆପଡ଼ା, କୁକିଆଡେରା ଏବଂ ଭିମଜୋର ଗ୍ରାମ ମଧ୍ୟ ଜଳଘେରରେ ରହିଥିବାର ସୂଚନା ମିଳିଛି। ତରେଇକେଲା ନାଲା, ସମାସିଂହା-ଜଳପଡ଼ା ରାସ୍ତା ଏବଂ କୁଲିତା ସମାସିଂହା ନିକଟସ୍ଥ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବ୍ଲକ ମୁଖ୍ୟାଳୟରୁ ତରେଇକେଲା, ଭଙ୍ଗାମୁଣ୍ଡା, କୁଲିତା, ସମାସିଂହା, କାଲିପଡ଼ା, କୁମ୍ଭାରମାଲ, ଭେଜିକୁଦ, ଭଜୁପଡ଼ା, ଜଲଡିହି, ସାହ୍ଲେପାଲି ଏବଂ ପଟ୍ଟାପଡ଼ା ଆଦି ଗ୍ରାମକୁ ସମ୍ପୂର୍ଣ୍ଣ ଭାବରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।



ତିନିଦିନ ଧରି ଲଗାତାର ବର୍ଷା ଯୋଗୁଁ ଶହଶହ ହେକ୍ଟର ଚାଷଜମି ଜଳମଗ୍ନ ହେବା ସହିତ ବାଲିଚରି ଯାଇଥିବାରୁ ଚାଷି ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଚାଷଜମିରେ ବନ୍ୟାଜଳ ମାଡିଯିବା ଫଳରେ ଧାନ ପଚିଯିବାର ଆଶଙ୍କା ଦେଖା ଦେଇଛି। ଲଗାଣ ବର୍ଷା ଯୋଗୁଁ ଅମନାପାଲି ଧାତୁଙ୍ଗଟିକ୍ରା ନାଲା ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଲଇଡାକୁ ସଂଯୋଗ କରୁଥିବା ରାସ୍ତାରେ ଯାତାୟାତ ଠପ୍ ହୋଇଛି। ଅନେକ ସ୍ଥାନରେ ରାସ୍ତାଘାଟ ଧୋଇ ଯାଇଛି। ଅନେକ ଲୋକଙ୍କ ଘର ଭାଙ୍ଗିଥିବା ସୂଚନା ମଧ୍ୟ ମିଳିଛି। ଅମନାପାଲି ଅଞ୍ଚଳରୁ ଅନେକ ଗାଇ ଗୋରୁ, ଛେଳି ମେଣ୍ଢା ବନ୍ୟା ଜଳରେ ଭାସି ଯାଇଥିବା ନେଇ ସୋଢାମାଲ ସରପଞ୍ଚ ଚନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ସବୁ ସ୍ଥାନରେ ପାଣି ଭର୍ତ୍ତି ହୋଇଯିବାରୁ ଅନେକ ସାପ ବାହାରୁଥିବା ଦେଖିବାକୁ ମିଳୁଛି।

ବର୍ଷା ବିପନ୍ନଙ୍କ ବିଷୟରେ ପଚାରିବାକୁ କୋଲାବିରା ବିଡିଓ ଏବଂ ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେମାନେ ଫୋନ ରିସିଭ କରୁ ନଥିବାରୁ ବନ୍ୟା ପରିସ୍ଥିତି ସଂକ୍ରାନ୍ତୀୟ ସରକାରୀ ତଥ୍ୟ ମିଳିପାରି ନାହିଁ। ପ୍ରଭାବିତ ସ୍ଥାନରେ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ତରଫରୁ କୋଲାବିରା ବିଡିଓ କିମ୍ବା ତହସିଲଦାର କାହାରି ଆଜିଯାଏଁ ଦେଖା ମିଳି ନଥିବା ଲୋକେ ଅଭିଯୋଗ କରୁଛନ୍ତି। ତେବେ ତେଲେନ ନଦୀ ସହ ଶାଖା ନଦି ଗୁଡାକର ଜଳସ୍ତର ସାମାନ୍ୟ କମିବାରେ ଲାଗିଛି। ମାତ୍ର ଭେଡେନ ନଦୀର ଜଳସ୍ତର ବଢୁଛି। ଯଦି ଅଧିକ ବର୍ଷା ହୁଏ ତେବେ ପରିସ୍ଥିତି ଗମ୍ଭୀର ହେବାର ସମ୍ଭାବନା ରହିଛି।

## ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**ରାଉରକେଲା, ୮।୭ (ସମିସ):** ରାଜ୍ୟବ୍ୟାପି ଓଡ଼ିଶା ଡ୍ରାଇଭର ମହାସଂଘରର ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ପ୍ରଭାବ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାଠାରେ ମଙ୍ଗଳବାର ଦେଖିବାକୁ ମିଳିଛି। ଜିଲ୍ଲାର ସମସ୍ତ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଥିଲେ। ସ୍ଥାନୀୟ ପାନପୋଷ ରୁପୁଟୋଲା ଛକଠାରେ ଶତାଧିକ ଡ୍ରାଇଭର ଧାରଣା ଦେଇଥିଲେ। ଫଳରେ ବିଭିନ୍ନ ଅଞ୍ଚଳକୁ ଚଳାଚଳ କରୁଥିବା ଘରୋଇ ବସ୍ ସେବା ଠପ୍ ହୋଇଥିବା ବେଳେ ଆମ ବସ୍ ଓ ଅନ୍ୟ ଗାଡ଼ି ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ବୁଧବାର ମିଳିତ ଶ୍ରମ ସଂଗଠନ ୨୪ ଘଣ୍ଟିଆ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଡାକରା ଦେଇଥିବାବେଳେ ଷ୍ଟିୟରିଂ ଛାଡ ଆନ୍ଦୋଳନକୁ ମଧ୍ୟ ଆହୁରି ଜୋରଦାର କରାଯିବ ବୋଲି ଡ୍ରାଇଭର ସଂଘ ପକ୍ଷରୁ କୁହାଯାଇଛି। ଆସନ୍ତାକାଲି ଠାରୁ ଚାଳକମାନେ ସବୁ ଗାଡ଼ିକୁ ରାଜରାସ୍ତାରେ ଅଟକାଇବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଡ୍ରାଇଭର ମହାସଙ୍ଘ ପକ୍ଷରୁ ରାଜ୍ୟ ସରକାରଙ୍କ ଆଗରେ ୭ ଗୋଟି ଦାବି ଉପସ୍ଥାପନ କରାଯାଇଛି। ଏହି ଦାବି ଗୁଡିକ ସରକାର ପୂରଣ ନକଲେ ଅନିର୍ଦ୍ଦିଷ୍ଟ କାଳ ଏହି ଆନ୍ଦୋଳନ ଚାଲିବ ବୋଲି ସଙ୍ଘର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ମତ ଦେଇଛନ୍ତି।



**ବଣାଇଁ:** ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ ଆନ୍ଦୋଳନର ପ୍ରଭାବ ବଣାଇଁ ଉପଖଣ୍ଡ ଅଞ୍ଚଳରେ ପଡ଼ିଛି। ଉପଖଣ୍ଡର ଗୁରୁଣ୍ଡିଆ, ଲହୁଣୀପଡ଼ା ସମେତ ବଣାଇଁ ସଦର ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ୧୪୩ ନମ୍ବର ଜାତୀୟ ରାଜପଥ ରାଜା ମୁଣ୍ଡା ବାଇପାସ୍‌ଠାରେ ଡ୍ରାଇଭରମାନେ ଆନ୍ଦୋଳନ କରିଛନ୍ତି। ରାଜ୍ୟସରକାର ସେମାନଙ୍କର ଦାବି ଗୁଡିକୁ ପୂରଣ କରୁନଥିବାରୁ ସଂଘର କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଥିଲେ। ୭ଗୋଟି ଦାବି ନେଇ ଆନ୍ଦୋଳନ ଜାରି ରହିଛି ବୋଲି ବ୍ଲକ ସଭାପତିମାନେ କହିଛନ୍ତି। ସରକାର ଦାବି ପୂରଣ ନକଲେ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଥିଲେ। ବଣାଇଁରେ ଅଖଚକ ବନ୍ଦ ରହିବା ଯୋଗୁଁ ସାଧାରଣ ଗମନାଗମନ ବାଧାପ୍ରାପ୍ତ ହୋଇଛି। ସମସ୍ତ ବେସରକାରୀ ବସ୍ ବନ୍ଦ ରହିଥିବା ବେଳେ କେବଳ ଆମ ବସ୍ ଯୋଗେ କାଁଭାଁ ଯାତ୍ରୀମାନେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା।

**କୁତ୍ରା:** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା, ରାଜଗାଙ୍ଗପୁର ଓ ବଡ଼ଗାଁ ବ୍ଲକର ଡ୍ରାଇଭର ସଂଘର ସମସ୍ତ ଡ୍ରାଇଭର କୁତ୍ରା ବ୍ଲକର ରାଞ୍ଚି ରୋଡଠାରେ ଏକତ୍ରିତ ହୋଇ ଧର୍ମଘଟ କରିଥିଲେ। ସରକାର ସେମାନଙ୍କ ଦାବି ପୂରଣ କରିବା ପାଇଁ ପଦକ୍ଷେପ ନେଉନଥିବା ନେଇ ରାଞ୍ଚିରୋଡଠାରେ ଆନ୍ଦୋଳନରତ ଡ୍ରାଇଭର ମହସଂଘର ସଦସ୍ୟ ମାନେ ପ୍ରକାଶ କରିଛନ୍ତି। ଏଠାରେ ମହସଂଘର ତିନୋଟି ବ୍ଲକର ଶତାଧିକ ଡ୍ରାଇଭର ଉପସ୍ଥିତ ରହି ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିୟରିଂ ଛାଡ ଆନ୍ଦୋଳନକୁ ସଫଳ କରିବା ପାଇଁ ସମର୍ଥନ ଜଣାଇଛନ୍ତି। ଡ୍ରାଇଭର ମହାସଂଘର ଏହି ଆନ୍ଦୋଳନ ଯୋଗୁଁ ସମସ୍ତ ଘରୋଇ ବସ, ଟ୍ରକ ଆଦି ଚଳାଚଳ ବନ୍ଦ ଥିବାବେଳେ ପରିବହନ ବ୍ୟବସ୍ଥା ଠପ୍ ହୋଇଯାଇଛି।

## ରାଜସ୍ୱ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ



**ବଣାଇଁ, ୮।୭ (ସମିସ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ୧୦ ଦଫା ଦାବି ପୂରଣ ନିମନ୍ତେ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବଣାଇଁ ଉପଖଣ୍ଡର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀ କଳା ବ୍ୟାଚ ପରିଧାନ କରି ମଙ୍ଗଳବାର କାର୍ଯ୍ୟ କରିଛନ୍ତି। ଆଗାମୀ ୧୫ ଦିନ ଭିତରେ ସରକାର ଦାବି ପୂରଣ ନକଲେ ଆସନ୍ତା ୧୪ ତାରିଖରୁ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସରକାରଙ୍କୁ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ସାଧାରଣ ଲୋକଙ୍କ କାମରେ ଅସୁବିଧା ହେଲେ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ରାଜଗାଙ୍ଗପୁରରେ ଗୋଷ୍ଠୀ ସଂଘର୍ଷ

## ୬ ଗିରଫ; ମାରଣାସ୍ତ୍ର ଜବତ

ରାଉରକେଲା/ରାଜଗାଙ୍ଗପୁର, ୮।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ଗୋଟିଏ ସମ୍ପ୍ରଦାୟର ଦୁଇ ଗୋଷ୍ଠୀ ମଧ୍ୟରେ ସୋମବାର ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ ମଙ୍ଗଳବାର ସନ୍ଧ୍ୟାରେ ୬ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଗିରଫ ଯୁବକମାନେ ହେଲେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରବାନି ଛକ ନିବାସୀ ମହମ୍ମଦ ପରଭେଜ୍, ମହମ୍ମଦ ଫିରୋଜ, ମହମ୍ମଦ ଦିଲନାଓ୍ବାଜ ଓ ଅର୍ମାନ ହାସମି। ସେହିପରି ଅପର ଗୋଷ୍ଠୀର ରାଜଗାଙ୍ଗପୁର ଥାନା ଇଦଗା ମହଲାର ସଦାମ ହୁସେନ୍ ଓ ଅବତାବ ଖାନ୍‌ଙ୍କୁ ପୁଲିସ ଗିରଫ କରିଥିବା ସୂଚନା ମିଳିଛି। ସେମାନଙ୍କଠାରୁ ପୁଲିସ ଏକ ତେଲେଙ୍ଗା କାତି, ଛୁରୀ, ଲୁହା ପାଇପ୍ ଆଦି ମାରଣାସ୍ତ୍ର ଜବତ କରିଥିବା ଜଣାପଡ଼ିଛି। ଏହି ଗୋଷ୍ଠୀ ସଂଘର୍ଷ ପୂର୍ବ ଶତ୍ରୁତାକୁ ନେଇ ଘଟିଥିବାବେଳେ ଭୁଜାଲି ଖଣ୍ଡା ଚୋଟରେ ଆହତ ହୋଇଥିବା ୬ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଆହତମାନେ ହେଲେ ଏମ୍‌ଡି ଆରିଫ, ଏମଡି ଅର୍ଷଦ, ଏମ୍‌ଡି ସମଶେର ଓ ଏମ୍‌ଡି ସେହେନଓ୍ବାଜ୍। ସୂଚନା ମୁତାବକ, ରାଜଗାଙ୍ଗପୁରରେ ରବିବାର ଦିନ ମୋହରମ୍ ଶୋଭାଯାତ୍ରା ଚାଲିଥିବା ବେଳେ ରବାନି ଛକ ନିକଟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀର ମାରଣାସ୍ତ୍ର ଆକ୍ରମଣରେ ଅନ୍ୟ ଗୋଷ୍ଠୀର ଆସିଫ ରାଜା ନାମକ ଜଣେ ଆହତ ହୋଇଥିଲେ। ଏନେଇ ସେ ରାଜଗାଙ୍ଗପୁର ଥାନାରେ ଏତଲା ଦେଇଥିଲେ। ସେପଟେ ଆସିଫ ରାଜାଙ୍କ ବିରୋଧରେ ମଧ୍ୟ ବିପକ୍ଷ ଗୋଷ୍ଠୀ ପାଲଟା ଅଭିଯୋଗ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ଗୋଷ୍ଠୀ ପକ୍ଷରୁ ଦିଆଯାଇଥିବା ଏତଲାକୁ ଭିତ୍ତି କରି ୨ଟି ପୃଥକ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଥାନା ଅଧିକାରୀ ବିଜୟ କୁମାର ଦାସ, ଡିଏସପି ମନୋରଞ୍ଜନ ପ୍ରଧାନଙ୍କ ସହ ବଡଗାଁ ଏସଡିପିଓ ବିଭୂତି ଭୂଷଣ ଭୋଇ ଘଟଣାର ତଦନ୍ତ କରୁଛନ୍ତି।

## ଟଙ୍କା ପାଇଁ ବଡ଼ ଭାଇକୁ ହତ୍ୟା; ସାନଭାଇ ଗିରଫ

ରାଉରକେଲା, ୮।୭ (ସମିସ): ୪୦ ହଜାର ଟଙ୍କା ନେଇ ନ ଫେରାଇବାରୁ ବଡ ଭାଇକୁ କୋଡିରେ ଆକ୍ରମଣ କରି ନିର୍ମମ ଭାବେ ହତ୍ୟା କରିଛି ସାନ ଭାଇ। ଅଭିଯୁକ୍ତ ହତ୍ୟାକାରୀ ସାନ ଭାଇକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ହେଉଛି ଅଭି ଶବର (୨୨)।



ସୂଚନାମୁତାବକ, ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସାନପତ୍ରାପାଲି ନିକଟ କେନ୍ଦାଖୋଲ ଗାଁରେ ବାସ କରୁଥିବା ରାଜେଶ ଶବର ଓ ତାର ସାନ ଭାଇ ଅଭି ଶବର ଦୁହେଁ ଗୋଆରେ ରହି ମାଛ ଧରା କାର୍ଯ୍ୟ କରନ୍ତି। ନିକଟରେ ଚାଷ କାମ କରିବାକୁ ସେମାନେ ଗାଁକୁ ଆସିଥିଲେ। ତେବେ ଗତ କିଛିଦିନ ପୂର୍ବେ ସାନଭାଇ ଅଭି ବଡ ଭାଇ ରାଜେଶ ଠାରୁ ୪୦ ହଜାର ଟଙ୍କା ଉଦ୍ଧାର ଆଣି ସେ କିଣିଥବା ମୋଟରସାଇକେଲର କିସ୍ତି ଦେଉଥିଲା। ଆଜି ରାଜେଶ ବଜାର ଯିବା ପାଇଁ ଅଭିକୁ ତାର ମୋଟରସାଇକେଲ ମାଗିଥିଲା। ହେଲେ ଅଭି ମୋଟରସାଇକେଲ ଦେବାକୁ ମନା କରି ଦେବାରୁ ଏଥିରେ ରାଗି ଯାଇ ସେ ଉଦ୍ଧାର ନେଇଥିବା ୪୦ ହଜାର ଟଙ୍କା ତୁରନ୍ତ ଫେରସ୍ତ କରିବାକୁ କହିଥିଲା। ଏହି ଘଟଣାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇଥିଲା। ପରେ ତାହା ଉଗ୍ର ରୂପ ଧାରଣ କରିଥିଲା। ଯେଉଁଥିରେ ଉତ୍‌କ୍ଷିପ୍ତ ହୋଇ ଅଭି ଏକ କାଠ ଫାଳିଆରେ ବଡ ଭାଇ ରାଜେଶକୁ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ରାଜେଶ ତଳେପଡ଼ି ଚିତ୍କାର କରୁଥିବା ବେଳେ ଅଭି ଏକ କୋଡି (କୋଦାଳ)ରେ ତାକୁ ବାରମ୍ବାର ଆକ୍ରମଣ କରିଥିଲା। ଫଳରେ ଘଟଣା ସ୍ଥଳରେ ରାଜେଶ ପ୍ରାଣବାୟୁ ଉଡିଯାଇଥିଲା। ଖବରପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ଘଟଣାର ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଅଭିକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବାବେଳେ ହତ୍ୟାକାଣ୍ଡରେ ବ୍ୟବହୃତ କାଠ ଫାଳିଆ ଓ କୋଡିକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ରାଉରକେଲା, ୮।୭ (ସମିସ):** ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ପୋକ୍ସୋ ଅଦାଲତର ବିଚାରପତି ଦୁଷ୍କର୍ମକାରୀକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ସୂଚନାନୁଯାୟୀ, ୨୦୨୩ ମସିହା ଫେବୃଆରୀ ମାସରେ ହେମଗିରି ଥାନା ଅଞ୍ଚଳର ଜଣେ ୯ ବର୍ଷିଆ ନାବାଳିକାକୁ କୁନା ପ୍ରଧାନ ନାମକ ଜଣେ ଯୁବକ ଦୁଷ୍କର୍ମ କରିଥିଲା। ଏହି ଘଟଣାରେ ହେମଗିରି ଥାନା ପୁଲିସ କୁନା ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି ଆଜି ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତ କୁନା ପ୍ରଧାନକୁ ୨୦ ବର୍ଷ ପାଇଁ ସଶ୍ରମ କାରାଦଣ୍ଡାଦେଶ ସହ ୨୦ ହଜାର ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ରହିଲେ ଆହୁରି ୧ ବର୍ଷ ଜେଲ ଦଣ୍ଡାଦେଶ କରିଛନ୍ତି। ପୀଡ଼ିତା ପରିବାରକୁ ୭ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଦେବାଶିଷ ମିଶ୍ର ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ପରିଚାଳନା କରିଥିଲେ।

## ବର୍ଷା କ୍ଷୟକ୍ଷତି ପାଇଁ ପ୍ରଶାସନ, ଏନ୍‌ଏଚ୍‌ଙ୍କୁ ଦାୟୀ କଲା ବିଜେଡି



● ଗ୍ରାମ ପୋଖରୀ ଓ ଚାଷୀଙ୍କ କ୍ଷେତରେ ମାଡିଛି ପାଉଁଶ

● ପାଉଁଶ ପରିବହନରୁ କମିସନ ଖାଉଛନ୍ତି ବିଧାୟକ: ଦୀପାଳି

ଝାରସୁଗୁଡା, ୮।୭ (ସମିସ)

ଝାରସୁଗୁଡା ଜିଲ୍ଲାରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି ଓ ଚାଷୀଙ୍କ ବିଲକୁ ପାଉଁଶ ମାଡ଼ିଯିବା ଘଟଣାକୁ ନେଇ ଶୁକ୍ରବାର ପ୍ରଶାସନ, ଏନ୍‌ଏଚ୍ ଓ ବର୍ତ୍ତମାନର ବିଧାୟକଙ୍କ ଉପରେ ବର୍ଷିଛି ବିଜେଡି। ଜିଲ୍ଲା ବିଜେଡି ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାରେ ହୋଇଥିବା ବର୍ଷା ଜନିତ କ୍ଷୟକ୍ଷତି ପାଇଁ ଜିଲ୍ଲା ପ୍ରଶାସନ, ଜାତୀୟରାଜପଥ ବିଭାଗ ଏବଂ ଝାରସୁଗୁଡା ବିଧାୟକଙ୍କୁ ଦାୟୀ କରିଛନ୍ତି ଝାରସୁଗୁଡ଼ା ପୂର୍ବତନ ବିଧାୟିକା ଦୀପାଳି ଦାସ। ଝାରସୁଗୁଡାରେ ପ୍ରବଳ ବର୍ଷା ଓ ବନ୍ୟା ଦ୍ୱାରା ଝାରସୁଗୁଡା ଜିଲ୍ଲାର ବହୁ ଅଞ୍ଚଳରେ କ୍ଷୟକ୍ଷତି ହୋଇଥିବାବେଳେ ୪୯ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଥିବା ପାଉଁଶ ସିଆଳରମାର ପୋଖରୀ ଭିତରକୁ ପ୍ରବେଶ କରିଛି। ସେହିପରି କେଲଡ଼ାମାଳ ଓ ଦୁର୍ଲଗା ଗ୍ରାମର ଚାଷ ଜମିକୁ ପାଉଁଶ ମାଡିଯାଇ ବହୁ କ୍ଷୟକ୍ଷତି ହୋଇଛି। ଏହି ପାଉଁଶ ପରିବହନ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଲୋକମାନେ କରୁଥିବାବେଳେ ବିଧାୟକ ନିଜେ ପାଉଁଶ ପରିବହନରୁ କମିଶନ ଖାଉଛନ୍ତି ବୋଲି ଦୀପାଳି ଦାସ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବର୍ଷା ହେବା ଜାଣି ମଧ୍ୟ ଜାତୀୟ ରାଜପଥ ବିଭାଗ ପାଉଁଶ ଉପରେ ମାଟି ଢାଙ୍କି ନଥିଲେ। ଯାହାଫଳରେ ଏବେ ଚାଷୀ ଏବଂ ସ୍ଥାନୀୟ ଜନ ସାଧାରଣ ଦୁଃଖ ଭୋଗୁଛନ୍ତି। ଯେଉଁ ବିଧାୟକ ବର୍ଷେ ତଳେ ପାଉଁଶକୁ ନେଇ ଅନ୍ୟ ଉପରେ ଦୋଷ ଦେଉଥିଲେ ସେ ଝାରସୁଗୁଡାକୁ ପାଉଁଶ ବେପାର କରିବା ପାଇଁ ଆସିଛନ୍ତି ବୋଲି କହି ବିଧାୟକଙ୍କୁ ସମାଲୋଚନା କରିଛନ୍ତି ଦୀପାଳି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦୀପାଳି ଦାବି କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ପୂର୍ବତନ ଜିଲ୍ଲା ସଭାପତି ରବି ସିଂ, ପ୍ରତାପ ନନ୍ଦ, ବରିଷ୍ଠ ନେତା ରଘୁମଣି ପଟେଲ, ସନ୍ଦିପ ଅବସ୍ତି ତଥା ବନ୍ଧପାଲି ସରପଞ୍ଚ ତପି ମରେଇ, ଅରଡ଼ା ସରପଞ୍ଚ ବୀଣାପାଣି ପୋଡ, କିରୀମୀରା ଜିଲ୍ଲା ପରିଷଦ ସଭ୍ୟ ରିତା ବାଗ, ବ୍ଲକ ସଭାପତି ଚୂଡ଼ାମଣି ସାହୁ, ଆକାଶ ତାଜନଙ୍କ ସମେତ ସମିତି ସଭ୍ୟ ତଥା ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ସେକ୍ଟର-୬ରେ ପତିତପାବନଜୀଉଙ୍କ 'ନୀଳାଦ୍ରି ବିଜେ'



ରାଉରକେଲା, ୮।୭ (ସମିସ): ସେକ୍ଟର-୬ ଠାରେ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଶେଷ ପରେ ପାରମ୍ପରିକ ବିଧି ଅନୁସାରେ ପତିତପାବନଜୀଉ ମଙ୍ଗଳବାର ନିଜ ରତ୍ନସିଂହାସନକୁ ବିଜେ କରିଛନ୍ତି। ଏହିକ୍ରମରେ ପ୍ରଧାନ ସେବକ ଠାକୁର ରାଜା ପ୍ରଦୀପ କୁମାର ଧଳଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ମହପ୍ରଭୁଙ୍କ 'ନୀଳାଦ୍ରିବିଜେ' ନୀତି ସମ୍ପନ୍ନ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମାନଭଞ୍ଜନ ନିମନ୍ତେ ଏକ ଗିତୀନାଟ୍ୟ, ସେକ୍ଟର-୨୦ 'କଲ୍ୟାଣୀ କଳାକେନ୍ଦ୍ର'ଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଆରପିଏଫ ଡିଆଇଜି ଦୟାନିଧି ତନ୍ତୀ ପ୍ରଦୀପ ପ୍ରଜ୍ୱଳିତ କରି ଗୀତିନାଟ୍ୟର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ସେକ୍ଟର-୭ ଥାନାର ଅଧିକାରୀ ରବିନାରାୟଣ ପାତ୍ର ଓ ଖଦାଲ ସେଠି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୂଜକ ଭାସ୍କର ଚଇନି ପୂଜାର୍ଚ୍ଚନା କରିଥିଲେ। ଦେବେନ୍ଦ୍ର ପଲେଇ ନାଟକକୁ ନିର୍ଦ୍ଦେଶନା ଦେଇଥିବାବେଳେ ବିଭିନ୍ନ ଭୂମିକାରେ ସାଗର କୁମାର ଜେନା, ରିଷିତୋଷ ମହାନ୍ତି, ସାଇନି ସିଲିକି, ଶୁଭଶ୍ରୀ ବେହୁରିଆ, ଅଭୀପ୍ସା ପରିଡ଼ା ଓ ଅନନ୍ୟା ଦାସ ଅଭିନୟ କରିଥିଲେ। ବାଦ୍ୟଶିଳ୍ପୀ ନରେନ୍ଦ୍ର ପାତ୍ର, ଶ୍ରୀନିବାସ ସ୍ୱାଇଁ, ଗୌରାଙ୍ଗ ମଲ୍ଲିକ, କଣ୍ଠଶିଳ୍ପୀ ରାଜ ଗୋପାଳ ଡୋରା, ପୁଷ୍ପାଞ୍ଜଳି ରଣା ଓ ରୁଚି ପଟ୍ଟନାୟକ। ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ଅଶୋକ ସ୍ୱାଇଁ, ପ୍ରଶାନ୍ତ ବାରିକ, ସୁବାସ ପାତ୍ର, କୃଷ୍ଣ ତନ୍ତି, ଉତ୍ତମ ସାହୁ, ରବୀନାରାୟଣ ରାଉତ, ସୌମ୍ୟ ରାଉତ, ରାମ ନାୟକ, ଜଗନ୍ନାଥ ଦାସ, ଚିରଞ୍ଜିବି ଡୋରା, ରାମାକାନ୍ତ ବେହେରା, ଅମୂଲ୍ୟ ରଞ୍ଜନ ନାୟକ, ପ୍ରସନ୍ନ ରଥ, ଲୋକେଶ ରାଉତ, ଦେବଦତ୍ତ ଜେନା, ବିଭୁତି ପରିଡ଼ା, ବିଜୟ ମଣ୍ଡଳ, ଶ୍ରୀଦାନ ମଲ୍ଲିକ, ଆଦିତ୍ୟ ରାଉତରାୟ, ପ୍ରେମାନନ୍ଦ ପାଣ୍ଡବ, ମନୋଜ ମିରକାପ ଦଇତାପତି ମାନଙ୍କ ତତ୍?ାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମେ ଠାକୁରଙ୍କ ମଙ୍ଗଳ ଆଳତି, ମଲମନୀତି, ତଡପ ଲାଗି, ସେନାପଟା ଲାଗି ପରେ ଦଇତାପତି ବନମାଳୀ ପଲେଇ, ସରତ ଜେନା, ସୁଧୀର ପାଣ୍ଡବ, ତାପସ ବାରିକ, ରାଜେସ ତନ୍ତି, ରଞ୍ଜିତ ମହାରଣା, ସତ୍ୟଜିତ ସ୍ୱାଇଁ, ସୁବେନ୍ଦୁ ଜେନା, ସରୋଜ ବେହେରା, ହରେକୃଷ୍ଣ ବାରିକ, ପ୍ରଶାନ୍ତ କୁମାର ପାତ୍ର ଓ ପିଣ୍ଟୁ ପ୍ରମୁଖ ଉପସ୍ଥିତ ରହି ଶହଶହ ଭକ୍ତଙ୍କୁ ପ୍ରସାଦ ସେବନ କରେଇଥିଲେ। ଏହି କାର୍ଯ୍ୟକ୍ରମରେ ସବଇନ୍ସପେକ୍ଟର ରାକେଶ କୁମାର ସ୍ୱାଇଁ ଶାନ୍ତିଶୃଙ୍ଖଳା ବଜାଇ ରଖିଥିଲେ। ଅତିଥିବୃନ୍ଦ କଳାକାରମାନଙ୍କୁ ପ୍ରଶଂସା ପାତ୍ର ପ୍ରଦାନ କରିଥିଲେ, କିଛି ସମାଜସେବୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଠାକୁରଙ୍କୁ ଦଇତାପତିମାନେ ପହଣ୍ଡି ବିଜେ କରାଇ ସିଂହାସନରେ ଅଭିଷେକ କରିଥିଲେ। ଏହି ନୀଳାଦ୍ରିବିଜେ କାର୍ଯ୍ୟକ୍ରମରେ ସେକ୍ଟର ଅଞ୍ଚଳର ଶହଶହ ଭକ୍ତ ଉପସ୍ଥିତ ରହି ନାଟକ ଦେଖିବା ସହ ପ୍ରସାଦ ସେବନ କରିଥିଲେ।






୭ଦଫା ଦାବି ନେଇ ଡ୍ରାଇଭର ସଂଘର ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ: ଭୁବନେଶ୍ୱର ଅନ୍ତରାଜ୍ୟ ବସ୍‌ଷ୍ଟାଣ୍ଡରେ ଅଟକି ରହିଛି ବସ୍, ଯାତ୍ରୀ ହନ୍ତସନ୍ତ

# ପୁଣି ଡରାଇଲାଣି ସୁବର୍ଣ୍ଣରେଖା

ଭୋଗରାଇ, ୮।୭ (ସମିସ): ସପ୍ତାହକ ମଧ୍ୟରେ ସୁବର୍ଣ୍ଣରେଖାରେ ଦୁଇଦୁଇଟି ବନ୍ୟା ସ୍ଥାନୀୟ ଲୋକଙ୍କ ଜୀବନଜୀବିକାକୁ ବ୍ୟାପକ ପ୍ରଭାବିତ କରିଛି। ବନ୍ୟାପାଣିରେ ଭାସି ଦୁଇଜଣଙ୍କ ଜୀବନ ଯାଇଥିବା ବେଳେ ପରିବା ଚାଷ ସମେତ ନୂତନ ଭାବେ ପଡ଼ିଥିବା ଧାନ ତଳି ପଚି ନଷ୍ଟ ହେବାକୁ ବସିଲାଣି। ଏବେ ବି ବହୁ ପଞ୍ଚାୟତ ପାଣିଘେରରେ ରହିଛି। କିନ୍ତୁ, ଏପରି ସ୍ଥିତିରେ ପୁଣି ସୁବର୍ଣ୍ଣରେଖା ଲୋକଙ୍କୁ

## ଫୁଲୁଛି ବୁଢ଼ାବଳଙ୍ଗ



ଡରାଇଲାଣି। ଲଗାଣ ବର୍ଷା ଯୋଗୁଁ ପୁଣି ସୁବର୍ଣ୍ଣରେଖାର ଜଳସ୍ତର ବଢ଼ିବାରେ ଲାଗିଛି। ତେଣୁ ତୃତୀୟ ବନ୍ୟା ଆସିବା ଆଶଙ୍କାରେ ଲୋକେ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏବେ ବି କୁମ୍ଭୀରଗଡ଼ି, ଆରୁଆବୃତ୍ତି, ଗବଗାଁ, କୁସୁଡ଼ା, କଟୁଆଡ଼ି, କୁଳିଦା, ଦାମୁଣଦା, ଆଦି ପଞ୍ଚାୟତର କିଛି ଗ୍ରାମର ରାସ୍ତା ଉପରେ ଦୁଇ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। ତେଣୁ, ତୃତୀୟଥର ବନ୍ୟା ଆସିଲେ, ଅବସ୍ଥା ସଂକଟାପନ୍ନ ହେବ ବୋଲି ପଞ୍ଚାୟତବାସୀମାନେ କହିଛନ୍ତି।

ଅପରପକ୍ଷେ, ବନ୍ୟାଜଳ ଛାଡ଼ି ଯାଇଥିବା କିଛି ଗାଁଗୁଡ଼ିକରେ ଏବେ ଡାଇରିଆ ଧୀରେଧୀରେ କାୟା ମେଲାଉଛି। ଲୋକଙ୍କୁ ଉପଯୁକ୍ତ ପିଇବା ପାଣି ମିଳୁନଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ବହୁ ସ୍ଥାନରେ ଆଶାକର୍ମୀମାନେ ଗାଁ ଗାଁରେ ଓଆରଏସ୍ ସହ ବିଭିନ୍ନ ଔଷଧ ବାଣ୍ଟୁଛନ୍ତି। ଆରୁଆବୃତ୍ତି ପଞ୍ଚାୟତର ଜଣେ ଆଶାକର୍ମୀ ଔଷଧ ବାଣ୍ଟି ଘରକୁ ଫେରିବା ପରେ ଅସୁସ୍ଥ ହୋଇ କଟକ ବଡ଼ ଡାକ୍ତରଖାନାରେ ପ୍ରାଣ ହରାଇଥିବା ଦେଖିବାକୁ ମିଳିଛି।

ଅପରପକ୍ଷେ, ଗତ ୩ଦିନ ଧରି ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ପାଖାପାଖି ୧୦ହଜାର ଲୋକେ ପ୍ରଭାବିତ ହେବାର ଆଶଙ୍କା ରହିଛି। ବୁଢ଼ାବଳଙ୍ଗ ନଦୀର ସତର୍କ ସଙ୍କେତ ୭.୨୧ମି ଥିବା ବେଳେ ବିପଦ ସଙ୍କେତ ୮.୧୩ମି ରହିଛି। ଆଜି ଅପରାହ୍ଣ ୫ଟା ସୁଦ୍ଧା ନଦୀର ଜଳସ୍ତର ୪.୭୦ମିଟରରେ ପାଣି ପ୍ରବାହିତ ହେଉଛି। ବନ୍ୟା ହେଲେ ପରିଖୀ, ନଗ୍ରମ, ଆଲୁମିଦା, ସାର୍ଥା, ଗୋପୀନାଥପୁର, ବୁଆଁଳ, ସିନ୍ଧିଆ, ବଇଁଚା ଆଦି ବିଭିନ୍ନ ପଞ୍ଚାୟତ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି।

### ୧୪ରୁ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଡାକରା

# ଆଲୋଚନା ପାଇଁ ଡାକିଲେ ସରକାର

ଭୁବନେଶ୍ୱର,୮।୭(ସମିସ): ୧୦ ଟି ପ୍ରମୁଖ ଦାବି ନେଇ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟରତ ଥିବା ଓଡ଼ିଶା ରାଜସ୍ୱ ଅମଲା ସଂଘକୁ ଆଲୋଚନା ପାଇଁ ଡାକିଛନ୍ତି ରାଜ୍ୟ ସରକାର। ବୁଧବାର ସନ୍ଧ୍ୟାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଛି। ରାଜସ୍ୱ ଅମଲା ସଂଘ ପକ୍ଷରୁ ବାରମ୍ବାର ଏହି ଦାବି ପୂରଣ ପାଇଁ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନଥିଲେ। ଏଥିପାଇଁ ଗତ ୭ତାରିଖଠାରୁ ରାଜ୍ୟର ରାଜସ୍ୱ ଅମଲା ସଂଘର ସଦସ୍ୟ/ସଦସ୍ୟାମାନେ କଳାବ୍ୟାଜ୍ ପିନ୍ଧି କାମ କରୁଥିବା ବେଳେ ଆସନ୍ତା ୧୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ସଂଘର ଏହି ଆନ୍ଦୋଳନ ଡକାରା ପରେ ସରକାର ତାଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି।

ସଂଘ ପକ୍ଷରୁ ରଖାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ମନ୍ତ୍ରିସ୍ତରୀୟ କର୍ମଚାରୀଙ୍କ ପ୍ରାରମ୍ଭିକ ଦରମା ସ୍ତର-୯କୁ ବୃଦ୍ଧି କରାଯିବାକୁ କୁହାଯାଇଛି। ଏହା ଜିଏ ବିଭାଗର ପତ୍ର ସଂଖ୍ୟା ୮୮୯୮ ଏବଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ନୂତନ ପଦବୀ ସୃଷ୍ଟି କରି ସେହି ଅନୁଯାୟୀ କ୍ୟାଡର ପୁନର୍ଗଠନ କରିବାକୁ ଦାବି ହୋଇଛି।

ଏହାସହ ଓଡ଼ିଶାର ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ୨୦୨୦ ରେ କାର୍ଯ୍ୟକାରୀ ହୋଇଥିବା ପୁନର୍ବାସ ଯୋଜନାର ନିୟମଗୁଡ଼ିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ ୧୯୯୦ରେ କାର୍ଯ୍ୟକାରୀ ହୋଇଥିବା ନିୟମ ଅନୁଯାୟୀ ଯୋଗ୍ୟତା ଆଧାରରେ ନିଯୁକ୍ତି ଦେବାକୁ ଦାବି ହୋଇଛି। ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବାରେ ଶତପ୍ରତିଶତ ପଦୋନ୍ନତି ଦିଆଯିବା ସହ ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି।

ଏହାବ୍ୟତୀତ ପିରାମିଡିକାଲ ପ୍ରମୋସନାଲ୍ ଢାଞ୍ଚା ବଜାୟ ରଖିବା ପାଇଁ ଜୁନିଅର ସହାୟକରୁ ସିନିୟର ସହାୟକଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ଅବଧି ୪ବର୍ଷ ପର୍ଯ୍ୟନ୍ତ ସ୍ଥିର କରିବାକୁ ଦାବି ପତ୍ରରେ ଦର୍ଶାଯାଇଛି। ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ମନ୍ତ୍ରିସ୍ତରୀୟ କର୍ମଚାରୀଙ୍କ ୟୁଜର-ଆଇଡି ବିଭିନ୍ନ ରାଜସ୍ୱ ମାମଲା ସମାଧାନ କରିବା ପାଇଁ ସୃଷ୍ଟି କରିବାକୁ କୁହାଯାଇଛି। ନୂତନ ଭାବେ ନିଯୁକ୍ତି ପାଇଥିବା ଜିଲ୍ଲା ରାଜସ୍ୱ ମନ୍ତ୍ରିସ୍ତରୀୟ କର୍ମଚାରୀଙ୍କ ପାଇଁ ପ୍ରେରଣା ତାଲିମ ବ୍ୟବସ୍ଥା କରିବାକୁ କୁହାଯାଇଛି।

# ପୁଣି ଏକ ମାଓ କ୍ୟାମ୍ପ ଠାବ

ନୂଆପଡ଼ା, ୮।୭ (ସମିସ): ୨୦୨୬ ସୁଦ୍ଧା ମାଓବାଦୀଙ୍କୁ ମୂଳପୋଛ କରିବାକୁ ସରକାର ସଂକଳ୍ପ ନେଇଛନ୍ତି। ହେଲେ ନୂଆପଡ଼ା ଜିଲ୍ଲାରେ ମାଓବାଦୀ-ପୁଲିସ ଲୁଚକାଳି ଖେଳ ଶେଷ ହେବାର ନାଁ ନେଉନାହିଁ। ବର୍ଷକରେ ନୂଆପଡ଼ା ପୁଲିସ ବାରମ୍ବାର ମାଓବାଦୀ କ୍ୟାମ୍ପ ଠାବ କରୁଥିବା ବେଳେ ମାଓବାଦୀମାନେ ସହଜରେ ଖସି ଯାଉଛନ୍ତି। ସୋମବାର ମଧ୍ୟ ନୂଆପଡ଼ା ପୁଲିସ ସିନାପାଲି ଥାନା ଝାରବନ୍ଧ ପଞ୍ଚାୟତ ତଥା ଛତିଶଗଡ଼ ସୀମାନ୍ତର ନାରାୟଣ ଡୁଙ୍ଗରି ସଂରକ୍ଷିତ ଜଙ୍ଗଲରୁ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛି। ସେଠାରୁ ବହୁ ପରିମାଣର ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ନୂଆପଡ଼ା ଏସ୍‌ପି ଜି. ଆର. ରାଘବେନ୍ଦ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।



**ସହଜରେ ଖସି ଯାଉଛନ୍ତି ମାଓବାଦୀ**

ସୂଚନା ମୁତାବକ, ଛତିଶଗଡ଼ରେ ମାଓ ଦମନ ପାଇଁ ଜୋରଦାର କମ୍ବିଂ ଅପରେସନ୍ ଚାଲୁଥିବାରୁ ଜୀବନ ବଞ୍ଚାଇବା ପାଇଁ ମାଓବାଦୀମାନେ ଓଡ଼ିଶାମୁହାଁ ହେଉଛନ୍ତି। ଗୁଇନ୍ଦା ସୂତ୍ରରୁ ଏହି ଖବର ପାଇ ସୁରକ୍ଷା ବାହିନୀ ସିନାପାଲି ଥାନା ଝାରବନ୍ଧ ଗାଁ ନିକଟସ୍ଥ ଛତିଶଗଡ଼ ସୀମାନ୍ତ ନାରାୟଣଡୁଙ୍ଗରି ସଂରକ୍ଷିତ ଜଙ୍ଗଲରେ କମ୍ବିଂ ଅପରେସନ୍ କରିଥିଲେ। ଯବାନମାନଙ୍କୁ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ସେହି ସମୟରେ ଯବାନମାନେ ଏକ ମାଓ କ୍ୟାମ୍ପ ଠାବ କରିବା ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଟିଫିନ୍ ବୋମା, ୨୦ଟି ଜିଲୋଟିନ ବାଡ଼ି, ଇଲେକ୍ଟ୍ରିକାଲ ଡିଟୋନେଟର୍, ପଲିଥିନ୍ ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି।

# ୪ ମାଓବାଦୀ ଗିରଫ



ମାଲକାନଗିରି, ୮।୭(ସମିସ): ଆଇଡି ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଚାରି ଜଣ ମାଓବାଦୀଙ୍କୁ ଗିରଫ କରିଛି ଛତିଶଗଡ଼ର ନାରାୟଣପୁର ଜିଲ୍ଲା ପୁଲିସ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲା କୋହକମେଟା ଥାନା ଅଞ୍ଚଳରେ ତଲାସି ଅଭିଯାନ ବେଳେ ୪ଜଣ ମାଓବାଦୀଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। କୋହକାମେଟା ଥାନା ଅଧୀନରେ କୁତୁଲ ଗ୍ରାମ ରାସ୍ତା ପାର୍ଶ୍ୱରେ ବିଗତ ଦିନରେ ଏକ ଆଇଡି ବୋମା ବିସ୍ଫୋରଣ ଘଟଣାରେ ଏହି ମାଓବାଦୀମାନେ ସାମିଲ ଥିଲେ। ଏହି ବିସ୍ଫୋରଣରେ ଟ୍ରକ୍ ଚାଳକ ସନ୍ତୋଷ ପୋୟାମ ଗୁରୁତର ହୋଇଥିଲେ। ଗିରଫ ମାଓବାଦୀମାନେ ହେଲେ ଲଚ୍ଛୁରାମ, ଲାଲୀ ମଲେଶ, କୋସା ଅନିଲ ଓ ଦୀନେଶ। ସେହିପରି, ଗତ ଜୁନ୍ ୯ରେ ଏକ ଆଇଡି ବୋମା ବିସ୍ଫୋରଣରେ ଅତିରିକ୍ତ ଏସ୍‌ପି ଆକାଶ ଗିରପୁଞ୍ଜେ ସହିଦ ଘଟଣାର ମାଷ୍ଟରମାଇଣ୍ଡ ମାଓବାଦୀ ସୋଡି ଗଙ୍ଗାକୁ ଗିରଫ କରାଯାଇଛି। ସେ ମାଓ ସଙ୍ଗଠନର ଆରପିସି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲା।

# ଆଇଇଡି ବିସ୍ଫୋରଣରେ ଦୁଇ ଯବାନ ଗୁରୁତର

ମାଲକାନଗିରି, ୮।୭(ସମିସ): ମାଓବାଦୀଙ୍କ ଆଇଇଡି ବୋମା ବିସ୍ଫୋରଣରେ ଦୁଇ ଯବାନ ଗୁରୁତର ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବାସାଗୁଡ଼ା ଜଙ୍ଗଲରେ ଏହି ଘଟଣା ଘଟିଛି। ଘଟଣାସ୍ଥଳରେ ପୁଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ସୂଚନାନୁଯାୟୀ, ଛତିଶଗଡ଼ ବିଜାପୁର ଜିଲ୍ଲାର ବାସାଗୁଡ଼ା ଜଙ୍ଗଲର ମୁରୁଦଣ୍ଡ ଓ ତିମାପୁର ମଧ୍ୟ ଅଞ୍ଚଳରେ ମାଓ ଦମନ ନିମନ୍ତେ ସିଆରପିଏଫର ଯବାନ ଓ ପୁଲିସ ପକ୍ଷରୁ ତଲାସି ଅଭିଯାନ ଜାରିଥିବା ବେଳେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଏହି ସମୟରେ ମାଓବାଦୀମାନେ ଏକ ଆଇଡି ବୋମା ବିସ୍ଫୋରଣ କରିବାରୁ ଏଥିରେ ଦୁଇଜଣ ସିଆରପିଏଫ ଯବାନ ଆହତ ହୋଇଛନ୍ତି। ଗୁଳି ବିନିମୟରେ କିଛି ମାଓବାଦୀ ନିହତ ହୋଇଥିବା ନେଇ ସୂଚନା ମିଳିଛି। ଆହତ ଯବାନଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିଆଯାଇଛି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ବର୍ତ୍ତମାନ ମଧ୍ୟ ଗୁଳିବିନିମୟ ଜାରି ରହିଛି। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳି ପାରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଅରବିନ୍ଦ ଦାସ ପ୍ରଦେଶ କଂଗ୍ରେସ ମିଡିଆ ବିଭାଗର ନୂତନ ଅଧ୍ୟକ୍ଷ

ଭୁବନେଶ୍ୱର, ୮।୭ (ସମିସ): ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ, ଯୋଗାଯୋଗ ଏବଂ ପ୍ରଚାର ବିଭାଗର ନୂତନ ଅଧ୍ୟକ୍ଷ ଭାବରେ ଅରବିନ୍ଦ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି।



ଏହି ନିଯୁକ୍ତି ପାଇଁ ଏଆଇସିସି ସଭାପତି ଶ୍ରୀ ଖଡଗେ, ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପ୍ରମୁଖଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। କଲେଜ ଜୀବନରେ ଛାତ୍ର ନେତା ଥିବା ଶ୍ରୀ ଦାସ ବଲାଙ୍ଗିର ରାଜେନ୍ଦ୍ର କଲେଜ ଛାତ୍ର ସଂସଦର ସାଧାରଣ ସଂପାଦକ ନିର୍ବାଚିତ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍ଏ ପାସ କରିବା ପରେ ରାଜେନ୍ଦ୍ର କଲେଜରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଅଧ୍ୟାପନା କରିଥିଲେ। ପରବର୍ତ୍ତୀ ସମୟରେ ସେ ଛାପା ଗଣମାଧ୍ୟମରେ ୨୭ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।

# ମହରମ ଶୋଭାଯାତ୍ରାରେ ଆମ୍ବୁଲାନ୍ସ ଭଙ୍ଗାରୁଜା

### ବାପା-ମା' ସମେତ ୨ ଶିଶୁ ଆହତ, ୫ ଅଟକ

ବାଲେଶ୍ୱର,୮।୭(ସମିସ): ମହରମ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସ ଭଙ୍ଗାରୁଜା। ବାଲେଶ୍ୱର ଜିଲ୍ଲା ରେମୁଣା ବଜାର ହାତୀଆଗଣ୍ଡ ଛକ ନିକଟରେ ଗତ ରବିବାର ଏହି ଘଟଣା ଘଟିଛି। ଏଥିରେ ଆମ୍ବୁଲାନ୍ସରେ ମେଡିକାଲ ଯାଉଥିବା ଏକ ଦମ୍ପତିଙ୍କ ସମେତ ତାଙ୍କର ୨ଶିଶୁ ଆହତ ହୋଇଛନ୍ତି। ଏ ସଂପର୍କରେ ସୋମବାର ରେମୁଣା ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ୫ଜଣଙ୍କୁ ଅଟକ ରଖିଛି।

ସୂଚନାନୁଯାୟୀ, ରେମୁଣା ଥାନା ଅଧୀନ ରସଲପୁରର ରଶ୍ମିରଂଜନ ସାହୁ ଓ ଉର୍ମିଳାଙ୍କ ୩ ବର୍ଷର ପୁଅ ଓ ଅଢ଼େଇ ବର୍ଷର ଝିଅ ପ୍ରବଳ ଜ୍ୱରରେ ଆକ୍ରାନ୍ତ ଥିଲେ। ଦୁହିଁଙ୍କ ଅବସ୍ଥା ବିଗିଡ଼ିବାରୁ ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ୧୦୮ ଆମ୍ବୁଲାନ୍ସରେ ସେମାନେ ହସ୍ପିଟାଲକୁ ନେଇ ଯାଉଥିଲେ। ଏହି ସମୟରେ ରେମୁଣା ବଜାର ହାତୀଆଗଣ୍ଡ ଛକ ନିକଟରେ ମହରମ୍ ଶୋଭାଯାତ୍ରା ଚାଲିଥିଲା। ଶୋଭଯାତ୍ରାରେ ସାମିଲ ଥିବା ଲୋକଙ୍କ ମଧ୍ୟରୁ ୧୦ରୁ ୧୫ଜଣ ଆମ୍ବୁଲାନ୍ସ ଭଙ୍ଗାରୁଜା କରିଥିଲେ। ଜୋରରେ ସାଇରନ ବଜାଇ କାହିଁକି ବାରମ୍ବାର ଯିବାଆସିବା କରୁଛୁ କହିବା ସହ ଡ୍ରାଇଭରକୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ଚାଳକଙ୍କ ସହଯୋଗୀକୁ ବାହାରକୁ ଟାଣି ଆଣି ପିଟିଥିଲେ। ଗାଡ଼ିର ପଛପଟ କାଚକୁ ଠେଙ୍ଗାରେ ପିଟି ଭାଙ୍ଗି ଦେବାରୁ ଗାଡ଼ି ଭିତରେ ବସିଥିବା ୨ ଶିଶୁ ଓ ବାପା ମା' କାଚ ବାଜି ଲହୁଲୁହାଣ ହୋଇଥିବା ଜଣାପଡ଼ିଛି। ତେବେ, ପ୍ରାୟ ଅଧ ଘଣ୍ଟା ଧରି ଅଟକିବା ପରେ ଆମ୍ବୁଲାନ୍ସ ଘଟଣାସ୍ଥଳରୁ ଯାଇଥିଲା। ଏନେଇ ସୋମବାର ସନ୍ଧ୍ୟାରେ ଆମ୍ବୁଲାନ୍ସ ଚାଳକ ରେମୁଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ସାପକାମୁଡ଼ାରେ ଜଣେ ମୃତ

ବୌଦ୍ଧ, ୮।୭ (ସମିସ): ବୌଦ୍ଧ ବ୍ଲକ୍ ଆମ୍ବଝରୀ ପଞ୍ଚାୟତ ପାବୁଲିପଡ଼ା ଗ୍ରାମରେ ସାପକାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶ୍ରଦ୍ଧାକର କହଁର (୫୫)। ମଙ୍ଗଳବାର ଭୋର୍ ୫ଟାରେ ଶ୍ରଦ୍ଧାକର ଘରେ ଶୋଇଥିବା ବେଳେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକେ ତାଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ଥାନା ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଦୁର୍ଗମ ଅଞ୍ଚଳରେ ପୁଣି ଜନନୀ ଯନ୍ତ୍ରଣାର ବିକଳ ଚିତ୍ର

# ଖଟିଆରେ ବୁହାହେଲେ ଗର୍ଭବତୀ

ଥୁଆମୂଳ ରାମପୁର,୮।୭(ସମିସ): ଦୁର୍ଗମ ଅଞ୍ଚଳବାସୀଙ୍କୁ ରାସ୍ତା ପାଇଁ ଆଜି ବି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ସ୍ୱାସ୍ଥ୍ୟସେବା ଭଳି ଜରୁରୀକାଳୀନ ପରିସ୍ଥିତିରେ ସମସ୍ୟା ସାଂଘାତିକ ହୋଇପଡୁଛି। ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଯନ୍ତ୍ରଣାରେ ଛଟପଟ ରୋଗୀ ତଥା ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୁହା ହେଉଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତ ଅଧୀନ ବାର୍ଷିକୋଣା ଗାଁରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗାଁର ମହେନ୍ଦ୍ର ମାଝୀଙ୍କ ସ୍ତ୍ରୀ ରଞ୍ଜିତା (୨୨) ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ସହ ଯୋଗାଯୋଗ କରାଯାଇଥିଲା। ସୂଚନା ପରେ ଆମ୍ବୁଲାନ୍ସ ଆସି ଅଧବାଟର ଇନ୍ଦ୍ରାବତୀ କେନାଲ ରାସ୍ତାରେ ଅଟକି ଅପେକ୍ଷା



କରିଥିଲା। ରାସ୍ତା ଠିକ୍ ନ ଥିବା ଯୋଗୁଁ ଆଗକୁ ବଢ଼ିପାରିନଥିଲା। ଗ୍ରାମବାସୀଙ୍କ ସହଯୋଗରେ ରଞ୍ଜିତାଙ୍କୁ ଖଟିଆରେ ବୁହାହୋଇ ପ୍ରାୟ ୨କିଲୋମିଟର ଦୂରରେ ଅଟକି ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡିଥିଲା। କଲମପୁର ଡାକ୍ତରଖାନାରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ମା' ଝିଅ ସୁସ୍ଥ ଥିବା ଜଣାପଡ଼ିଛି।

### ଉସ୍ତପଲ୍ଲୀରେ ଝାଡ଼ାବାନ୍ତି ଘଟଣା

# ଆଉ ୨ ଆକ୍ରାନ୍ତ ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର, ୮।୭(ସମିସ): ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ସହଦେବ ଟିକରପଡ଼ା ପଞ୍ଚାୟତ ଅଧୀନ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତି କାୟା ମେଲାଇବାରେ ଲାଗିଛି। ପୂର୍ବରୁ ଗ୍ରାମର ୯ଜଣ ଆକ୍ରାନ୍ତ ହୋଇଥିବା ବେଳେ ମଙ୍ଗଳବାର ଆଉ ୨ଜଣ ଆକ୍ରାନ୍ତ ହୋଇଛନ୍ତି। ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ

**ଆକ୍ରାନ୍ତଙ୍କ ସଂଖ୍ୟା ୧୧କୁ ବୃଦ୍ଧି**


ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ସୋମବାର ଡାକ୍ତରଖାନାର ଡାଇରିଆ ୱାର୍ଡରେ ମୋଟ ୭ଜଣ ରୋଗୀ ଥିବା ବେଳେ ମଙ୍ଗଳବାର ଉକ୍ତ ଗ୍ରାମର ୩ ବର୍ଷର ଜଣେ ଶିଶୁଙ୍କ ସହ ଅନ୍ୟ ଜଣେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

### ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଦାବି

# ଦିଗପହଣ୍ଡିରେ ନିୟନ୍ତ୍ରଣକୁ ଆସୁଛି ଡାଇରିଆ

ଭୁବନେଶ୍ୱର, ୮।୭ (ସମିସ): ରବିବାରଠାରୁ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକର ଉସ୍ତପଲ୍ଲୀ ଗ୍ରାମରେ ଦେଖାଦେଇଥିବା ଡାଇରିଆ ରୋଗ ଏବେ ନିୟନ୍ତ୍ରଣାଧୀନ ରହିଛି। ଏହା ସଂକ୍ରମଣ ରୂପ ନେବା ପୂର୍ବରୁ ବ୍ୟାପକ ସଚେତନତା ଅଭିଯାନ, ଘରକୁ ଘର ନିରୀକ୍ଷଣ ଆଦି କରାଯାଇଥିଲା। ଫଳରେ ସ୍ଥିତିରେ ସୁଧାର ଆସିପାରିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଆଜି ଅପରାହ୍ଣ ସୁଦ୍ଧା ଉସ୍ତପଲ୍ଲୀ ଗ୍ରାମରେ ସମୁଦାୟ ୧୧ ଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସେହି ଗ୍ରାମରୁ କୌଣସି ନୂଆ ରୋଗୀ ହସ୍ପିଟାଲ ଆସିନାହାନ୍ତି। ସଂକ୍ରମିତ ୧୧ଜଣଙ୍କ ମଧ୍ୟରୁ ଦୁଇଦିନ ଭିତରେ ୬ଜଣଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଥିଲା। ଅବଶିଷ୍ଟ ୫ଜଣଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଆଜି ଅପରାହ୍ଣ ସୁଦ୍ଧା ଏମ୍‌କେସିଜିରୁ ୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜଣେ ୫ବର୍ଷର ଶିଶୁଙ୍କର ଶ୍ୱାସ ସମ୍ବନ୍ଧିତ ଅସୁବିଧା ଥିବାରୁ ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଦିଆଯାଉଛି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ସମସ୍ତ ୫ ଜଣ ରୋଗୀଙ୍କୁ ଆରୋଗ୍ୟ ଲାଭ ପରେ ଡିସ୍‌ଚାର୍ଜ କରାଯାଇଛି। ଶ୍ରୀ ମିଶ୍ର ଆହୁରି କହିଛନ୍ତି, ଡାଇରିଆରେ ୨ ଜଣଙ୍କର ମୃତ୍ୟୁ ନେଇ ହୋଇଥିବା ଅଭିଯୋଗର ପ୍ରାଥମିକ ତଦନ୍ତ ପରେ ତାହା ଡାଇରିଆଜନିତ ମୃତ୍ୟୁ ନୁହେଁ ବୋଲି ସ୍ପଷ୍ଟ ହୋଇଛି।

**ଜାରି ରହିଛି ସଚେତନତା ଓ ବିଶୋଧନ କାର୍ଯ୍ୟ**



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ


- ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ।
- ୧୯୫୧- ଭାରତରେ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ହେଲା।
- ୧୯୫୩- ପ୍ରଥମ ହେଲିକପ୍ଟର ଯାତ୍ରୀ ସେବା ନ୍ୟୁୟର୍କରେ ଆରମ୍ଭ ହେଲା।
- ୧୯୭୨- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୧୯୯୧- ଦକ୍ଷିଣ ଆଫ୍ରିକାକୁ ଅଲମ୍ପିକ୍ ଖେଳରେ ଅଂଶ ଗ୍ରହଣ ପାଇଁ ପୁଣି ଥରେ ଅନୁମତି ମିଳିଲା।
- ୨୦୦୨-'ଅର୍ଗାନାଇଜେସନ୍ ଅଫ୍ ଆଫ୍ରିକାନ୍ ୟୁନିଟି'ର ନାମ ବଦଳାଇ 'ଆଫ୍ରିକାନ୍ ୟୁନିଅନ୍' ରଖାଗଲା।



# 'ରାମାୟଣ'
## ରଣବୀର ନେବେ ୧୫୦ କୋଟି

ନୀତେଶ ତିୱାରିଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ରାମାୟଣ'ର ଟିଜର୍ ଜାରି ହେବା ପରେ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ବିଶେଷକରି ଏହାର ସଙ୍ଗୀତ ଓ ଉଚ୍ଚ କୋଟୀର ଭିଏଫ୍ଏକ୍ସ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଦର୍ଶକେ ଏବେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଭାରତୀୟ ସିନେମା ଇତିହାସରେ ଏହାକୁ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ଦୁଇଟି ପାର୍ଟର ନିର୍ମାଣରେ ପାଖାପାଖି ୧୬୦୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଥମ ପାର୍ଟ ପାଇଁ ୯୦୦ କୋଟି ଓ ଦ୍ୱିତୀୟ ପାର୍ଟ ପାଇଁ ୭୦୦ କୋଟି ଖର୍ଚ୍ଚ କରାଯିବ। ତେବେ ଏହାର ଦ୍ୱିତୀୟ ପାର୍ଟରେ କମ୍ ଖର୍ଚ୍ଚ ହେବାର କାରଣ ହେଉଛି ପ୍ରଥମ ପାର୍ଟରେ ଯେଉଁ ଜିନିଷ ଓ ସେଟ୍ ବ୍ୟବହାର କରାଯାଇଛି ଏହାର ଦ୍ୱିତୀୟ ପାର୍ଟରେ ବି କାମ ଦେବ। ସେହିଭଳି ଏହି ଫିଲ୍ମର ବଜେଟ୍ ବଢ଼ିଯିବାର କାରଣ ଏହାର କଳାକାରମାନେ ମଧ୍ୟ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ନେଇଛନ୍ତି। ଏଥିରେ ଭଗବାନ ରାମଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତା ରଣବୀର କପୁର ପାରିଶ୍ରମିକ ବାବଦରେ ଦୁଇଟି ପାର୍ଟରୁ ୭୫- ୭୫ କୋଟି ଲେଖାଏଁ ସମୁଦାୟ ୧୫୦ କୋଟି ନେବେ। ସେହିଭଳି ସୀତା ଭୂମିକାରେ ଅଭିନୟ କରୁଥିବା ସାଇପଲ୍ଲବୀ ଦୁଇଟି ପାର୍ଟ ପାଇଁ ୧୨ କୋଟି ନେବେ। ଯଦିଓ ରାବଣ ଭୂମିକା ପାଇଁ ୟଶ୍ କେତେ ନେବେ ତାହା ସ୍ପଷ୍ଟ ହୋଇ ନାହିଁ କିନ୍ତୁ ସେ ପାରିଶ୍ରମିକ ବାବଦରେ ୨୦୦ କୋଟିରୁ ଅଧିକ ଟଙ୍କା ଦାବି କରିପାରନ୍ତି ବୋଲି କୁହାଯାଉଛି। ତେବେ ରାମାୟଣର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ।


# ୮୧ ବର୍ଷ ପରେ ଫେରିଲା ବହି




ଅଧିକାଂଶ ଲୋକ ପାଠାଗାରରୁ ବହି ଆଣି ପଢ଼ିବାକୁ ଭଲପାଆନ୍ତି। ଅବଶ୍ୟ ଏଠାରୁ ଅଣାଯାଉଥିବା ପୁସ୍ତକଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଫେରସ୍ତ କରିବାର ନିୟମ ଥାଏ। ଏହି କ୍ରମରେ ଜଣେ ବ୍ୟକ୍ତି ଲାଇବ୍ରେରୀରୁ ନେଇଥିବା ପୁସ୍ତକକୁ ଦୀର୍ଘ ୮୧ ବର୍ଷ ପରେ ଫେରାଇବାରୁ ୱାଶିଂଟନ ଲାଇବ୍ରେରୀର କର୍ମଚାରୀ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ଏନେଇ ଟିମ୍ବରଲ୍ୟାଣ୍ଡ ରିଜନାଲ ଲାଇବ୍ରେରୀ ପକ୍ଷରୁ କୁହାଯାଇଛି, ଏବରଡିନ୍ ଟିମ୍ବରଲ୍ୟାଣ୍ଡ ଲାଇବ୍ରେରିର ଲାଇବ୍ରେରିୟାନଙ୍କ ପାଖକୁ ଚାଲର୍ସ ନଡହଫ୍ ଏବଂ ଜେମସ୍ ନର୍ମନଙ୍କ 'ଦ ବାଓଁଟି ଟ୍ରିଲଜି' ପୁସ୍ତକ ଫେରି ଆସିଛି। ଏହି ବହି ଭିତରେ ଏକ କାର୍ଡ ଥିଲା। କାର୍ଡରୁ ବହିଟି ମାର୍ଚ୍ଚ ୩୦, ୧୯୪୨ରେ ଇସ୍ୟୁ କରାଯାଇଥବା ଜଣାପଡ଼ିଛି। ଏହା ଘରର ଏକ ଷ୍ଟୋରେଜ୍ ୟୁନିଟ୍‌ରୁ ମିଳିଥିବା ବହି ଫେରାଇଥିବା ବ୍ୟକ୍ତି ଜଣକ କହିଛନ୍ତି। ବହି ନେଇଥିବା ବ୍ୟକ୍ତି ଜଣକ ସମୀକ୍ଷା କରି ଏହାର ପ୍ରଚ୍ଛଦପୃଷ୍ଠାରେ ମଧ୍ୟ ଲେଖିଥିଲେ। ଯାହାକୁ ଲାଇବ୍ରେରିୟାନ୍ ଜଣକ ପଢ଼ି ଆଶ୍ଚର୍ଯ୍ୟ ହୋଇଛନ୍ତି। ମୋତେ ଟଙ୍କା ମିଳିଲେ ବି ଏହି ବହିକୁ ପଢ଼ି ନ ଥାନ୍ତେ ବୋଲି ଏଥିରେ ଲେଖା ଥିଲା। ଏନେଇ ଲାଇବ୍ରେରୀର ଜଣେ ଅଧିକାରୀ କହିଛନ୍ତି, ଯଦି ଫାଇନ୍ କଥା ଉଠିବ, ୧୯୪୨ ମସିହା ଅନୁସାରେ, ଏବେ ୪୦ ହଜାର ଟଙ୍କା ହେଉଛି। ହେଲେ ପାଠାଗାର କୋଭିଡ୍ ୧୯ ମହାମାରୀଠାରୁ ଲେଟ୍ ଫି'କୁ ବନ୍ଦ କରି ଦେଇଛି। ଅନ୍ୟପଟେ ପାଠାଗାର ଏକ ଫେସ୍‌ବୁକ୍ ପୋଷ୍ଟରେ ଏହି କାହାଣୀରୁ କି ଶିକ୍ଷା ମିଳିଲା ସେ ସମ୍ପର୍କରେ ଦର୍ଶାଇଛି। ପାଠାଗାର ପକ୍ଷରୁ କୁହାଯାଇଛି ଯେ, 'ଯଦି ବହି ଉପରେ ଧୂଳିମଳି ଜମି ରହିଛି, ତାହାକୁ ପାଠାଗାରକୁ ଫେରାଇବା ଉଚିତ ହେବ। ଆମେ ଏହାକୁ ନେଇଯିବୁ। ପୁରସ୍କାର ବାବଦକୁ ଉକ୍ତ ବ୍ୟକ୍ତିଙ୍କଠାରୁ କୌଣସି ଫାଇନ୍ ଆଦାୟ କରାଯିବ ନାହିଁ।'

### ଆଜି ଆସିଥିଲେ

# ବାଣୀକଣ୍ଠ ନିମାଇଁ ହରିଚନ୍ଦନ



ନିମାଇଁ ହରିଚନ୍ଦନ ଏକାଧାରରେ ଥିଲେ ଜଣେ ଭକ୍ତ, କବି ଓ ଗାୟକ। ବିଭୁ ସଙ୍ଗୀତ ଗାନ କରି ସେ ଅଗଣିତ ଜନମାନସକୁ ଭକ୍ତିରସରେ ରସାଣିତ କରି ଦେଉଥିଲେ। ନିଜର ସଙ୍ଗୀତ ସାଧନା ପାଇଁ ସେ ଅଜସ୍ର ଖ୍ୟାତି ଅର୍ଜନ କରିଥିଲେ। ଯେ କେହିବି ତାଙ୍କ ସଙ୍ଗୀତ ଶୁଣିଛନ୍ତି ସେ ଜଗନ୍ନାଥମନସ୍କ ହୋଇପଡ଼ିଛନ୍ତି ନିଶ୍ଚୟ। ଏହି ପ୍ରଥିତଯଶା ସାରସ୍ୱତ ସାଧକଙ୍କ ଜନ୍ମ କେନ୍ଦ୍ରାପଡ଼ାରେ ୧୯୦୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତା ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଓ ମାତା ଇନ୍ଦ୍ରମଣି ଦେବୀ। ପିଲାଦିନୁ ସଙ୍ଗୀତ ପ୍ରତି ତାଙ୍କର ଅନୁରାଗ ଥିଲା। ନିମାଇଁଙ୍କ କକା ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ତାଙ୍କୁ ସଙ୍ଗୀତ ଜଗତରେ ପ୍ରବେଶ କରାଇଥିଲେ। ରାସଲୀଳାର ଅନ୍ୟତମ ପ୍ରବର୍ତ୍ତକ ନୟାଗଡ଼ ରାଜବଂଶୀୟ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ରାସ ଦଳରେ ୧୬ବର୍ଷ ବୟସରେ ସେ ଯୋଗ ଦେଇଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତର ଓସ୍ତାଦ୍ ମାଧୋରାଓଙ୍କଠାରୁ ଏହାପରେ ସଙ୍ଗୀତ ଶିକ୍ଷାଲାଭ କଲେ। ସେ ଆଦ୍ୟ ଯୌବନରୁ ସଙ୍ଗୀତ ପ୍ରତି ଆକୃଷ୍ଟହୋଇ ସଙ୍ଗୀତ ସାଧନାରେ ମଗ୍ନ ରହିଥିଲେ। ଓଡିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଚୌପଦୀ, ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, ଜଣାଣ, ପାରମ୍ପରିକ ସଂଗୀତ, ପଲ୍ଲୀଗୀତ ଗାୟନରେ ସେ ବେଶ୍ ପ୍ରବୀଣ ଥିଲେ। ଏମିତିକି ବିଭିନ୍ନ ନୀତିଶିକ୍ଷା ଓ ସରକାରୀ ଉଦ୍ଦେଶ୍ୟରେ ଜନ ସଚେତନତା ଧର୍ମୀ ଗୀତ ମଧ୍ୟ ଗାଇଛନ୍ତି। ନିମାଇଁ ହରିଚନ୍ଦନ ଗାଇଥିବା ଭଜନଗୁଡ଼ିକ ମୁଖ୍ୟତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ହିଁ ଆଧାରିତ। ୧୯୩୩ ମସିହାରେ ତାଙ୍କ ସମଧୁର ସଙ୍ଗୀତଗୁଡ଼ିକ ଏଚ୍ଏମ୍ଭି କମ୍ପାନି ରେକର୍ଡିଂ କରି ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇ ଦେଲା ଓ ସେ ହୋଇଗଲେ ବାଣୀକଣ୍ଠ ନିମାଇଁ ହରିଚନ୍ଦନ। ବିଶେଷକରି ତାଙ୍କର ଅନନ୍ୟ କଣ୍ଠସ୍ୱର ଓ ଗାୟନ ଶୈଳୀ ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା। ଏହି ବିପୁଳଯଶା କଣ୍ଠଶିଳ୍ପୀଙ୍କ କଣ୍ଠରୁ ନିସୃତ 'ଥକାମନ ଚାଲଯିବା', 'ଚକାଡୋଳା କିମ୍ପା ଡକା କିମ୍ପା ଡକା ନ ଶୁଣ', 'ନୀଳସିନ୍ଧୁ ତୀରେ', 'କହଇ ମନ ଆରେ ମୋ ବୋଲ କର' ଆଦି ସଙ୍ଗୀତଗୁଡ଼ିକ ବେଶ୍ ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ। ୧୯୩୪ରେ ନିମାଇଁ କଲିକତା ରେଡିଓ ଷ୍ଟେସନର ଆଗଧାଡ଼ିର କଳାକାର ହୋଇଗଲେ। ୧୯୩୮ରେ ଶ୍ରେଷ୍ଠ ଓଡ଼ିଶୀ ସଙ୍ଗୀତ ଗାନ ପାଇଁ ତାଙ୍କୁ ମିଳିଥିଲା ଉତ୍କଳ ସଙ୍ଗୀତ ସମାଜ ସ୍ୱର୍ଣ୍ଣ ପଦକ ଓ ଆଠଗଡ଼ ରାଜଦରବାର ସ୍ୱର୍ଣ୍ଣପଦକ। ୧୯୪୭ ଡିସେମ୍ବର ୨୮ ତାରିଖରେ ପ୍ରଥମ ଥର ପାଇଁ ଆକାଶବାଣୀ କଟକ କେନ୍ଦ୍ରରୁ ତାଙ୍କ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ମିଳିଲା। ୧୯୫୪ରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ସଙ୍ଗୀତ ନାଟକ ଏକାଡେମୀ ନିମନ୍ତ୍ରଣ କ୍ରମେ ସେ ସଙ୍ଗୀତ ଗାନ କରି ସମଗ୍ର ଦେଶରେ ଓଡ଼ିଶୀ ସଙ୍ଗୀତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲେ। ୧୯୭୬ ମସିହାରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୭୮ ମସିହାରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପୁରୀର ଗଜପତି ମହାରାଜା, ନିମାଇଁ ହରିଚନ୍ଦନଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ମସିହାଠାରୁ, ସେ ପୁରୀରେ ରହି ମନ୍ଦିରରେ ଚାମର ସେବା କରୁଥିଲେ ଓ ଜଣାଣ ଗାଉଥିଲେ। ୧୯୮୩ ଜୁଲାଇ ୨୦ ତାରିଖ, ବାହୁଡ଼ାଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ତାଙ୍କର ଦେହାନ୍ତ ହୋଇଥିଲା।

# ସମ୍ଭାବନା




## ଶୁଣିବା ଏକ କଳା

କୌଣସି କଥାକୁ ମନ ଧ୍ୟାନରେ ଶୁଣିବା ମଧ୍ୟ ଏକ କଳା। ଯେଉଁମାନେ ମନ ଧ୍ୟାନ ଦେଇ କୌଣସି କଥା ଶୁଣନ୍ତି, ସେମାନେ କଥାକୁ ଭଲଭାବେ ବୁଝିଥାନ୍ତି। ତା'ସହ ସେମାନଙ୍କୁ ପ୍ରଶ୍ନର ଉତ୍ତର ଦେବାରେ ସମସ୍ୟା ହୋଇ ନ ଥାଏ। ସେହିପରି ଧ୍ୟାନରେ କଥା ଶୁଣିବା ଦ୍ୱାରା ସମ୍ପର୍କ ମଜଭୁତ ହୁଏ। ଏହି ଅଭ୍ୟାସ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ସାହାଯ୍ୟ କରେ। କାହା ସହିତ କଥା ହେବା ସମୟରେ ସାମ୍ନାବାଲାଙ୍କୁ କଥା ମଝିରେ ରୋକିବାକୁ ଚେଷ୍ଟା କରନ୍ତୁ ନାହିଁ। ଆଖିରେ ଆଖି ମିଶାଇ କଥା ହୁଅନ୍ତୁ। ଏହା ଦ୍ୱାରା ବିଶ୍ୱାସ ସୃଷ୍ଟି ହୁଏ। ଲୋକଙ୍କ ଉପରେ ଭରସା ଆସେ। କଥାବାର୍ତ୍ତା ସମୟରେ ଫୋନ୍ ଆଦି ଦେଖନ୍ତୁ ନାହିଁ। ଏହା ଦ୍ୱାରା ଶୁଣୁଥିବା ଲୋକ ଅସହଜ ମନେ କରନ୍ତି। ଯାହାଙ୍କ ସହିତ କଥା ହେଉଛନ୍ତି, କଥା ଶେଷ ହେବା ପରେ ହିଁ ପ୍ରଶ୍ନ କରନ୍ତୁ। ଏହା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।



## ଅନଲାଇନ୍ ପଢ଼ାର ଲାଭ

**କରୋନା ଆସିବାରୁ ଅନଲାଇନ୍ ପାଠପଢ଼ାର ଗୁରୁତ୍ୱ ବଢ଼ିଲା। ଏବେ ପ୍ରାୟ ସମସ୍ତେ ପାଠପଢ଼ାର ଏହି ନୂଆଶୈଳୀକୁ ପସନ୍ଦ କରୁଛନ୍ତି। ଅବଶ୍ୟ ଏହି ପଢ଼ାର ଅନେକ ଭଲ ଦିଗ ବି ଅଛି।**



- ଅନଲାଇନ୍ ପଢ଼ାରେ ପିଲା କେଉଁଠୁ ବି ବସି ପାଠ ପଢ଼ିପାରିବେ। ଏହା ଦ୍ୱାରା ସମୟ ଓ ଖର୍ଚ୍ଚ ସଞ୍ଚୟ ହୁଏ।
- ସେହିପରି ଅନଲାଇନ୍ କ୍ଲାସ୍ ରେକର୍ଡେଡ୍ ହୋଇଥାଏ। ପିଲା ଅଡିଓ ଭିଜୁଆଲ ମାଧ୍ୟମରେ କଠିନ ବିଷୟକୁ ମଧ୍ୟ ସହଜରେ ବୁଝିଥାନ୍ତି।
- ଅନଲାଇନ୍‌ରେ ଅନେକ ଫ୍ରି କୋର୍ସ ଏବଂ ଷ୍ଟଡି ମ୍ୟାଟେରିଆଲ ଉପଲବ୍ଧ ଥାଏ।
- ଏଥିରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଦାୟିତ୍ୱବୋଧ ଆସେ।
- ଭିଡିଓ କନଫରେନ୍ସ ମାଧ୍ୟମରେ ପାଠ ପଢ଼ିବା ଦ୍ୱାରା ପିଲାଙ୍କଠାରେ ଆତ୍ମବିଶ୍ୱାସ ବୃଦ୍ଧିପାଏ।
- ଅନ୍‌ଲାଇନ୍ ପଢ଼ାରେ ପିଲା ଟେକ୍ନୋଲୋଜିର ଉପଯୋଗ ଭଲ ଭାବେ ଶିଖନ୍ତି। ଆପ୍, ସର୍ଚ୍ଚ ଟୁଲ ଏବଂ ଡିଜିଟାଲ ପ୍ଲାଟଫର୍ମ ବିଷୟରେ ଜାଣନ୍ତି।
- ଅନଲାଇନ୍ ପଢ଼ାରେ କେବଳ ଇଣ୍ଟରନେଟ୍ ଏବଂ ଡିଭାଇସ୍ ଦରକାର ହୁଏ। ତେଣୁ କମ୍ ସଂସାଧନରେ ପାଠପଢ଼ା ସମ୍ଭବପର।

## ଡିଜିଟାଲ ଅଭ୍ୟାସ



**ଏବର ଯୁଗ ଡିଜିଟାଲ ଯୁଗ। ପଢ଼ାଠୁ ଆରମ୍ଭ କରି ସପିଂ ପର୍ଯ୍ୟନ୍ତ ସବୁ କାମ ଡିଜିଟାଲ ମାଧ୍ୟମରେ ହୋଇପାରୁଛି। ତେବେ କିଛି ଡିଜିଟାଲ ଅଭ୍ୟାସ ଏଭଳି ଅଛି, ଯାହାକୁ ଆପଣାଇବା ଦ୍ୱାରା ଜୀବନ ଆହୁରି ସହଜ ହୋଇପାରିବ।**

**ଡିଜିଟାଲ କ୍ୟାଲେଣ୍ଡର:** ଗୁଗଲ କ୍ୟାଲେଣ୍ଡର ଭଳି ଆପ୍‌ରେ କାମ ଓ ମିଟିଂ ସହ ଜଡ଼ିତ ରିମାଇଣ୍ଡର ସେଟ୍ କରିବା ଦ୍ୱାରା କୌଣସି କାମକୁ ଭୁଲି ହୁଏ ନାହିଁ। ଏହା ଦ୍ୱାରା ଟାଇମ୍ ମ୍ୟାନେଜମେଣ୍ଟ ଏବଂ ପ୍ରଡକ୍ଟିଭିଟି ବୃଦ୍ଧି ପାଏ।

**ଅନଲାଇନ୍ ପେମେଣ୍ଟ:** ୟୁପିଆଇ ମାଧ୍ୟମରେ ପାଣି ଓ ମୋବାଇଲ ଭଳି ଅନ୍ୟାନ୍ୟ ବିଲ୍ ସମୟରେ ପେମେଣ୍ଟ କରିବା ସହଜ। ଅଟୋ-ପେ ସେଟ୍ କରିବା ଦ୍ୱାରା ପେମେଣ୍ଟ କରିବା ମନେ ରହେ।

**ଅନଲାଇନ ବ୍ୟାଙ୍କିଂ:** ୟୁପିଆଇ, ମୋବାଇଲ, ନେଟ୍ ବ୍ୟାଙ୍କିଂ ସୁବିଧା ଯୋଗୁଁ ବ୍ୟାଙ୍କରେ ଲୋକଙ୍କୁ ଆଉ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁ ନାହିଁ। ଏହାର ଉପଯୋଗ ଦ୍ୱାରା ସମୟ ସଞ୍ଚୟ ହୁଏ।

**କ୍ଲାଉଡ୍ ଷ୍ଟୋରେଜ୍:** ଜରୁରି ଡକ୍ୟୁମେଣ୍ଟକୁ ଗୁଗଲ ଡ୍ରାଇଭ କିମ୍ବା ଡ୍ରପ୍ ବକ୍ସରେ ଅପଲୋଡ୍ କରିପାରିବେ। ଏହା ଦ୍ୱାରା ଫାଇଲ ସବୁବେଳେ ପାଖରେ ରହିବ।

**ହେଲଥ୍ ଆପ୍:** ଗୁଗଲ ଫିଟ୍ ବା ଆପଲ ହେଲଥ୍ ଭଳି ଆପ୍ ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧିତ ତଥ୍ୟକୁ ମନିଟର କରିପାରିବେ। ଏହା ଦ୍ୱାରା ଜଣେ କେତେ ବାଟ ଚାଲୁଛନ୍ତି, ନିଦ, ହାର୍ଟ ରେଟ୍ ଆଦି ଉପରେ ନଜର ରଖିବା ସମ୍ଭବ।

**ଅନଲାଇନ୍ ଲର୍ଣ୍ଣିଂ:** ୟୁଟ୍ୟୁବ୍ ଭଳି ପ୍ଲାଟଫର୍ମ ଏବେ ଅନଲାଇନ ଲର୍ଣ୍ଣିଂକୁ ସହଜ କରୁଛି। ଏହି ଅଭ୍ୟାସ ଜ୍ଞାନ ଓ କୌଶଳକୁ ବୃଦ୍ଧି କରିବା ଦିଗରେ ସାହାଯ୍ୟ କରେ।

**ଡିଜିଟାଲ ଡିଟକ୍ସ:** ଶେଷରେ ପ୍ରତ୍ୟେକ ଦିନ କିଛି ଘଣ୍ଟା ବିନା ସ୍କ୍ରିନ୍‌ରେ ସମୟ ଅତିବାହିତ କରନ୍ତୁ। ଏହାଦ୍ୱାରା ମାନସିକ ଥକ୍କାପଣ ଦୂର ହୁଏ।

## ପଦୋନ୍ନତି ନ ମିଳିବାର କାରଣ

**ପ୍ରତ୍ୟେକ କର୍ମଚାରୀ ଅଫିସ୍‌ରେ ଶୀଘ୍ର ପଦୋନ୍ନତି ପାଇବା ଆଶା ରଖନ୍ତି। ସେଥିପାଇଁ ଅନେକ କର୍ମଚାରୀ ବହୁତ ପରିଶ୍ରମ କରିଥାନ୍ତି। ବେଳେବେଳେ କର୍ମଚାରୀଙ୍କ କିଛି ଆଚରଣ ସେମାନଙ୍କ ପଦୋନ୍ନତିରେ ବାଧକ ସାଜିଥାଏ।**

- ବିଳମ୍ବରେ ଅଫିସ୍ ଆସିବା ତଥା ନିର୍ଦ୍ଧାରିତ ସମୟରେ କାମ ପୂରା କରିପାରୁ ନ ଥିବା କର୍ମଚାରୀଙ୍କୁ ପଦୋନ୍ନତି ପାଇବାରେ ଅସୁବିଧା ହୁଏ।
- ଯେଉଁ କର୍ମଚାରୀ କୌଣସି ନୂତନ ପରିକଳ୍ପନା କରନ୍ତି ନାହିଁ, ସେମାନଙ୍କର ପଦୋନ୍ନତି ବାଧାପ୍ରାପ୍ତ ହୁଏ।
- ସମୟ ସହିତ ତାଳ ଦେଇ ଚାଲୁ ନ ଥିବା ଓ ନୂତନ ଆହ୍ୱାନକୁ ଗ୍ରହଣ କରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ପଦୋନ୍ନତି ମିଳି ନ ଥାଏ।
- ଅଫିସ୍‌ରେ ଟିମ୍ ସହିତ କାମ କରିବାରେ ପଛୁଆ ରହୁଥିବା କର୍ମଚାରୀଙ୍କୁ ପଦୋନ୍ନତି ମିଳିବା ସହଜ ହୋଇ ନ ଥାଏ।
- ଅଫିସ୍‌ରେ ପର ଚର୍ଚ୍ଚା ତଥା ଅନ୍ୟ ସହକର୍ମୀଙ୍କ ନିନ୍ଦା କରୁଥିବା କର୍ମଚାରୀଙ୍କର ପଦୋନ୍ନତି ଅଟକି ଥାଏ।
- ସହକର୍ମୀ, ଗ୍ରାହକ ତଥା ମାଲିକଙ୍କ ସହ ଭଲ କଥାବାର୍ତ୍ତା କରିପାରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ଶୀଘ୍ର ପଦୋନ୍ନତି ମିଳେ ନାହିଁ।



# ଲର୍ଡ୍ସ ଲଢ଼େଇ ଲାଗି ଭାରତ ପ୍ରସ୍ତୁତ

ଲଡ୍ର୍ସ, ୮।୭ (ଏଜେନ୍ସି)



ଏଜ୍‌ବାଷ୍ଟନରେ ରେକର୍ଡ ୩୩୬ ରନ୍ ବ୍ୟବଧାନରେ ଇଂଲଣ୍ଡକୁ ପରାସ୍ତ କରି ଭାରତ ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ସମାନସ୍ତରରେ ରଖିଛି। ଏହି ସିରିଜ୍‌ରେ ଆଉ ୩ଟି ଟେଷ୍ଟ ଖେଳାଯିବାକୁ ବାକି ରହିଛି। କିନ୍ତୁ ୫୮ ବର୍ଷରେ ଭାରତ ଏଜ୍‌ବାଷ୍ଟନରେ ପ୍ରଥମ ଟେଷ୍ଟ ଜିତି ବେଶ ଆତ୍ମବିଶ୍ୱାସ ପାଇଛି। ଏହି ଆତ୍ମବିଶ୍ୱାସକୁ ନେଇ ଦଳ କ୍ରିକେଟର ସବୁଠାରୁ ପୁରୁଣା ଷ୍ଟାଡିୟମ୍ ବା ଅନ୍ୟ ଭାଷାରେ କହିବାକୁ ଗଲେ କ୍ରିକେଟର ମକ୍କା ଭାବେ ବିବେଚିତ ଲର୍ଡସରେ ସିରିଜ୍‌ର ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପ୍ରଥମ ଦୁଇଟି ଟେଷ୍ଟରେ ବୋଲରଙ୍କୁ ସୁହାଇଲା ଭଳି ପିଚ୍ ଦିଆଯାଇ ନ ଥିଲା। କିନ୍ତୁ ଲର୍ଡସ କିମ୍ବା ଅନ୍ୟ ଦୁଇଟି ଟେଷ୍ଟ ଖେଳାଯିବାକୁ ଥିବା ଓଲ୍ଡ ଟ୍ରାଫୋର୍ଡ କିମ୍ବା କେନିଙ୍ଗଟନ ଓଭାଲରେ ପିଚ୍ ଲର୍ଡସ ପରି ଫାଷ୍ଟ ବୋଲରଙ୍କୁ ସୁହାଇବ। ଏଭଳି ପିଚ୍‌ରେ ଖେଳିବା କେବଳ ଭାରତ ନୁହେଁ ଏସୀୟ ମହାଦେଶର ଫ୍ଲାଟ ପିଚ୍‌ରେ ଖେଳୁଥିବା ଦେଶଗୁଡିକ ଲାଗି ଆହ୍ୱାନ। କିନ୍ତୁ ଇଂଲଣ୍ଡର ଦକ୍ଷତା ଓ ଦୁର୍ବଳତାକୁ ଜାଣିବା ପରେ ଭାରତ ଲର୍ଡସ ଲଢ଼େଇ ଲାଗି ନିଜକୁ ପ୍ରସ୍ତୁତ କରିନେଇଛି।

**■ ବୁମ୍‌ରା ଖେଳିବା ନେଇ ସମ୍ଭାବନା**

ଏଜ୍‌ବାଷ୍ଟନ ଟେଷ୍ଟ ବିଜୟକୁ ୨ ଦିନ ପୂରିଗଲାଣି। ଭାରତୀୟ ମାନେ ଏହି ମୋହରୁ ମୁକ୍ତିପାଇ ଏବେ ଅଭ୍ୟାସକୁ ଫେରିଲେଣି। ଭାରତୀୟ ଦଳ ଦୃଢ଼ ନିଶ୍ଚିତ ଯେ, ଲର୍ଡସରେ ଜୁଲାଇ ୧୦ରୁ ୧୪ ଯାଏ ଖେଳାଯିବାକୁ ଥିବା ପିଚ୍ ସୁଇଂ ଓ ବାଉନ୍ସି ହେବ। ଏଣୁ ଏଭଳି ପିଚ୍‌ରେ ଖେଳିବାକୁ ଭାରତୀୟ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛି। ପ୍ରଥମ ଦୁଇଟି ଟେଷ୍ଟରେ ଭାରତୀୟ ଫାଷ୍ଟ ବୋଲର ଆଶାନୁରୂପ ସଫଳତା ପାଇଛନ୍ତି। ପ୍ରଥମ ଟେଷ୍ଟରେ ଯଶପ୍ରୀତ୍ ବୁମ୍‌ରା, ଦ୍ୱିତୀୟ ଟେଷ୍ଟରେ ମହମ୍ମଦ୍ ସିରାଜ ଓ ଆକାଶଦୀପ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏହି ୩ ଜଣ ଲର୍ଡସରେ ଭାରତୀୟ ବୋଲିଂର ମୁଖ୍ୟ କର୍ଣ୍ଣଧାର ସାଜିବେ। ୱାର୍କଲୋଡ ଲାଗି ବୁମ୍‌ରା ଦ୍ୱିତୀୟ ଟେଷ୍ଟ ଖେଳି ନ ଥିଲେ। ଏବେ ସେ ପୂରା ଫିଟ୍ ଅଛନ୍ତି ଓ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ପୂରା ପ୍ରସ୍ତୁତ। ଫ୍ଲାଟ ପିଚ୍‌ରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବୋଲିଂ ଉଚ୍ଚକୋଟୀର ହୋଇ ନ ଥିଲା। କିନ୍ତୁ ଲର୍ଡସରେ ତାଙ୍କ ବଲ କାମ ଦେଇପାରେ। ତାଙ୍କ ବିରୋଧରେ ଅନେକ କଥା ଯାଉଥିଲେ ମଧ୍ୟ ତୃତୀୟ ମ୍ୟାଚ୍‌ରେ ତାଙ୍କର ଖେଳିବା ସମ୍ଭାବନା ରହିଛି। ବିଶେଷ ପରୀକ୍ଷାନିରୀକ୍ଷା କରାଗଲେ କିମ୍ବା ଭାରିଏସନ ବା ବିଭିନ୍ନତା ଲାଗି ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଡେବ୍ୟୁ କରାଇବା ବିକଳ୍ପ ରହିଛି। ବୋଲିଂ ଲାଗି ଭାରତ ବିଶେଷ ଚିନ୍ତିତ ନୁହେଁ। ଏବେ ସମସ୍ତ ବୋଲର ନିଜ ଲାଇନ୍ ଓ ଲେନ୍ଥ ଉପରେ ନିୟନ୍ତ୍ରଣ ହାସଲ କରିବା ପରେ ସୁଇଂ ଓ ବାଉନ୍ସି ପିଚ୍‌ରେ ତାହାକୁ କିପରି କାର୍ଯ୍ୟକାରୀ କରାଇବେ ସେହି ଯୋଜନାରେ ଟିମ୍ ମ୍ୟାନେଜମେଣ୍ଟ ରହିଛି।

**■ ଘାତକ ହୋଇପାରନ୍ତି ଆର୍ଚର, ଆଟକିନସନ**

ଇଂଲିଶ ଗଣମାଧ୍ୟମରେ ଇଂଲଣ୍ଡ ଦଳର ପରାଜୟକୁ ତୀବ୍ର ସମାଲୋଚନା କରାଯାଇଛି। ବିଶେଷ କରି ଫ୍ଲାଟ ପିଚ୍‌ରେ ଖେଳିଥିବା ଇଂଲଣ୍ଡ ଖେଳାଳିମାନେ ନିଜକୁ ଖାପ୍ ଖୁଆଇ ପାରିଲେ ନାହିଁ ବୋଲି ଦର୍ଶାଯାଇଛି। ପରୋକ୍ଷରେ ଏହା ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ରଣନୀତିକୁ ସମାଲୋଚନା କରାଯାଇଛି। ଏଥିରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ଲର୍ଡସରେ ସୁଇଂ ଓ ବାଉନ୍ସି ପିଚ୍ ପ୍ରସ୍ତୁତି କରିବାକୁ ଇଂଲଣ୍ଡ ଟିମ୍ ମ୍ୟାନେଜମେଣ୍ଟ ଗ୍ରାଉଣ୍ଡସମ୍ୟାନ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ଏହି ଯୋଜନା ଅନୁଯାୟୀ ଦେଶରେ ଉପଲବ୍ଧ ଦୁଇ ଶ୍ରେଷ୍ଠ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର ଓ ଗସ୍ ଆଟକିନସନଙ୍କୁ ଦଳରେ ନିଆଯାଇଛି। କ୍ରିସ୍ ଓକ୍ସ ଓ ଜୋଶ ଟଙ୍ଗ୍‌ଙ୍କ ସହ ଏମାନେ ଭାରତୀୟ ବ୍ୟାଟିଂ ଲାଗି ଘାତକ ସାବ୍ୟସ୍ତ ହୋଇପାରନ୍ତି।

**■ ୧୯ଟି ଟେଷ୍ଟରୁ ଜିତିଛି ମାତ୍ର ୩**

ଇଂଲଣ୍ଡ ସହ ୧୯୩୨ରେ ଟେଷ୍ଟ ମ୍ୟାଚ୍ ଖେଳି ଏଠାରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ ପଦାର୍ପଣ କରିଥିଲା। ଏହି ୯୩ ବର୍ଷ ମଧ୍ୟରେ ଦୁଇ ଦଳ ଏଠାରେ ପରସ୍ପର ସହ ୧୯ଥର ମୁହାଁମୁହିଁ ହୋଇଛନ୍ତି। ଏହା ମଧ୍ୟରୁ ଭାରତ ଭାରତ ମାତ୍ର ୩ଟିରେ ଜିତିଥିଲାବେଳେ ୧୨ଟିରେ ପରାଜିତ ହୋଇଛି। ଏଠାରେ ପ୍ରଥମ ଟେଷ୍ଟ ଜିତିବାକୁ ଭାରତକୁ ୫୪ ବର୍ଷ ଲାଗିଥିଲା। ୧୯୮୬ରେ ଦିଲୀପ ଭେଙ୍ଗସରକାରଙ୍କ ଶତକ ଓ ଚେତନ ଶର୍ମାଙ୍କ ଘାତକ ବୋଲିଂ ବଳରେ ଭାରତ ଏଠାରେ ପ୍ରଥମ ବିଜୟ ହାସଲ କରିଥିଲା। ୨୦୨୧ରେ ଲୋକେଶ ରାହୁଲଙ୍କ ଶତକ ବଳରେ ଭାରତ ଏଠାରେ ମଧ୍ୟ ଜିତିଥିଲା। ଏବେ ରାହୁଲ ଟିମ୍‌ରେ ଅଛନ୍ତି। ଏଣୁ ଚତୁର୍ଥ ବିଜୟ ଲାଗି ସେ ଭଲ ପ୍ରଦର୍ଶନ ଦେବେ ବୋଲି ଆଶା କରାଯାଉଛି। ଏଠାରେ ଭାରତର ସର୍ବନିମ୍ନ ସ୍କୋର ୪୨ ରହିଛି।

## ସେମିରେ ସାବାଲେଙ୍କା



ୱିମ୍ବଲଡନ

ଲଣ୍ଡନ, ୮।୭ (ଏଜେନ୍ସି): ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଅନୁଷ୍ଠିତ ମହିଳା ବିଭାଗ କ୍ୱାର୍ଟର ଫାଇନାଲର ଏକ ମ୍ୟାଚରେ ସାବାଲେଙ୍କା ୪-୬, ୬-୨, ୬-୪ ସେଟ୍‌ରେ ବିଶ୍ୱ ମାନ୍ୟତାର ୧୦୪ତମ ସ୍ଥାନରେ ରହିଥିବା ଜର୍ମାନୀର ଲୌରା ସିଗ୍‌ମଣ୍ଡଙ୍କୁ ସହଜରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଗତ ରାତିରେ ୮ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ୬-୪, ୬-୧ ସିଧାସଳଖ ସେଟ୍‌ରେ ଡେନମାର୍କର କ୍ଲାରା ତୌସନଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ପଞ୍ଚମ ସିଡ୍ ଆମେରିକାର ଟେଲର୍ ଫ୍ରିଜ ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟର ଫାଇନାଲର ଏକ ମ୍ୟାଚରେ ଫ୍ରିଜ୍ ୬-୩, ୬-୪, ୧-୬, ୭-୬ (୭/୪) ସେଟ୍‌ରେ ୧୭ତମ ସିଡ୍ ରୁଷିଆର କରନ ଖାଚାନୋଭଙ୍କୁ ହରାଇଛନ୍ତି। ଅପରପକ୍ଷରେ ଟପ୍ ସିଡ୍ ଜାନ୍ନିକ ସିନ୍ନର ରାଉଣ୍ଡ-୧୬ର ଏକ ମ୍ୟାଚରେ ୦-୨ ସେଟ୍‌ରେ ପଛୁଆ ରହିଥିଲେ ମଧ୍ୟ ପ୍ରତିପକ୍ଷ ବୁଲ୍‌ଗେରିଆର ଜର୍ଜିଆ ଦିମିତ୍ରୋଭ ଆହତ ହୋଇ ଓହରିଯିବାରୁ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଥିଲେ।



ୱିମ୍ବଲଡନର ଏକ ମ୍ୟାଚ୍ ଦେଖିବା ଅବସରରେ ପତ୍ନୀ ଅନୁଷ୍କାଙ୍କ ସହ କୋହଲି

## ଇନିଂସ ବିଜୟ ସହ ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

ବୁଲାୱାୟୋ, ୮।୭ (ଏଜେନ୍ସି): ଏଠାରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଜିମ୍ବାୱେ ଶୋଚନୀୟ ଭାବେ ଏକ ଇନିଂସ ଓ ୨୩୬ ରନରେ ପରାଜୟବରଣ କରିଛି। ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ସ୍କୋର ୬୨୬/୫ ରନ ଜବାବରେ ଜିମ୍ବାୱେ ଉଭୟ ପାଳିରେ ଯଥାକ୍ରମେ ୧୭୦ ଓ ୨୨୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ପୂର୍ବରୁ ପ୍ରଥମ ଟେଷ୍ଟକୁ ୩୨୮ ରନରେ ଜିତିଥିବା ଦକ୍ଷିଣ ଆଫ୍ରିକା ଏଥିସହ ସିରିଜକୁ ୨-୦ରେ କ୍ଲିନ ସୁଇପ୍ କରିନେଇଛି।

● ଜାତୀୟ ଜୁନିଅର ମହିଳା ରଗ୍‌ବୀ ସେଭେନ

## କ୍ୱାର୍ଟର ଫାଇନାଲରେ ଓଡ଼ିଶା



ଭୁବନେଶ୍ୱର,୮।୭ (ସମିସ): ଗତଥରର ରନର୍ସଅପ୍ ଓଡ଼ିଶା ଏଥର ଉତ୍ତରାଖଣ୍ଡରେ ଆଜିଠାରୁ ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ମହିଳା ରଗ୍‌ବୀ ସେଭେନ୍ସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଦଳ ଗ୍ରୁପ୍-ବି ଟପ୍ପର ହେବା ପରେ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଅପରାହ୍ଣରେ ଖେଳାଯାଇଥିବା ଏହି ମୁକାବିଲାରେ ଓଡ଼ିଶା ୪୫-୦ରେ ଆୟୋଜକ ଉତ୍ତରାଖଣ୍ଡକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ଦୁଇ ଶକ୍ତିଶାଳୀ ଦଳ ମଣିପୁର ଓ ଉତ୍ତରପ୍ରଦେଶକୁ ହରାଇ ଓଡ଼ିଶା ଗ୍ରୁପ୍-ବି' ଟପ୍ପର ହୋଇଥିଲା। ଆଜି ସକାଳେ ଅନୁଷ୍ଠିତ ଗ୍ରୁପ୍-ବି'ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୫୩-୦ରେ ମଣିପୁର ଓ ଅପରାହ୍ଣରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ୩୮-୫ ପଏଣ୍ଟରେ ପରାସ୍ତ କରିଛି। ଗ୍ରୁପ ଟପ୍ପର ହେବା ସହ ଓଡ଼ିଶା ନକ୍‌ଆଉଟକୁ ଉନ୍ନୀତ ହୋଇଥିଲା। ଗତବର୍ଷ ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ଏଥର ବାଳକ ଦଳ ସହ ସ୍ୱର୍ଣ୍ଣ ପଦକ ବିଜୟୀ ହେବ ବୋଲି ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଆଶା ପ୍ରକାଶ କରିଛନ୍ତି। ଗତବର୍ଷ ବାଳକ ଦଳ ଚାମ୍ପିଅନ ହୋଇଥିଲା।

## ଆହତ ଯୋଗୁ ସ୍ୱର୍ଣ୍ଣ ହରାଇଲେ ଶୁଭ୍ରଜିତ୍

ଭୁବନେଶ୍ୱର,୮।୭ (ସମିସ): ଉଗାଣ୍ଡାର କାମ୍ପାଲାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଖେଳାଳିମାନେ ୪ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ରହିଛି ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ। ଓଡ଼ିଶାରୁ ୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଆଘାତ ଜନିତ କାରଣରୁ ଶୁଭ୍ରଜିତ ମହାରଣା ଏସ୍‌ଏଲ-୪ ଫାଇନାଲ ମୁକାବିଲା କରି ପାରି ନ ଥିଲେ। ଫଳରେ ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପୂଜ୍ୟମ ମିଶ୍ରଙ୍କ ସହ ମିଶି ଶୁଭ୍ରଜିତ ପୁରୁଷ ଯୁଗଳରେ ଆଉ ଏକ ପଦକ ଜିତିଥିଲେ। ଦଳ ଲାଗି ତୃତୀୟ ପଦକ ଜିତିଥିଲେ ବିଭାସିନ୍ଧୁ ବାରିକ। ଏସ୍‌ଏଲ୍୩-ଏସ୍‌ଏଲ୪ କାଟାଗୋରୀରେ ମଧ୍ୟପ୍ରଦେଶର ଚନ୍ଦ୍ରପ୍ରକାଶଙ୍କ ସହ ଯୋଡି ହୋଇ ସେମିଫାଇନାଲରେ ପ୍ରବେଶ କରି କାଂସ୍ୟ ପଦକ ଜିତିଥିଲେ। ପୁରୁଷ ଏକକ ଡବ୍ଲ୍ୟୁଏଚ୍-୨ରେ ନୁରୁଲ ହାସନ ସେମିଫାଇନାଲରେ ପ୍ରବେଶ କରିବା ସହ ଚତୁର୍ଥ କାଂସ୍ୟ ପଦକ ଜିତିଥିଲେ।

## ବ୍ରାଣ୍ଡ ମୂଲ୍ୟରେ ଚେନ୍ନାଇକୁ ଟପିଲା ବେଙ୍ଗାଲୁରୁ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ୨୦୦୮ରେ ଆରମ୍ଭ ହୋଇଥିବା ଆଇପିଏଲ୍ ମାତ୍ର କିଛି ବର୍ଷ ମଧ୍ୟରେ ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ଲିଗ୍ ହୋଇଯାଇଥିଲା ଏବଂ ଏହାର ବ୍ରାଣ୍ଡ ଭାଲ୍ୟୁ ମଧ୍ୟ ବର୍ଷକୁ ବର୍ଷ ବୃଦ୍ଧି ପାଇଥିଲା। ଆମେରିକାସ୍ଥିତ ଗ୍ଲୋବାଲ ଇନଭେଷ୍ଟ ବ୍ୟାଙ୍କ୍ 'ହୋଲିଆନ୍ ଲୋକି'ର ସଦ୍ୟ ଏକ ରିପୋର୍ଟ ମୁତାବକ, ବର୍ତ୍ତମାନ ଆଇପିଏଲ୍‌ର ବ୍ରାଣ୍ଡ ଭାଲ୍ୟୁ ୧୨.୯ ପ୍ରତିଶତ ବୃଦ୍ଧି ପାଇ ୧୮.୫ ବିଲିୟନ ଡଲାରରେ ପହଞ୍ଚିଛି। ଯାହା ଭାରତୀୟ ମୁଦ୍ରାରେ ୧.୫୮ ଲକ୍ଷ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଯଦି ଆଇପିଏଲ୍‌ର ସମସ୍ତ ୧୦ ଫ୍ରାଞ୍ଚାଇଜର ବ୍ରାଣ୍ଡ ଭାଲ୍ୟୁ ଉପରେ ନଜର ପକାଇବା ତେବେ ପ୍ରଥମଥର ଆଇପିଏଲ୍ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୬୯ ମିଲିୟନ ଡଲାର ସହ ଶୀର୍ଷକୁ ଉଠିଛି। ବେଙ୍ଗାଲୁରୁର ବର୍ତ୍ତମାନ ବ୍ରାଣ୍ଡ ମୂଲ୍ୟ ୨୩୦୮ କୋଟି ଟଙ୍କା ରହିଛି। ଯାହା ବର୍ଷକ ତଳେ ୧୯୪୭ କୋଟି ଟଙ୍କା ଥିଲା। ଏହିକ୍ରମରେ ମୁମ୍ବାଇ ୨୦୭୫ କୋଟି ସହ ଦ୍ୱିତୀୟ ସ୍ଥାନକୁ ଉଠିଥିବାବେଳେ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପ୍ରଥମରୁ ୩ୟ ସ୍ଥାନକୁ ଖସିଯାଇଛି। ଗତ ବର୍ଷ ଚେନ୍ନାଇର ବ୍ରାଣ୍ଡ ଭାଲ୍ୟୁ ୧୯୮୧ କୋଟି ଟଙ୍କା ରହିଥିବାବେଳେ ଚଳିତ ବର୍ଷ ଏଥିରେ ମାତ୍ର ୪ ମିଲିୟନ ଡଲାର ବୃଦ୍ଧି ଘଟି ୨୦୧୫ କୋଟିରେ ପହଞ୍ଚିଛି।

## ସିନିଅର୍ ର୍‌ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଆରମ୍ଭ



ଭୁବନେଶ୍ୱର,୮।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ପ୍ରଥମଥର ସିନିଅର ର୍‌ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଆଜିଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥିଭାବେ ଯୋଗ ଦେଇ କଳିଙ୍ଗ ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟରରେ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଆଜିଠାରୁ କ୍ୱାଲିଫାଇଂ ମୁକାବିଲା ଆରମ୍ଭ ହୋଇଥିଲାବେଳେ ଜୁଲାଇ ୧୫ ଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ୧୫୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଳିନ କୁମାର ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

ଓଡ଼ିଶା ରାଜ୍ୟ ର୍‌ୟାଙ୍କିଙ୍ଗ୍ ଟିଟି

## ଶ୍ୱେତାପଦ୍ମା, ଶ୍ୱେତାଙ୍କୁ ଦ୍ୱିମୁକୁଟ




ଭୁବନେଶ୍ୱର,୮।୭ (ସମିସ): ଭୁବନେଶ୍ୱର ଟେବଲ ଟେନିସ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ୧୯ ବର୍ଷରୁ କମ୍ ବାଳିକା ଏକକରେ ଶ୍ୱେତପଦ୍ମା ଦଳାଇ ଚାମ୍ପିଅନ ହୋଇଛନ୍ତି। ମହିଳାରେ ଏଜିର ନେହା କୁମାରୀ ଓ ବାଳିକାରେ କଟକର ସାକ୍ଷୀ ଭଗତ ରନର୍ସ ଅପ୍ ହୋଇଥିଲେ। ସେହିପରି ଶ୍ୱେତା ବର୍ମା ୧୩ ଓ ୧୫ ବର୍ଷରୁ କମ୍ ବାଳିକା ଏକକ, ଉର୍ଜା ବର୍ମା ୧୭ ବର୍ଷରୁ କମ୍ ଓ ପୁରୀର ଗାୟତ୍ରୀ ପଟ୍ଟନାୟକ ୧୧ ବର୍ଷରୁ କମ୍ ବାଳିକା ଏକକରେ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୁଷ ଏକକରେ ଏଜିର ମୈନାକ ଦାସ ଚାମ୍ପିଅନ ହୋଇଛନ୍ତି। ୧୯ ଓ ୧୭ ବର୍ଷରୁ କମ୍ ବାଳକ ଏକକରେ କଟକର ଜିଜ୍ଞାସୁ ସାହୁ, ୧୫ ବର୍ଷରୁ କମ୍ ଏକକରେ ଜିଜ୍ଞାସୁ ସାଇକିରଣ, ୧୩ ବର୍ଷରୁ କମ୍‌ରେ ଅଭିଷେକ ଦାସ ଓ ୧୧ ବର୍ଷରୁ କମ୍ ବାଳକରେ ରୁଦ୍ର ରଣବୀର ଚାମ୍ପିଅନ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଉଦ୍‌ଯାପିତ

## ଓଡ଼ିଶା ଜିତିଲା ୨୦ ପଦକ

ଭୁବନେଶ୍ୱର, ୮।୭ (ସମିସ): ଆମେରିକାରେ ଉଦ୍‌ଯାପିତ ହୋଇଯାଇଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଓଡ଼ିଶା ପୁଲିସ ସ୍ମରଣୀୟ ସଫଳତା ହାସଲ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ୨୦ ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ଓଡ଼ିଶା ପୁଲିସରେ କାର୍ଯ୍ୟରତ ଥିବା ଅଶୋକ ଦଣ୍ଡସେନା ସବୁଠୁ ସଫଳ କ୍ରୀଡ଼ାବିତ୍ ରହିଛନ୍ତି। ସେ ଏକାକୀ ୪ଟି ସ୍ୱର୍ଣ୍ଣପଦକ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ସୁସ୍ମିତା ଟିଗା ଓ ସବିତା ଟପ୍ପୋ ମଧ୍ୟ ଏକାଧିକ ପଦକ ଜିତି ସଫଳ ସାବ୍ୟସ୍ତ ହୋଇଛନ୍ତି। ଏହି ୩ଜଣ କ୍ରୀଡ଼ାବିତ୍ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।


ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.


## ନାଭାଲ ଟାଟା ଗ୍ରାସ୍‌ରୁଟ୍ ହକି ଲିଗ୍ ଆରମ୍ଭ

ଭୁବନେଶ୍ୱର, ୮।୭ (ସମିସ)



ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟ ମଙ୍ଗଳବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୁଷ ଓ ମହିଳା ବିଭାଗରେ ୮ଟି ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ବିଭାଗରେ ରାଜଗାଙ୍ଗପୁର ଏଚ୍‌ଟିସି ୨-୧ ଗୋଲରେ ସଉନାମୁର ଏଚ୍‌ଟିସିକୁ, କୁତ୍ରା ଏଚ୍‌ଟିସି ୧-୦ରେ ସବଡେଗା ଏଚ୍‌ଟିସିକୁ, କଉରମୁଣ୍ଡା ଏଚଟିସି ୩-୧ରେ ନୂଆଗାଁ ଏଚ୍‌ଟିସିକୁ ଓ କରଡ଼ାପାଲ ଏଚ୍‌ଟିସି ୪-୧ ଗୋଲରେ ଛତ୍ରପୁର ଏଚ୍‌ଟିସିକୁ ପରାସ୍ତ କରିଛି। ସେହିଭଳି ମହିଳା ବିଭାଗରେ ଲାଠିକଟା, ଗୁରୁଣ୍ଡିଆ, ବମ୍ରା ଓ ଯାଜପୁର ଏଚ୍‌ଟିସି ବିଜୟୀ ହୋଇଛନ୍ତି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ତର୍ଜାତୀୟ ହକି ଖେଳାଳି ଦିପସାନ ତିର୍କୀ, କ୍ରୀଡ଼ା ବିଭାଗର ଆଡିସନାଲ ସେକ୍ରେଟାରୀ ବିଜୟ ସ୍ୱାଇଁ, ନାଭାଲ ଟାଟା ହକି ଏଚ୍‌ପିସି ଓଡ଼ିଶାର ପ୍ରୋଜେକ୍ଟ ଡିରେକ୍ଟର ରାଜୀବ ସେଠ୍ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

## କ୍ରମାଗତ ୨ୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୮।୭ (ସମିସ): ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକି ଚାମ୍ପିଅନସିପ୍‌ର ୧୫ତମ ସଂସ୍କରଣରେ ଓଡ଼ିଶା ଦଳ କ୍ରମାଗତ ୨ୟ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୩-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ସଞ୍ଜନା କିରୋ, ସ୍ୱିଟି କୁଜୁର ଓ ପ୍ରିୟଙ୍କା ମିଞ୍ଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଗତକାଲି ପଞ୍ଜାବକୁ ୩-୧ ଗୋଲରେ ହରାଇଥିବା ଓଡ଼ିଶା ଏଥିସହ ଗ୍ରୁପ୍-ବି'ରେ ୬ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଓଡ଼ିଶା ଜୁଲାଇ ୧୧ରେ ଖେଳାଯିବାକୁ ଥିବା କ୍ୱାର୍ଟରରେ ଦିଲ୍ଲୀ କିମ୍ବା ବିହାରକୁ ଭେଟିପାରେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS